

# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



ବର୍ଷ- ୧୧ ସଂଖ୍ୟା-୨୦୮ ଭୁବନେଶ୍ୱର ବୁଧବାର, ଅପ୍ରେଲ୍ ୧୬.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.208 Bhubaneswar, Tuesday, April 16, 2025


# ଟ୍ୱିନ ସିଟିରେ କାଳ ବୈଶାଖୀ ତାଣ୍ଡବ



ଭୁବନେଶ୍ୱର,୧୫/୪: କାଳବୈଶାଖୀ ଜନିତ ବର୍ଷା କାରଣରୁ ରାଜଧାନୀ ବାସୀଙ୍କୁ ଗରମରୁ ମିଳିଛି ସାମାନ୍ୟ ଆଶ୍ୱସ୍ତି। ମଙ୍ଗଳବାର ଅପରାହ୍ନରେ ପ୍ରାୟ ୪୫ ମିନିଟରୁ ଅଧିକ ସମୟ ଧରି ବର୍ଷା ଲାଗି ରହିଥିଲା। ଏହା ସହିତ ପବନର ପ୍ରକୋପ ମଧ ଦେଖିବାକୁ ମିଳିଥିଲା। ପୂର୍ବରୁ ପାଣିପାଗ ବିଭାଗ ପକ୍ଷରୁ ୪ ଦିନ ପାଇଁ ବର୍ଷା ଓ ପବନ ହେବା ନେଇ ସତର୍କ ସୂଚନା ଜାରି କରାଯାଇଥିଲା।କାଳବୈଶାଖୀ ଜନିତ ବର୍ଷା କାରଣରୁ ରାଜଧାନୀ ବାସୀଙ୍କୁ ଗରମରୁ ମିଳିଛି ସାମାନ୍ୟ ଆଶ୍ୱସ୍ତି। ମଙ୍ଗଳବାର ଅପରାହ୍ନରେ ପ୍ରାୟ ୪୫ ମିନିଟରୁ ଅଧିକ ସମୟ ଧରି ଭୁବନେଶ୍ୱର ଓ କଟକରେ ବର୍ଷା ଲାଗି ରହିଥିଲା। ଏହା ସହିତ ପବନର ପ୍ରକୋପ ମଧ ଦେଖିବାକୁ ମିଳିଥିଲା। ପୂର୍ବରୁ ପାଣିପାଗ ବିଭାଗ ପକ୍ଷରୁ ୪ ଦିନ ପାଇଁ ବର୍ଷା ଓ ପବନ ହେବା ନେଇ ସତର୍କ ସୂଚନା ଜାରି କରାଯାଇଥିଲା। ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଉପକୂଳ, ଉତ୍ତର ଏବଂ ଦକ୍ଷିଣ ଓଡ଼ିଶାରେ ହେବ କାଳବୈଶାଖୀ ବର୍ଷା। ଘଡ଼ଘଡ଼ି ବିଜୁଳି ସହିତ କେତେକ ସ୍ଥାନରେ ପ୍ରବଳ ବର୍ଷା ବି ହୋଇପାରେ। ସେପଟେ ୧୨ ଜିଲ୍ଲାକୁ କାଳବୈଶାଖୀ ବର୍ଷା ନେଇ ସତର୍କତା ଜାରି କରିଛି ପାଣିପାଗ ବିଭାଗ । ସେ ଜିଲ୍ଲାଗୁଡ଼ିକ ହେଲା ଜଗତସିଂହପୁର, ଖୋର୍ଦ୍ଧା, ନୟାଗଡ, ମୟୁରଭଞ୍ଜ, କେନ୍ଦୁଝର, ଗଞ୍ଜାମ, ବୌଦ୍ଧ, ନୂଆପଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ ଓ ଅନୁଗୁଳ । ଏସବୁ ଜିଲ୍ଲାଗୁଡିକ ପାଇଁ ଆଗାମୀ ୩ ଘଣ୍ଟା ପାଇଁ ସତର୍କତା ଜାରି କରାଯାଇଛି । ବିଜୁଳି ଘଡ଼ଘଡ଼ି ସହ ବର୍ଷା ଓ ୪୦ ରୁ ୫୦ କିମି ପବନ ବୋହିବ ନେଇ ଆକଳନ କରିଛି ପାଣିପାଗ ବିଭାଗ । ସେହିପରି କିଛି ଅଞ୍ଚଳରେ କୁଆପଥର ବର୍ଷା ସମ୍ଭାବନା ରହିଛି । ଆଜି ବର୍ଷା ଓ ପବନ ପାଇଁ ୧୯ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଥିଲା। ପଶ୍ଚିମ ଓଡ଼ିଶାରେ କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ତେବେ ୧୯ ତାରିଖରୁ ଶୁଖିଲା ରହିବ ପାଗ। ସେହିପରି ଆଗାମୀ ୪ରୁ ୫ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି କହିଛି ପାଣିପାଗ କେନ୍ଦ୍ର। ସୂଚନାଯୋଗ୍ୟ, ରାଜ୍ୟରେ କିଛି ଦିନ ହେବ କାଳବୈଶାଖୀ ପ୍ରଭାବରେ ବର୍ଷା ଓ ପବନ ହେଉଛି। ଫଳର ତାତିରୁ ରାଜ୍ୟ ବାସୀଙ୍କୁ ଆଶ୍ୱସ୍ତି ମିଳିଛି ସେହିଭଳି ୧୬ ତାରିଖରେ ୨୧ ଜିଲ୍ଲା ଏବଂ ୧୭ରେ ୨୩ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି । ୧୮ ତାରିଖରେ ୧୭ ଜିଲ୍ଲାରେ ଘଡ଼ଘଡ଼ି ବିଜୁଳି ସହ ବର୍ଷା ପବନ ହେବାର ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ କେନ୍ଦ୍ର । କିଛି ସ୍ଥାନରେ ପ୍ରବଳ ବର୍ଷା ବି ହୋଇପାରେ । ପାଣିପାଗ ବିଭାଗର ଆକଳନ ଅନୁସାରେ, ପଶ୍ଚିମ ଓଡ଼ିଶାରେ କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ତେବେ ୧୯ ତାରିଖରୁ ରାଜ୍ୟରେ ପାଗ ଶୁଖିଲା ରହିବ । ସେହିପରି ଆଗାମୀ ୪ରୁ ୫ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ଆକଳନ କରାଯାଇଛି ।

## ନ୍ୟାସନାଲ ହେରାଲ୍ଡ ମାମଲା
## ରାହୁଲ, ସୋନିଆଙ୍କ ବିରୋଧରେ ଚାର୍ଜସିଟ୍



ନୂଆଦିଲ୍ଲୀ,୧୫/୪: ନ୍ୟାସନାଲ ହେରାଲ୍ଡ ସହ ଜଡିତ ମନି ଲଣ୍ଡରିଂ ମାମଲାରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ବିରୋଧରେ ଇଡି ଅଭିଯୋଗପତ୍ର ବା ଚାର୍ଜସିଟ୍ ଦାଖଲ କରିଛି। ଚାର୍ଜସିଟରେ କଂଗ୍ରେସ ଓଭରସିଜ୍ ମୁଖ୍ୟ ସାମ ପିତ୍ରୋଡାଙ୍କ ନାମ ମଧ ସାମିଲ ଅଛି। ଏଥିରେ ସୁମନ ଦୁବେ ଏବଂ ଅନ୍ୟମାନଙ୍କ ନାମ ମଧ ଅନ୍ତର୍ଭୁକ୍ତ ଅଛି। ଇଡି ରାଉଜ୍ ଆଭେନ୍ୟୁ କୋର୍ଟରେ ଏକ ଚାର୍ଜସିଟ୍ ଦାଖଲ କରିଛି। ଏହି ମାମଲାରେ ଅଭିଯୋଗଗୁଡ଼ିକର ବିଚାର ପାଇଁ କୋର୍ଟ ଏପ୍ରିଲ ୨୫ ତାରିଖକୁ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରିଛନ୍ତି। ଏହା ପ୍ରଥମ ଥର ଯେତେବେଳେ କି କଂଗ୍ରେସ ସଂସଦୀୟ ଦଳ ନେତା ସୋନିଆ ଗାନ୍ଧୀ ଏବଂ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ କୌଣସି ମାମଲାରେ ଚାର୍ଜସିଟ୍ ଦାଖଲ କରାଯାଇଛି। ହରିୟାଣାରେ ଏକ ରିଅଲ୍ ଇଷ୍ଟେଟ୍ ଡିଲ୍ ସହିତ ଜଡିତ ମନି ଲଣ୍ଡରିଂ ଅଭିଯୋଗରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀଙ୍କ ସ୍ୱାମୀ ବ୍ୟବସାୟୀ ରବର୍ଟ ଭାଡ୍ରାଙ୍କୁ ତଦନ୍ତ ଏଜେନ୍ସି ପଚରାଉଚରା କରିବାର କିଛି ଘଣ୍ଟା ପରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା।

## SHG ମହିଳାଙ୍କୁ ସୁଧମୁକ୍ତ ଋଣ ପ୍ରଦାନ

ଭୁବନେଶ୍ୱର୧୫/୪: ଆଜି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ରାଜ୍ୟ ସରକାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କ ପାଇଁ ସୁଧ ମୁକ୍ତ ଋଣ ବ୍ୟବସ୍ଥାକୁ ଜାରି ରଖିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ସୂଚନା ଯୋଗ୍ୟ ଯେ, ଏହି ସୁଧ ମୁକ୍ତ ଋଣ ମୁକ୍ତ ବ୍ୟବସ୍ଥାକୁ ମୁଖ୍ୟମନ୍ତ୍ରୀ ପୂର୍ବରୁ ୩୧ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଜାରି ରଖିଥିଲେ। ଆଜି ଏହାକୁ ୨୦୨୫-୨୬ ଆର୍ଥିକ ବର୍ଷ ଓ ପରବର୍ତ୍ତୀ ବର୍ଷ ଗୁଡିକ ପାଇଁ ଜାରିରଖିବା ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ଏହା ଦ୍ୱାରା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡିକ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇପାରିବେ। ଏହି ପଦକ୍ଷେପ ରାଜ୍ୟରେ ମହିଳା ଉଦ୍ୟୋଗୀ ଓ ଲକ୍ଷପତି ଦିଦି ସୃଷ୍ଟି କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ସହିତ ମହିଳା ଭାଗିଦାରୀ ଜରିଆରେ ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଅର୍ଥନୀତି ସୁଦୃଢ ହେବ ବୋଲି ସେ କହିଛନ୍ତି

## ୧୮ ଜିଲ୍ଲାରେ ବିଜେଡି ସଭାପତି ଘୋଷିତ

ଭୁବନେଶ୍ୱର: ସାଧାରଣ ନିର୍ବାଚନ-୨୦୨୪ରେ ଶୋଚନୀୟ ପରାଜୟ ପରେ ବିଜୁ ଜନତା ଦଳ (ବିଜେଡି) ନିଜର ସଂଗଠନକୁ ଶକ୍ତିଶାଳୀ କରିବାକୁ ଅଣ୍ଟା ଭିଡ଼ିଛି। ଏଥି ପାଇଁ ବିଜେଡିର ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବା ବେଳେ ମଙ୍ଗଳବାର ୧୮ଟି ଜିଲ୍ଲା ପାଇଁ ସଭାପତିଙ୍କ ନାମ ଘୋଷଣା ହୋଇଛି। ଏହି ତାଲିକାରେ ବରିଷ୍ଠ ତଥା ଅଭିଜ୍ଞ ନେତାଙ୍କୁ ଗୁରୁତ୍ୱ ଦିଆଯାଇଛି। କନ୍ଧମାଳ, ବୌଦ୍ଧ ଓ ମୟୂରଭଂଜ ଜିଲ୍ଲା ପାଇଁ ବିଜେଡି ଅଭିଜ୍ଞ ତଥା ବରିଷ୍ଠ ନେତାଙ୍କୁ ସଭାପତି କରିଛି। ଅନୁଗୁଳ ଜିଲ୍ଲା ପାଇଁ ବ୍ରଜକିଶୋର ପ୍ରଧାନଙ୍କୁ ବିଜେଡି ସଭାପତି କରିଛି। ପୁରୀରେ ଉମା ସାମନ୍ତରାୟ, ବରଗଡ଼ରେ ସୁଶାନ୍ତ କୁମାର ମହାପାତ୍ର, ଭଦ୍ରକରେ ଜଗନ୍ନାଥ ସ୍ୱାଇଁ, ବୌଦ୍ଧରେ ପ୍ରଦୀପ ଅମାତ, ଦେବଗଡ଼ରେ ରୋମାଞ୍ଚ ରଂଜନ ବିଶ୍ୱାଳ, ଗଜପତିରେ ପ୍ରଦୀପ ନାୟକ ବିଜେଡି ଜିଲ୍ଲା ସଭାପତି ହୋଇଛନ୍ତି। ବିଜେଡି ପକ୍ଷରୁ କୁହାଯାଇଛି ଯେ, ଅନୁଗୁଳ ଜିଲ୍ଲା ପାଇଁ ବ୍ରଜକିଶୋର ପ୍ରଧାନଙ୍କୁ ସଭାପତି କରାଯାଇଛି। ପୁରୀରେ ଉମା ସାମନ୍ତରାୟ, ବରଗଡ଼ରେ ସୁଶାନ୍ତ କୁମାର ମହାପାତ୍ର, ଭଦ୍ରକରେ ଜଗନ୍ନାଥ ସ୍ୱାଇଁ, ବୌଦ୍ଧରେ ପ୍ରଦୀପ ଅମାତ, ଦେବଗଡ଼ରେ ରୋମାଞ୍ଚ ରଂଜନ ବିଶ୍ୱାଳ, ଗଜପତିରେ ପ୍ରଦୀପ ନାୟକ, ଜଗତସିଂହପୁରରେ ପ୍ରଶାନ୍ତ ମୁଦୁଲି, ଯାଜପୁରରେ ସରୋଜ ମହାପାତ୍ର, ଝାରସୁଗୁଡ଼ାରେ ହରୀଶ ଗଣ୍ଡତ୍ରା, କନ୍ଧମାଳରେ ପଦ୍ମନାଭ ବେହେରା, ମାଲକାନଗିରିରେ ମାନସ ମାଡ଼କାମୀ, ମୟୂରଭଂଜରେ ସୁଦାମ ମାରାଣ୍ଡି, ନୟାଗରେ ରମେଶ ବେହେରା, ନୂଆପଡ଼ାରେ ଅବନୀ ଯୋଶୀ, ସୁବର୍ଣ୍ଣପୁରରେ ସରୋଜ କମ୍ପ, ନବରଂଗପୁରରେ ମନୋହର ରନ୍ଧାରୀ ଓ ସୁନ୍ଦରଗଡ଼ରେ ଯୋଗେଶ ସିଂଙ୍କୁ ସଭାପତି କରାଯାଇଛି।

## ଦୁଗ୍ଧ ଚାଷୀଙ୍କୁ ୩୧.୧୦ କୋଟିର ପ୍ରୋତ୍ସାହନ ଦେଲେ ସରକାର



ଭୁବନେଶ୍ୱର,୧୫/୪: ରାଜ୍ୟ ସରକାର ପ୍ରାୟ ୧ ଲକ୍ଷ ଓମଫେଡର ଯୋଗ୍ୟ ଦୁଗ୍ଧ ଚାଷୀଙ୍କୁ ୩୧.୧୦ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ଦେଇଛନ୍ତି। ଏହି ଅର୍ଥ ଓମଫେଡ୍ ପକ୍ଷରୁ ଡିବିଟି ମାଧ୍ୟମରେ ସିଧାସଳଖ ଚାଷୀଙ୍କ ଆକାଉଣ୍ଟକୁ ଯାଇଛି। ସେପ୍ଟେମ୍ବର ୨୦୨୪ରୁ ଫେବ୍ରୁଆରି ୨୦୨୫ ମଧ୍ୟରେ ଯେଉଁ ଚାଷୀ ଯେଉଁ ପରିମାଣର ଦୁଗ୍ଧ ଓମଫେଡକୁ ଦେଇଛନ୍ତି, ସେମାନଙ୍କ ବ୍ୟାଙ୍କ ଖାତାକୁ ସେହି ଅନୁପାତରେ ଏହି ପ୍ରୋତ୍ସାହନ ରାଶି ଯାଇଛି। ସାଧାରଣତଃ ଗତ ସେପ୍ଟେମ୍ବରରୁ-ଫେବ୍ରୁଆରି ପର୍ଯ୍ୟନ୍ତ ୬ ମାସ ହେଉଛି ଦୁଗ୍ଧର ତିରୋଟ ସମୟ ବା ଦୁଗ୍ଧ ଉତ୍ପାଦନ କମ୍ ହୋଇଥାଏ। ଏହି ସମୟରେ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବା ତଥା ସେମାନଙ୍କର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଓମଫେଡ୍ ପକ୍ଷରୁ ଲିଟର ପିଛା ୧ ରୁ ୫ ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ପୂର୍ବରୁ ଘୋଷଣା କରାଯାଇଥିଲା। ଏଥିପାଇଁ ରାଜ୍ୟ ସରକାର ମଧ ଓମଫେଡକୁ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। ସଂପ୍ରତି ରାଜ୍ୟରେ ମୋଟ ୧୧ଟି ଜିଲ୍ଲା ଦୁଗ୍ଧ ସମବାୟ ସମିତି ରହିଛି। ଏହି ୧୧ଟି ଜିଲ୍ଲା ଦୁଗ୍ଧ ସମୟବାୟ ସମିତି ମଧ୍ୟରୁ ସର୍ବାଧିକ ୩୩ ହଜାର ଚାଷୀ କଟକ ଜିଲ୍ଲା ଦୁଗ୍ଧ ସମବାୟ ସମିତିରେ ରହିଛନ୍ତି। କଟକ ପଛକୁ ରହିଛି ବାଲେଶ୍ୱର। ଏହି ଜିଲ୍ଲା ଦୁଗ୍ଧ ସମବାୟ ସମିତିରେ ୧୮ ହାଜର ଚାଷୀ ରହିଛନ୍ତି। ସର୍ବନିମ୍ନ ଅର୍ଥାତ୍ ୫୩୧ ଜଣ ଚାଷୀ ରହିଛନ୍ତି ମୟୂରଭଂଜ ଜିଲ୍ଲା ଦୁଗ୍ଧ ସମବାୟ ସମିତିରେ। କଟକ ଜିଲ୍ଲା ଦୁଗ୍ଧ ସମବାୟ ସମିତି ଅଧିନରେ ଥିବା ଚାଷୀଙ୍କ ଖାତାକୁ ସର୍ବାଧିକ ୧୩ କୋଟି ଟଙ୍କା ଯାଇଥିବା ବେଳେ ବାଲେଶ୍ୱର ଜିଲ୍ଲା ଦୁଗ୍ଧ ସମବାୟ ସମିତି ଚାଷୀଙ୍କ ଖାତାକୁ ଯାଇଛି ୫ କୋଟି। ସେହିପରି ସମ୍ବଲପୁରକୁ ୪.୭୩ କୋଟି, ବଲାଙ୍ଗୀର-କଳାହାଣ୍ଡି-ନୂଆପଡା ଜିଲ୍ଲା ଦୁଗ୍ଧ ସମବାୟ ସମିତ ଅଧିନରେ ଥିବା ଚାଷୀଙ୍କ ଖାତାକୁ ୨.୬୨ କୋଟି, ପୁରୀ ଜିଲ୍ଲାକୁ-୨.୩୨ କୋଟି ଟଙ୍କା ଯାଇଥିବା ବେଳେ ସର୍ବନିମ୍ନ ପ୍ରୋତ୍ସାହନ ରାଶି ଯାଇଛି ମୟୂରଭଂଜ ଜିଲ୍ଲା ଦୁଗ୍ଧସମବାୟ ସମିତି ଅଧିନରେ ଥିବା ଚାଷୀଙ୍କ ଖାତାକୁ। ମୟୂରଭଞ୍ଜ ଜିଲ୍ଲାକୁ ଯାଇଛି ମାତ୍ର ୨୦ ଲକ୍ଷ ଟଙ୍କା। ଓମ୍‌ଫେଡ୍ ପକ୍ଷରୁ କୁହାଯାଇଛି ଯେ, ଆଗାମୀ ବର୍ଷରେ ଏହି ପ୍ରୋତ୍ସାହନ ରାଶି ପ୍ରଦାନ ପ୍ରକ୍ରିୟା ଜାରି ରହିବ। କେବଳ ସେତିକି ନୁହେଁ, ବର୍ଷ ସାରା ଓମଫେଡର ଦୁଗ୍ଧ ଚାଷୀଙ୍କୁ ଲିଟର ପିଛା ୨ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ଦେବା ପାଇଁ ରାଜ୍ୟ ସରକାର ଚିନ୍ତା କରୁଛନ୍ତି ବୋଲି କହିଛନ୍ତି ଓମଫେଡର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ। ଏହି ଅର୍ଥ କୌଣସି ୟୁନିୟନ ମାଧ୍ୟମରେ ଦିଆଯାଇ ନାହିଁ। ଏହା ସିଧାସଳଖ ଡିବିଟି ମାଧ୍ୟମରେ ଚାଷୀଙ୍କ ଖାତାକୁ ଯାଇଛି। ଫଳରେ ଚାଷୀମାନେ ଏହି ପ୍ରୋତ୍ସାହନ ରାଶି ପାଇବା ପରେ ବେଶ ଖୁସି ପ୍ରକଟ କରିବା ସହ ଓମଫେଡ୍ ଏବଂ ରାଜ୍ୟ ସରକାରଙ୍କୁ ନିଜର କୃତଜ୍ଞତା ଜଣାଇଛନ୍ତି।

## ଭୁବନେଶ୍ୱରରେ ବ୍ୟାପିଛି ଝାଡ଼ାବାନ୍ତି: ଆକ୍ରାନ୍ତ ସଂଖ୍ୟା ୧୪୦ରୁ ଅଧିକ

ଭୁବନେଶ୍ୱର,୧୫/୪: ଭୁବନେଶ୍ୱରରେ ବ୍ୟାପିଛି ଝାଡ଼ାବାନ୍ତି । ଆକ୍ରାନ୍ତ ସଂଖ୍ୟା ୧୪୦ ରୁ ଅଧିକ ହେଲାଣି । ଦୂଷିତ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି ସାଧାରଣ ଲୋକ । ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଏବେ ହସ୍ପିଟାଲରେ ହେଉଛନ୍ତି ଚିକିତ୍ସିତ । ଭୁବନେଶ୍ୱର ସ୍ଥିତ ଚନ୍ଦ୍ରଶେଖରପୁର ୧୩ ନମ୍ବର ୱାର୍ଡରୁ ଆସିଛି ଏମିତି ଏକ ଖବର ଯାହା ରାଜଧାନୀ ବାସିନ୍ଦାଙ୍କ ଚିନ୍ତା ବଢ଼ାଇ ଦେଇଛି । ଗତ ଶନିବାରଠାରୁ ଭୁବନେଶ୍ୱର ସ୍ଥିତ ନୀଳମାଧବ ନିବାସରେ ବ୍ୟାପିବାରେ ଲାଗିଛି ଝାଡ଼ାବାନ୍ତି । ଏଥିରେ ପ୍ରାୟ ଦେଢ଼ ଶହ ଲୋକ ଏବେ ସୁଦ୍ଧା ଆକ୍ରାନ୍ତ ହେଲେଣି ।

## ରାଜ୍ୟରେ ନୂଆ ୨,୫୦୦ ଗୃହରକ୍ଷୀ ପଦବୀ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୫/୪: ଖୁସି ଖବର। ରାଜ୍ୟରେ ଆଉ ନୂଆ ୨,୫୦୦ ଗୃହରକ୍ଷୀ ପଦବୀକୁ ମିଳିଛି ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ । ରାଜ୍ୟରେ ସୃଷ୍ଟି ହୋଇଛି ୨,୫୦୦ ନୂଆ ଗୃହରକ୍ଷୀ ପଦବୀ। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ରାଜ୍ୟରେ ବର୍ତ୍ତମାନ ଗୃହରକ୍ଷୀ ପଦବୀ ସଂଖ୍ୟା ୧୭,୬୭୫ ଅଛି। ୨,୫୦୦ ନୂଆ ପଦବୀ ସୃଷ୍ଟି ହେବା ପରେ ସମୁଦାୟ ପଦବୀ ସଂଖ୍ୟା ୨୦,୧୭୫କୁ ବୃଦ୍ଧି ପାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ କରିବା ପାଇଁ ରାଜ୍ୟ ପୁଲିସ ବାହିନୀରେ ପଦବୀ ସଂଖ୍ୟା ବୃଦ୍ଧି କରାଯିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିଲେ। ରାଜ୍ୟ ପୁଲିସ ବିଭାଗର ବିଭିନ୍ନ ଶାଖାରେ ପ୍ରାୟ ୧୨,୦୦୦ ପଦବୀ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଛନ୍ତି।

## ଆସନ୍ତା ୧୯ ଯାଏଁ ପ୍ରବଳ ବର୍ଷିବ



ଭୁବନେଶ୍ୱର,୧୫/୪: ଟ୍ରପଲାଇନ ପ୍ରଭାବରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀ ବର୍ଷା ହେବାର ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। କୁଆପଥର ମାଡ ସହ ୫୦ରୁ ୬୦ କିମି ବେଗରେ ବହିବ ପବନ। ପାଣିପାଗ ବିଭାଗ ପକ୍ଷରୁ ରାଜ୍ୟରେ ଅଧିକାଂଶ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଗତ ୨୪ ଘଣ୍ଟାରେ ସବୁଠୁ ଅଧିକ ବର୍ଷା ରେକର୍ଡ କରାଯାଇଛି ୩୮ ମିଲିମିଟର ନୂଆପଡା ଜିଲ୍ଲାରେ। ସେହିପରି ସର୍ବାଧିକ ତାପମାତ୍ରା ବୌଦ୍ଧ ଜିଲ୍ଲାରେ ରେକର୍ଡ କରାଯାଇଛି। ଆସନ୍ତା ୧୯ତାରିଖ ପର୍ଯ୍ୟନ୍ତ ବର୍ଷିବ। ହାଲୁକା ସହ ମଧ୍ୟମ ଧରଣର ବର୍ଷା ହେବ। ବିଜୁଳି ଘଡଘଡି ସହ ପବନ ବହିବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ପାଇଁ ରାଜ୍ୟର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେ । ବିଜୁଳି, ଘଡଘଡି, କୁଆପଥର ବର୍ଷା ତା ସହିତ ଝଟକା ପବନ ୫୦ରୁ ୬୦ କିମି ବେଗରେ ବହିବାର ସମ୍ଭାବନା ରହିଛି। ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଅନୁଗୋଳ, ନୟାଗଡ,ଗଞ୍ଜାମ, ଗଜପତି, କୋରାପୁଟକୁ ୱାର୍ଣ୍ଣିଂ ।

# ପୌର କର୍ମଚାରୀଙ୍କୁ ଜଗିବ ସିସିଟିଭି



ଭୁବନେଶ୍ୱର,୧୫/୪: ରାଜ୍ୟ ସାରା ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ପ୍ରଶାସନରେ ସ୍ୱଚ୍ଛତା ଏବଂ ଦାୟିତ୍ୱ ବୃଦ୍ଧି କରିବା ଦିଗରେ ଏକ ଦୃଢ଼ ପ୍ରୟାସ ସ୍ୱରୂପ, ଗୃହ ଏବଂ ନଗର ଉନ୍ନୟନ ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀ ସମସ୍ତ ପୌର ଅଧିକାରୀଙ୍କ ମଧ୍ୟରେ ସମୟାନୁବର୍ତ୍ତୀତା ଏବଂ ବୃତ୍ତିଗତ ଆଚରଣ ଉପରେ ଗୁରୁତ୍ୱାରୋପ କରି ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସମୟାନୁବର୍ତ୍ତୀତା ବଜାୟ ରଖିବାରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରଶଂସନୀୟ ପ୍ରୟାସକୁ ସ୍ୱୀକାର କରି, ଶ୍ରୀମତୀ ପାଢୀ ପୌରସଂସ୍ଥା ଅଧୀନରେ ସମସ୍ତ କର୍ମଚାରୀଙ୍କଠାରୁ ସମାନ ପ୍ରତିବଦ୍ଧତା ପାଇଁ ଆହ୍ୱାନ କରିଛନ୍ତି। ସେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଉଦାହରଣ ଦେଇ ନେତୃତ୍ୱ ନେବାକୁ ଏବଂ ବିଳମ୍ବ ନକରି ବାୟୋମେଟ୍ରିକ୍ ଉପସ୍ଥିତି ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଅନୁରୋଧ କରିଛନ୍ତି। ଏହି ପଦକ୍ଷେପ ଶୃଙ୍ଖଳାକୁ ସଂସ୍ଥାଗତ କରିବା, ସାଧାରଣ ସେବାର ସମୟାନୁବର୍ତ୍ତୀ ବିତରଣ ସୁନିଶ୍ଚିତ କରିବା ଏବଂ ସ୍ଥାନୀୟ ଶାସନ ଉପରେ ନାଗରିକଙ୍କ ବିଶ୍ୱାସକୁ ମଜବୁତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହା ବ୍ୟତୀତ, ନିର୍ଦ୍ଦେଶନାମା କର୍ମଚାରୀଙ୍କ ଆଚରଣ ଏବଂ ସାଧାରଣ ପାରସ୍ପରିକ କ୍ରିୟା ଉପରେ ନଜର ରଖିବା ପାଇଁ କାର୍ଯ୍ୟାଳୟ ପରିସରରେ ସିସିଟିଭି ନିରୀକ୍ଷଣ ବ୍ୟବସ୍ଥା ସ୍ଥାପନ କରିବାକୁ ସୁପାରିଶ କରିଛି। ଏହି ପଦକ୍ଷେପଗୁଡ଼ିକ ନାଗରିକ-ପ୍ରଥମେ ସଂସ୍କୃତି ଏବଂ ପ୍ରତିକ୍ରିୟାଶୀଳ ପ୍ରଶାସନକୁ ପ୍ରୋତ୍ସାହିତ କରିବା ପାଇଁ ଏକ ବ୍ୟାପକ ପଦକ୍ଷେପର ଅଂଶ। "ଶାସନରେ ଏକ ସାଂସ୍କୃତିକ ପରିବର୍ତ୍ତନର ସମୟ ଆସିଛି – ଯାହା ସଚ୍ଚୋଟତା, ପ୍ରତିକ୍ରିୟାଶୀଳତା ଏବଂ ଦକ୍ଷତାକୁ ପ୍ରତିଫଳିତ କରେ। ସମୟାନୁବର୍ତ୍ତିତା ଏବଂ ବୃତ୍ତିଗତ ଆଚରଣ ଆଲୋଚନାଯୋଗ୍ୟ ହେବା ଉଚିତ ନୁହେଁ, ଏବଂ କେବଳ ବ୍ୟତିକ୍ରମିକ ପରିସ୍ଥିତିରେ ନମନୀୟତାକୁ ଅନୁମତି ଦିଆଯାଇପାରିବ," ଶ୍ରୀମତୀ ପାଢୀ କହିଛନ୍ତି।

# ବାଂଲାଦେଶୀଙ୍କ ରାସନ୍ କାର୍ଡ କାଟିପାରୁ ନାହାନ୍ତି: ଇ-କେୱାଇସିରେ ବି ଧରିପାରିଲେନି



ଭୁବନେଶ୍ୱର, ୧୫/୪:ଗତ ନଭେମ୍ବର ମାସରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ, ବାଂଲାଦେଶୀ ନାଗରିକମାନେ ଠକକତା କରି ରାସନ୍ କାର୍ଡ ହାତେଇଛନ୍ତି। ସବୁ ବାଂଲାଦେଶୀ ନାଗରିକଙ୍କ ରାସନ୍ କାର୍ଡ କଟିବ। ଯିଏ ଭାରତୀୟ ନୁହେଁ, ତାଙ୍କୁ କାହିଁକି ରାସନ୍ କାର୍ଡ ଦିଆଯିବ ? ବାଂଲାଦେଶୀଙ୍କ ରାସନ୍ କାର୍ଡ କାଟିବାକୁ ଯୋଗାଣ ମନ୍ତ୍ରୀ ୫ମାସ ହେଲା ନିର୍ଦ୍ଦେଶ ଦେଲେଣି। କିନ୍ତୁ କାହାର ବି ରାସନ୍ କାର୍ଡ କଟାଯାଇ ପାରୁନି। କାରଣ ରାଜ୍ୟର ବିଭିନ୍ନ ଜିଲ୍ଲାରେ ରହୁଥିବା ଲକ୍ଷାଧିକ ବାଂଲାଦେଶୀଙ୍କୁ ରାଜ୍ୟ ସରକାର ବିଦେଶୀ ନାଗରିକ ବୋଲି ପ୍ରମାଣିତ କରିପାରୁ ନାହାନ୍ତି। ସେମାନେ ଭାରତର ସ୍ଥାୟୀ ନାଗରିକ ବୋଲି ସବୁ ପ୍ରମାଣ ଧରିକି ବସିଛନ୍ତି। ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ, ଏବେ ରାଜ୍ୟରେ ପ୍ରାୟ ୧,୫୭,୪୩୨ ଜଣ ବାଂଲାଦେଶୀ ବିଭିନ୍ନ ଜିଲ୍ଲାରେ ବାସ କରୁଛନ୍ତି। ଏଥିରୁ ସବୁଠୁ ଅଧିକ ମାଲକାନଗିରିରେ ୧,୦୪,୨୩୩ଜଣ, ନବରଙ୍ଗପୁରରେ ୪୬,୮୪୮ଜଣ, କୋରାପୁଟରେ ୪୬୫୩ଜଣ ବାଂଲାଦେଶୀ ବସବାସ କରୁଛନ୍ତି। ବାସ୍ତବରେ ଏହି ସଂଖ୍ୟା ବହୁତ ଅଧିକ। କାରଣ ଏବେ ସବୁ ଜିଲ୍ଲାରେ, ବିଶେଷକରି ଉପକୂଳ ଓଡ଼ିଶାରେ ବାଂଲାଦେଶୀ ଭର୍ତ୍ତି ହୋଇଗଲେଣି। କାମ ଅନ୍ୱେଷଣରେ ଓଡ଼ିଶା ଆସିଥିବା ବାଂଲାଦେଶୀ ଆଧାର କାର୍ଡ, ଭୋଟର ପରିଚୟପତ୍ର ସବୁ ହାତେଇ ନେଇଛନ୍ତି। ଏଠାରେ ଘର, ଜମି କିଣି ସ୍ଥାୟୀ ବାସିନ୍ଦା ଭଳି ରହୁଛନ୍ତି। ଯୋଗାଣ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ରାସନ୍ କାର୍ଡ ତଥ୍ୟାବଳୀରେ ହିତାଧିକାରୀଙ୍କ ଆଧାର ସଂଯୋଗ ହୋଇ ରହିଛି।ରାସନ୍ କାର୍ଡରେ ଥିବା ଜନସଂଖ୍ୟା ତତ୍ତ୍ୱ ସହ ଆଧାର ତଥ୍ୟାବଳୀରେ ଜନସଂଖ୍ୟା ତତ୍ତ୍ୱ ସହ ମେଳ କରାଯାଇଛି। କିନ୍ତୁ ଆଧାର ତଥ୍ୟାବଳୀରେ ଥିବା ଜନସଂଖ୍ୟା ତତ୍ତ୍ୱ, ଓଡ଼ିଶା କିମ୍ବା ଭାରତର ସ୍ଥାୟୀ ବାସିନ୍ଦା ହେବାର ପ୍ରମାଣ ଦେଉଥିବାରୁ ଏବଂ ରାସନ୍ କାର୍ଡରେ ଥିବା ଜନସଂଖ୍ୟା ତତ୍ତ୍ୱ ସହ ଏହା ମେଳ ଖାଉଥିବାରୁ ଜଣେ ହିତାଧିକାରୀଙ୍କୁ ବିଦେଶୀ ନାଗରିକ ବୋଲି ପ୍ରମାଣିତ କରିବା କଷ୍ଟକର ହୋଇପଡୁଛି। କେବଳ ଏତିକି ନୁହେଁ, ଇ-କେୱାଇସି ଯାଞ୍ଚ ପ୍ରକ୍ରିୟାରେ ଆମେ ବିଦେଶୀ ନାଗରିକଙ୍କୁ ଚିହ୍ନଟ କରିବୁ ବୋଲି ଭାବିଥିଲୁ। ହେଲେ ଏହି ଇ-କେୱାଇସି ପ୍ରକ୍ରିୟାରେ ଆଇରିସ୍ କିମ୍ବା ଫିଙ୍ଗରପ୍ରିଣ୍ଟ ସ୍କାନର ଜରିଆରେ ହିତାଧିକାରୀଙ୍କ ସଦ୍ୟ ବାୟୋମେଟ୍ରିକ ଚିହ୍ନ, ଆଧାର ତଥ୍ୟାବଳୀ ସାଙ୍ଗରେ ମେଳ କରିବା ଏକ ପ୍ରକ୍ରିୟା ମାତ୍ର। ତେଣୁ ଏହାଦ୍ୱାରା ବିଦେଶୀ ନାଗରିକ ଚିହ୍ନିବା ସମ୍ଭବପର ନୁହେଁ। ଏସବୁ ବାଦ୍ ବହୁ ସ୍ଥାନରେ ବାଂଲାଦେଶୀ କୁହାଯାଉଥିବା ଲୋକଙ୍କ ନିକଟରେ ବହୁ ବର୍ଷ ପୁରୁଣା ଜମି ରେକର୍ଡ ରହିଥିବା ଦେଖିବାକୁ ମିଳୁଛି। ତେଣୁ ସେମାନଙ୍କର କାର୍ଡ କାଟିବା ନେଇ ଏପର୍ଯ୍ୟନ୍ତ କିଛି ପଦକ୍ଷେପ ନିଆଯାଇନି। ସେହିପରି ନିକଟରେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଦେଇଥିବା ତଥ୍ୟରୁ ଜଣାପଡ଼ିଛି ଯେ ରାଜ୍ୟରେ ଏବେ ସୁଦ୍ଧା ୩୭୩୮ଜଣ ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଭଦ୍ରକରେ ୧୯୯ଜଣ, କେନ୍ଦ୍ରାପଡ଼ାରେ ୧୬୪୯, ଭୁବନେଶ୍ୱରରେ ୧୭, ଜଗତସିଂହପୁରରେ ୧୧୧୨, ମାଲକାନଗିରିରେ ୬୫୫, ନବରଙ୍ଗପୁରରେ ୧୦୬ଜଣ ବସବାସ କରୁଛନ୍ତି। ସରକାର ପ୍ରତି ଜିଲ୍ଲାରେ ତହସିଲ, ବ୍ଲକ, ପୁଲିସ କର୍ମଚାରୀଙ୍କୁ ନେଇ ଏକ କମିଟି ଗଠନ କରି ଓଡ଼ିଶାରେ ବେଆଇନ ଭାବେ ବସବାସ କରୁଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିଛନ୍ତି। ସେମାନଙ୍କୁ ବାଂଲାଦେଶ ପଠାଇବାକୁ ଜିଲ୍ଲାପାଳ ଓ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ପଞ୍ଚମୁଖୀ ହନୁମାନ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ

ନିମାପଡା ,**୧୫/୪(ନି.ପ୍ର):** ହନୁମାନ ଜ ୟନ୍ତୀ ଉପଲକ୍ଷେ ବିଭିନ୍ନ ମହାବୀର ମନ୍ଦିରରେ ଜୟନ୍ତୀ ଉତ୍ସବ ପାଳନ କରାଯାଇଥିବା ବେଳେ ,ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଚାରି ଛକ ପୁରୁଣା ଫାଣ୍ଡି ଛକ ସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା ।ମହାବୀର ସଙ୍କୀର୍ତ୍ତନ ମଣ୍ଡଳୀ ଦ୍ୱାରା ଆୟୋଜିତ ଏହି ବିଶ୍ୱଶାନ୍ତି ମହାଯଜ୍ଞ ୧୩ ତାରିଖ ଠାରୁ ଆରମ୍ଭ ହୋଇ ଆଜି ପୂର୍ଣ୍ଣାହୁତି ହୋଇଛି ।ପ୍ରଫେସର ଅରୁଣ କୁମାର୍ ସ୍ୱାଇଁ , ତଅଁଳ କୁମାର୍ ସାହୁ ବ୍ରିନୁ ପଟ୍ଟନାୟକ ଅଜୟ ସାହୁ ପାଗଲ ବେହେରା ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ ।ସନ୍ଧ୍ୟାରେ ଭକ୍ତ ମାନେ ପ୍ରସାଦ ସେବନ କରିଥିଲେ ।ପ୍ରାୟ ୧୮ବର୍ଷ ରୁ ଉର୍ଦ୍ଧ୍ୱ ଏହି ଠାରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଆସୁଛି । ଜନ ସମାଗମ କୁ ଆଖି ଆଗରେ ରଖି ଚାରି ଛକ ଥାନା ଅଧିକାରୀ ମମତା ବିଶ୍ୱାଳ ଉକ୍ତ ସ୍ଥାନ ଉପରେ ନଜର ରଖିଥିଲେ ।କର୍ତ୍ତା ଭାବେ ପ୍ରଫେସର ଅରୁଣ କୁମାର ସ୍ୱାଇଁ ଓ କର୍ତ୍ତ୍ରୀ ଭାବେ ଅନ୍ନପୂର୍ଣ୍ଣା ବିଦ୍ୟାପୀଠ ର ପ୍ରଧାନ ଶିକ୍ଷୟତ୍ରୀ ମନୋସ୍ୱିନୀ ଲେଙ୍କା ଯଜ୍ଞ ରେ ବସିଥିଲେ।

## ସଦାବାଜି ତୋଟା ରେ ଦ୍ୱାଦଶ ଭାଗବତ ଗାଦି ମେଳଣ

ନିମାପଡା **୧୫/୪(ନି.ପ୍ର):** ପ୍ରାଚୀ ଉପତ୍ୟକା ର ସଦାବାଜି ତୋଟା ଠାରେ ଆଜି ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ଦ୍ୱାଦଶ ଭାଗବତ ଗାଦି ମେଳଣ ଅନୁଷ୍ଠିତ ହୋଇଯାଇଛି । ଏହି ମେଳଣରେ ମାଧବ (ଥାନପତି), ତଇଲା, ଜାହାଙ୍ଗୀରପୁର, ନାଗେଶ୍ୱର ବନମାଳୀପୁର(୧+୨) ଚନ୍ଦ୍ରମଉଳି, ପ୍ରଧାନସାହି, ବାସୁଦେଇପୁର, ତେଲିପାଟଣା, ମଥୁରିଡିହ, ବଳଭଦ୍ରପୁର ଗ୍ରାମ ରୁ ଠାକୁର ଆସି ବସି ପୂଜା ପାଇଥିଲେ। ଠାକୁର ମାନଙ୍କ ନିକଟରେ ଭାଗବତ ପାଠ କରାଯାଇଥିଲା । ଏହି ଅବସରରେ ତୋଟା ଠାରେ ମେଳା ବସିଥିଲା ଓ ସଂଧ୍ୟା ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଦେଖିବାକୁ ଓ ଠାକୁର ମାନଙ୍କୁ ଦର୍ଶନ କରିବାକୁ ତୋଟା ରେ ଶ୍ରଦ୍ଧାଳୁ ଙ୍କ ଭିଡ଼ ଜମିଥିଲକ୍ଷ । ଏଥିସହିତ କାକଟପୁର, ମାଧବ ପ୍ରଧାନସାହି, ସମେଶ୍ୱର,ଅମରେଶ୍ୱର , ବିଶିମାଡ଼ି ପ୍ରଭୃତି ସ୍ଥାନ ରେ ଥିବା ମହାବୀର ହନୁମାନ ଙ୍କ ମନ୍ଦିର ରେ ଭକ୍ତ ମାନେ ଠାକୁର ମାନଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ପଣା ସଂକ୍ରାନ୍ତି ତଥା ମହାବିଷୁବ ସଂକ୍ରାନ୍ତି ପାଇଁ ସମଗ୍ର ପ୍ରାଚୀ ଉପତ୍ୟକା ଉତ୍ସବ ମୁଖର ହୋଇପଡ଼ିଥିଲା ।

## ଓଡ଼ିଆ ନବବର୍ଷରେ ଦହି ପଣା ବାଣ୍ଟିଲେ ସ୍ୱେଚ୍ଛାସେବୀ ଆର୍ଚି

ନିଆଳୀ **୧୫/୪(ନି.ପ୍ର):** କଣ୍ଟାପଡା ବ୍ଲକ ଅଡ଼ଶପୁର ସ୍ଥିତ ଓଡିଶା ର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଉଦୟନାଥ ସ୍ୱୟଂ ଶାସିତ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ ର ଛାତ୍ରୀ ତଥା ସ୍ୱେଚ୍ଛାସେବୀ ସୁଶ୍ରୀ ଆର୍ଚି ପଟ୍ଟନାୟକ ଛୋଟିଆ ପ୍ରୟାସ ଅନ୍ୟ ମାନଙ୍କୁ ପ୍ରେରଣା ଯୋଗାଇବ,ମହାବିଦ୍ୟାଳୟ ଗେଟ ସାମ୍ନା ରେ ଆଜି ଓଡ଼ିଆ ନବ ବର୍ଷ ଉପଲକ୍ଷେ ଆୟୋଜନ କରିଥିଲେ ଜଳଛତ୍ର ଏଥିରେ ଜାତୀୟ ସେବା ଯୋଜନା ର ପୋଗ୍ରାମ ଅଧିକାରୀ ଅଧାପକ ମହେନ୍ଦ୍ର ମହାପାତ୍ର ଅଧାପିକା ସୁଚିତ୍ରା କାନୁନଗୋ ଏବଂ ଯୋଗ ଅଧାପକ ସନ୍ତୋଷ କୁମାର ମାଝୀ ଉତ୍ସାହିତ କରିଥିଲେ ଅନ୍ୟ ମାନ ଙ୍କ ମଧ୍ୟରେ ଗୋବିନ୍ଦ ପ୍ରଧାନ, ଛତିଶ ବେହେରା, ସୌଭାଗ୍ୟ ସାହୁ, ମନୋରଞ୍ଜନ ପତ୍ରୀ, ଓମ ପାଣି, ସୌମ୍ୟା ରଞ୍ଜନ ପରିଡା, ସ୍ନିଗ୍ଧାଞ୍ଜଳୀ ବେହେରା ପ୍ରଜ୍ଞା ପାରମିତା ପଣ୍ଡା ବନଜା ମିଶ୍ର, କଲ୍ୟାଣୀ ସାହୁ, ପ୍ରମୁଖ ସହଯୋଗ କରିଥିଲେ ଯାଉଥିବା ପ୍ରଥଚାରି ମାନଙ୍କୁ ପଣା ବଣ୍ଟନ କରି ନିଜ କୁ ଧନ୍ୟ ମନେ କରିଥିଲେ ସ୍ୱେଚ୍ଛାସେବୀ ଆଗାମୀ ଦିନ ରେ ଏହାକୁ ବ୍ୟାପକ କରାଯିବ ବୋଲି ସୁଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ହନୁମାନ ଜୟନ୍ତିରେ ପଣା ବଣ୍ଟନ

ହିଞ୍ଜିଳିକାଟୁ **୧୫/୪(ନି.ପ୍ର):** ହିଞ୍ଜିଳିକାଟୁ ସହରରେ ଓଡ଼ିଆ ନବବର୍ଷକୁ ସ୍ୱାଗତ କରିବା ସହ ହନୁମାନ ଜୟନ୍ତି ପାଳନ କରାଯାଇଅଛି । ସ୍ଥାନୀୟ ପୌରାଞ୍ଚଳର ବଇଁଚବଣିଆ, ଆଙ୍କୋରଡା, ହିଞ୍ଜିଳି, ଶ୍ୟାମଳାଇ ନଗର, ବଡରଙ୍ଗଣି ସାହି ଓ ମେଣ୍ଢାଖାଇ ପାହାଡ଼ରେ ଅବସ୍ଥିତ ହନୁମାନ ମନ୍ଦିର ଗୁଡ଼ିକରେ ଚାଳିସା ପାଠ, ହୋମଯଜ୍ଞ ସହ ପୂଜାର୍ଚ୍ଚନା ସହ ପ୍ରସାଦ ସେବନ କାର୍ଯ୍ୟକ୍ରମ କରାଯାଇଥିଲା । ବିଭିନ୍ନ ସ୍ୱେଚ୍ଛାସେବି ସଙ୍ଗଠନ ଓ ଯୁବ ସମାଜ ପକ୍ଷରୁ ବଇଁଚବଣିଆ, ସିନେମାହଲ ଛକ, ରଜାସାହି ବସଷ୍ଟାଣ୍ଡ,ପାଟଣାସାହି, ବ୍ଲକ ଛକ, ଆରଏମସି ଛକ , ହିଞ୍ଜିଳି, ତରାତାରିଣୀ ମୁଖ୍ୟ ସଡକ ସମେତ ନିକଟବର୍ତ୍ତୀ ଗ୍ରାମାଞ୍ଚଳର ବିଭିନ୍ନ ଛକ ସ୍ଥାନ ଗୁଡ଼ିକରେ ଶୀତଳ ପାନୀୟ ଜଳ ସମେତ ଚହ୍ଲା, ଦହିପଣା, ସରବତ ଓ ବିଭିନ୍ନ ରକମର ପଣା ବଣ୍ଟନ କରାଯାଇଥିଲା । ହିଞ୍ଜିଳିକାଟୁ ପୌରାଞ୍ଚଳ ତ୍ରିରଙ୍ଗା ସେବା ସଂଘ, ଶ୍ୟାମଳାଇ ମହାବୀର ସଂଘ ସମେତ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଯୁବଗୋଷ୍ଠୀଙ୍କ ପକ୍ଷରୁ ବିଭିନ୍ନ କିସମର ବ୍ୟଞ୍ଜନ, ପ୍ରସାଦ ସ ?ହ ଭକ୍ତ ଓ ଯାତ୍ରୀ ମାନଙ୍କୁ ବିଭିନ୍ନ କିସମର ଥଣ୍ଡା ପାନୀୟ ବଣ୍ଟନ କରାଯାଇଥିଲା। ଅନୁରୂପ ଭାବେ ସ୍ଥାନୀୟ ପୌରାଞ୍ଚଳ ସମେତ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳର ବହୁ ସ୍ଥାନରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଯୁବ ସମାଜ ପକ୍ଷରୁ ରାସ୍ତାରେ ଯାତ୍ରା କରୁଥିବା ତୃଷାର୍ତ୍ତ ମାନଙ୍କୁ ପାନୀୟ ଜଳ ସମେତ ବିଭିନ୍ନ ରକମର ପଣା ବଣ୍ଟନ କରାଯାଇଥିଲା।

## ସାମାନ୍ୟ ବର୍ଷାରେ ପାଣି ଜମୁଛି ଡ୍ରେନ୍ ବ୍ୟବସ୍ଥା ନିମନ୍ତେ ଦାବି




ମୟୂରଭଞ୍ଜ **୧୫/୪(ନି.ପ୍ର):** ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ନିକଟସ୍ଥ,ଡାକ୍ତରଖାନା ନିକଟସ୍ଥ ଜାମଦା ଏସ୍‌ଏସ୍ଟି ବିଦ୍ୟାଳୟ ସମ୍ମୁଖ ରାସ୍ତା କଡ଼ରେ ଡ୍ରେନ୍ ବ୍ୟବସ୍ଥା ନ ଥିବାରୁ ସାମାନ୍ୟ ବର୍ଷାରେ ଜାମଦା ଶିଶୁ ମନ୍ଦିର ରାସ୍ତାରେ,ଜାମଦା ସରକାରୀ ଉଚ୍ଚ ବିଦ୍ୟାଳୟ ଫାଟକ ପାଖରେ ପାଣି ଜମି ରହୁଥିବା ଦେଖିବାକୁ ମିଳୁଛି ।ଏଣୁ ସ୍ଥାନୀୟ ପ୍ରଶାସନ,ଉପଖଣ୍ଡ ପ୍ରଶାସନ ଏହି ସମସ୍ୟାକୁ ବିଚାର କରି ତୁରନ୍ତ ପାଣି ନିଷ୍କାସନ ନିମନ୍ତେ ଡ୍ରେନ୍ ବ୍ୟବସ୍ଥା କରାଇବା ନିମନ୍ତେ ପଦକ୍ଷେପ ନେବାକୁ ବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ,ସଚେତନ ନାଗରିକମାନେ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଲୋହରାଖଣ୍ଡି ସାହିତ୍ୟ ସଂସଦର ବିଷୁବ ଆସର ଓ ପୁସ୍ତକ ଚର୍ଚ୍ଚା




ବୁଗୁଡା **୧୫/୪(ନି.ପ୍ର):** ଭଞ୍ଜନଗର ଆର.ଏମ୍.ସି. ସମ୍ମିଳନୀ କକ୍ଷରେ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଲୋହରାଖଣ୍ଡି ସାହିତ୍ୟ ସଂସଦ ଦ୍ୱାରା ବିଷୁବ ଆସର ଓ ପୁସ୍ତକ ଚର୍ଚ୍ଚା ସଂସଦର ସଭାପତି ଡ. ଅଶୋକ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସମ୍ବାଦ ସାହିତ୍ୟ ଘରର ସଭାପତି କୃତ୍ତିବାସ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ କବିସମ୍ରାଟ ସାହିତ୍ୟ ସଂସଦର ସଭାପତି ଡ. ସୁରେଶ ଚନ୍ଦ୍ର ପଣ୍ଡା, ସ୍ୱତନ୍ତ୍ର ଅତିଥି ଭାବେ କବିସମ୍ରାଟ ମିଡ଼ିଆ କ୍ଲବର ସଭାପତି ପ୍ରଦୀପ କୁମାର ସ୍ୱାଇଁ, ପୁସ୍ତକ ସମୀକ୍ଷକ ଭାବେ 'ଘୁମୁସର ସମ୍ବାଦ'ର ସମ୍ପାଦକ ନେତାଜୀ ବିଷୋୟୀ ଉପସ୍ଥିତ ରହି ଓଡ଼ିଆ ଅସ୍ମିତା, ଉପେନ୍ଦ୍ର ଭଞ୍ଜ ଓ ଘୁମୁସର ମାଟିର ମହକ ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ମୁଖପତ୍ର ତ୍ରୈମାସିକ ପତ୍ରିକା 'ଲୋହରାଖଣ୍ଡି'ର ଜାନୁଆରୀ - ମାର୍ଚ୍ଚ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ପରେ କଞ୍ଚନା କୁମାରୀ ପ୍ରଧାନଙ୍କ ଦ୍ୱାରା ରଚିତ ଭଜନ 'ମୋ ମାଆ ମଙ୍ଗଳା'ର ପୋଷ୍ଟର ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସଂସଦର ସଦସ୍ୟ ଡାକ୍ତର କାର୍ତ୍ତିକେଶ୍ୱର ଜେନା ଅତିଥି ଆହ୍ୱାନ କରିଥିବାବେଳେ ଶ୍ରୀତିଶ୍ରୀ ନାଇକ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଉପ-ସଭାନେତ୍ରୀ ରୀତାରାଣୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଚିନ୍ମୟ କୁମାର ବେବର୍ତ୍ତା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ। କବୀ ତଥା ଶିଶୁ ଗାଳ୍ପିକା ତଥା ସଂସଦର ସାଙ୍ଗଠନିକ ସମ୍ପାଦିକା କଞ୍ଚନା କୁମାରୀ ପ୍ରଧାନଙ୍କ ପୁସ୍ତକ 'କାହାଣୀ କଥା କୁହେ'କୁ ସମୀକ୍ଷା କରିଥିଲେ ଶ୍ରୀ ବିଷୋୟୀ। କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ ସଂସଦର ପରିଚାଳନା ସମ୍ପାଦିକା ପ୍ରଭାତୀ ମଞ୍ଜରୀ ବେହେରା। ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସଂସଦର ସହ-ସମ୍ପାଦକ ତ୍ରିନାଥ ବେହେରା ଓ ସଦସ୍ୟା ବିଷ୍ଣୁପ୍ରିୟା ପତି କବିତା ସଂଯୋଜନା କରିଥିଲେ। ପର୍ଯ୍ୟାୟ କ୍ରମେ ୫ଜଣ ଲେଖାଏଁ କବି ମଞ୍ଚାସୀନ ହୋଇ ୩୦ଜଣ କବି ନିଜର ସ୍ୱରଚିତ କବିତା ପାଠ କରିଥିଲେ। ସଂସଦର ମିଡ଼ିଆ ସଂଯୋଜକ ରଞ୍ଜିତ ଜେନା, ସଦସ୍ୟ ପ୍ରଫୁଲ୍ଲ କୁମାର ମହାରଣା, ନବ ବିଷୋୟୀ, ଗୋବିନ୍ଦ ଗୌଡ଼, ଅଶୋକ ନାୟକ, ପାର୍ଥସାଇ ବେବର୍ତ୍ତା, ବିକେ ଜ୍ୟୋତି ସ୍ୱରୂପା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଉପ-ସଭାପତି ସୁବାସ ଚନ୍ଦ୍ର ତାରିଣୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ଶାଳବଣ ସାହିତ୍ୟ ସଂସଦର ମହାବିଷୁବ ଆସର

ବାଲିଗୁଡ଼ା **୧୫/୪(ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ବନବାସୀ ସେବା ସମିତି ର ସଭା ଗୃହ ପରିସରରେ ଶାଳବଣ ସାହିତ୍ୟ ସଂସଦର ମହାବିଷୁବ ଆସର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମହୋତ୍ସବରେ ସଭାପତି ଡ଼ ମଧୁସୂଦନ ମହାପାତ୍ର ସ୍ୱାଗତ ସମ୍ଭାଷଣ ଜଣାଇଥିଲେ। ଏଥିରେ ବନବାସୀ ସେବା ସମିତି ସମ୍ପାଦକ ଉତ୍ସବ ଚନ୍ଦ୍ର ଜେନା ଉଦଘାଟକ ରୂପେ ଯୋଗ ଦେଇ ଥିବା ବେଳେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ତଥା ନୋଟାରୀ ପବ୍ଲିକ କୌଶିକ ସାହୁ ଯୋଗ ଦେଇ ଦୀପ ଧୂପ ପ୍ରଜ୍ଜଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଶାଳବଣ ସାହିତ୍ୟ ସଂସଦର ସୁଦୀର୍ଘ ଇତିହାସ ବଖାଣି ଥିଲେ କ୍ଷ ମୁଖ୍ୟବକ୍ତା ଭାବେ ପ୍ରବଚକ ପଣ୍ଡିତ ଡ଼.ଚନ୍ଦ୍ରଶେଖର ଦାଶ ଯୋଗଦେଇ ଭଞ୍ଜ ସାହିତ୍ୟ ଓ ଶ୍ରୀଜଗନ୍ନାଥ ଚରିତାମୃତ ସଙ୍ଗୀତ ଗାନ କରି ଆଲୋଚନା କରିଥିଲେ। ସମ୍ପାଦକ ରବୀନ୍ଦ୍ର ନାଥ ରଥ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ସହ ସମ୍ପାଦକ କୈଳାସ ଚନ୍ଦ୍ର ବେହେରା ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । କୁରେଇ ମୁଖପତ୍ର ଉନ୍ମୋଚିତ ପର୍ବରେ ମୁଖ୍ୟ ସମ୍ପାଦକ ଡ଼.ବିଭୂତି ଭୂଷଣ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ବନବାସୀ ସେବା ସମିତିର ଛାତ୍ରୀମାନେ କୈବର୍ତ୍ତ ନାୟକଙ୍କ ନିର୍ଦ୍ଦେଶନାରେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। । ସୁଶାନ୍ତ କୁମାର ମିଶ୍ରଙ୍କୁ ସୀମାଞ୍ଚଳ ମହାରଣା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ବଳରାମ ଗୌଡ଼ଙ୍କୁ ଶାଳବଣ ସାହିତ୍ୟ ସମ୍ମାନ ଓ ଅବସରପ୍ରାପ୍ତ ପ୍ରାଧାପକ ଡ଼.ଚନ୍ଦ୍ରଶେଖର ଦାଶଙ୍କୁ କୁରେଇ-୨୦୨୫ରେ ସମ୍ମାନିତ କରାଯାଇଥିଲା। ସସ୍ମିତା ପଣ୍ଡା ଓ ଦୀପ୍ତିମୟୀ ରଥ ମାନପତ୍ର ପାଠ ସହ କବିତା ସଂଯୋଜନା କରିଥିଲେ। ବିଷୁବ ପଣା ପାନ ସହ କୁମୁଦିନୀ ମହାରଣା, ପ୍ରତାପ ବେହେରା, ରଞ୍ଜିତ ପ୍ରଧାନ, ବିଶ୍ୱେଶ୍ୱର ଆଚାର୍ଯ୍ୟ, ସ୍ୱାଗତିକା ସାହୁ, ଶରତ ଚନ୍ଦ୍ର ମିଶ୍ର, ରଞ୍ଜିତ ପଣ୍ଡା, ବିଶ୍ୱଜିତ ଜେନା ସସ୍ମିତା ସାମନ୍ତ, ପତିତ ପାବନ ରାଉତ, ପ୍ରତ୍ୟୁଷ ରଞ୍ଜନ ଶତପଥୀ, ପ୍ରହ୍ଲାଦପ୍ରସାଦ ଲେଙ୍କା, ଜୟହର ମହାନ୍ତି ପ୍ରମୁଖ ଅଂଶ ଗ୍ରହଣ କରି ସ୍ୱରଚିତ କବିତା ପଠନ କରିଥିଲେ। ପତିତପାବନ ରାଉତଙ୍କ ନାଟକ 'ଶୁଣ ସରକାର' ଓ କୈଳାସ ଚନ୍ଦ୍ର ବେହେରାଙ୍କ 'ଗୁରୁଦକ୍ଷିଣା' ପୁସ୍ତକକୁ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା ।ଶେଷରେ ସଭାପତି ଶ୍ରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ନୀଳଚକ୍ର ର ପ୍ରତିଷ୍ଠା ଉତ୍ସବ




ପାଟଣା **୧୫/୪(ନି.ପ୍ର):** ସାହିତ୍ୟ, ସଂସ୍କୃତି, ପରମ୍ପରା କୁ ବଞ୍ଚାଇ ରଖିଥିବା ପଶ୍ଚିମବଙ୍ଗ କୋଲକତା ଶାଖା ନୀଳଚକ୍ର ଅନୁଷ୍ଠାନର ପ୍ରଚେଷ୍ଟା କେବଳ ଜାରି ରହିଛି ତାହା ନୁହେଁ ଏହା ଦୁନିଆଁ ପାଇଁ ଭିନ୍ନ ଏକ ବାର୍ତ୍ତା ଦେଉଛି । ଏହି ପରିପ୍ରେକ୍ଷୀରେ ଗତ କାଲି ନୀଳଚକ୍ର ଅନୁଷ୍ଠାନ ଖୁବ ଆଡମ୍ବର ସହକାରେ ହାଉଡ଼ା ଦାସ ନଗର ଠାରେ ପ୍ରତିଷ୍ଠା ଦିବସ ପାଳନ କରିଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ୟୁକୋ ବ୍ୟାଙ୍କର ଡି ଜି ଏମ ରମେଶ ଚନ୍ଦ୍ର ସାହୁ, ଆୟକର ବିଭାଗର ଅଧିକାରୀ ଆଶୁତୋଷ କୁମାର ସାହୁ ଓ ଡକ୍ଟର ଲିସା ପଣ୍ଡା । ପ୍ରଥମେ ନୀଳଚକ୍ର ଅନୁଷ୍ଠାନର ପୂର୍ବତନ ସମ୍ପାଦକ ରବୀନ୍ଦ୍ର କୁମାର ବାରିକ୍ ତାଙ୍କର ସ୍ୱାଗତ ଭାଷଣରେ ଅନୁଷ୍ଠାନ ବିଷୟରେ ବହୁ କିଛି ବକ୍ତ୍ୟବ ରଖି ଅନୁଷ୍ଠାନର ଆଗାମୀ ଦିନର ଉନ୍ନତିରୁ ଉନ୍ନତି କାମନା କରିଥିଲେ । ଅନୁଷ୍ଠାନର ଉପଦେଷ୍ଟା ସାହିତ୍ୟିକ ସାଫଲ୍ୟ ନନ୍ଦୀ ସଭା ପରିଚଳନା କରି ଅତିଥି ପରିଚୟ ଓ ଅନୁଷ୍ଠାନ ବିଷୟରେ ସ୍ୱଳ୍ପ ମନ୍ତ୍ୟବ ଦର୍ଶକ ମାନଙ୍କୁ ଓଡ଼ିଆ ନବବର୍ଷର ଅଭିନନ୍ଦନ ଜଣାଇ ଥିଲେ । ସମ୍ପାଦକ ଶେଷଦେବ ସାମଲ ସମ୍ପାଦକୀୟ ପାଠ ବିବରଣୀ ଦେଇ କହିଲେ ନୀଳଚକ୍ର କେବଳ ଅନୁଷ୍ଠାନ ନୁହେଁ ଏହା ଆମ ପାଇଁ ଏକ ବୃହତ ଓ ଯୌଥ ପରିବାର । ଅନୁଷ୍ଠାନର ଉପଦେଷ୍ଟା ଓ କୋଲକତା ଓଡ଼ିଆ ସାହିତ୍ୟର ବାଗ୍ମୀ କୃଷ୍ଣଚନ୍ଦ୍ର ଭୁଁୟା ଅନୁଷ୍ଠାନ ବିଷୟରେ ସ୍ୱଳ୍ପ ବକ୍ତ୍ୟବ ରଖି କୋଲକତା ବଡ଼ବଜାର ର ଶ୍ରମିକ କବି ଦେବେନ୍ଦ୍ର ଦେଓଙ୍କ ବିଷୟରେ କିଛି କହିଥିଲେ । ଅତିଥି ରମେଶ ଚନ୍ଦ୍ର ସାହୁ ତାଙ୍କ ଅଳ୍ପ ଭାଷଣରେ ସେ ଦେଶର ୨୬ ଟି ରାଜ୍ୟ ବୁଲିଲେ୍ଁ ତାଙ୍କୁ କୋଲକତା ଖୁବ ଭଲ ଲାଗେ ଏବଂ ସେ ଓଡ଼ିଆ ମାନଙ୍କୁ ଖୁବ ଭଲ ପାଆନ୍ତି । ମୁଖ୍ୟ ଅତିଥି ଆଶୁତୋଷ କୁମାର ସାହୁ କହିଛନ୍ତି ସେ ଇଂରାଜୀ ମିଡିୟମରେ ପଢ଼ିଲେ୍ଁ ସୁଦ୍ଧା ସେ ଓଡ଼ିଆ କହିବା ଓ ଲେଖିବାକୁ ଖୁବ ପସନ୍ଦ କରନ୍ତି, ଏବଂ ନୀଳଚକ୍ର ଅନୁଷ୍ଠାନକୁ ପ୍ରଂଶସା କରି ଏହା ଏକ ପରିବାର ବୋଲି କହିଥିଲେ । ଡକ୍ଟର ଲିସା ପଣ୍ଡା ତାଙ୍କ ସ୍ୱଳ୍ପ ଭାଷଣରେ୍ଁ ଦର୍ଶକ ମାନଙ୍କୁ ମୁଗ୍ଧ କରାଇ ଥିଲେ । ଅନୁଷ୍ଠାନର ସଭାପତି ଲକ୍ଷ୍ମୀ ନାରାୟଣ ମଲ୍ଲିକ ତାଙ୍କର ବୃହତ ଭାଷଣରେ ଶ୍ରୀଜଗନ୍ନାଥ ଙ୍କ ମନ୍ଦିରର ଚାରି ଦ୍ୱାରା ଓ ଚାରି ଦିଗ ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଓ ଚାରି ହନୁମାନ ଯଥା ଫତେ ହନୁମାନ , ବୀର ବିକ୍ରମ ହନୁମାନ, ତପସ୍ୱି ହନୁମାନ ଓ ସଙ୍କଟ ମୋଚନ ହନୁମାନ ଙ୍କ ବିଷୟରେ ଖୁବ ସୁନ୍ଦର ଭାଷଣ ଓ ଶ୍ରୀଜଗନ୍ନାଥଙ୍କ ଭକ୍ତ ରଘୁ ଅରକ୍ଷିତ ଦାସଙ୍କ ବିଷୟ କାହାଣୀ ବକ୍ତ୍ୟବ ରଖି ଦର୍ଶକ ମାନଙ୍କ ମନମୁଗ୍ଧ କରାଇଥିଲେ । ଶେଷରେ ଅନୁଷ୍ଠାନର ମୁଖ୍ୟ ସଦସ୍ୟ ନିରଞ୍ଜନ ସାହୁ ସମସ୍ତ ମଞ୍ଚାସିନ ଅତିଥି ଦର୍ଶକ ପରିଚାଳନା କର୍ମୀ , ସହଯୋଗୀ , ନୃତ୍ୟ ଶିଳ୍ପୀ ଓ କଟକରୁ ଆସିଥିବା ସାଂସ୍କୃତିକ ପାଏଲ ମୁଜିକାଲ ଗ୍ରୁପ ମାନଙ୍କୁ ଧନ୍ୟବାଦ ଦେଇ ଥିଲେ । ଶେଷରେ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ରେ ମଞ୍ଚଟି ବେଶ ସଫଳତା ସହିତ ପ୍ରଂଶସନୀୟ ହୋଇଥିଲା ।

## ଉଦଯାପିତ ହେଲା ଦଣ୍ଡଯାତ୍ରା ଯାତ୍ରା ସାରି ମନ୍ଦିର ଫେରିଲେ ମା ରୁଦ୍ରକାଳୀ

ଚିକିଟୀ **୧୫/୪(ନି.ପ୍ର):** ଗଞ୍ଜାମ ଜିଲ୍ଲା ଚିକିଟୀ ବ୍ଲକ ମୈଶାନ ପୁର ଠାରୁ ଆରମ୍ଭ ହୋଇଥିବା ୨୧ଦିନିଆ ମେରୁ ଦଣ୍ଡ ଯାତ୍ରା ସୋମବାର ମେରୁ ସଂକ୍ରାନ୍ତି ଅବା ପଣା ସଂକ୍ରାନ୍ତି ରେ ଉଦଯାପିତ ହୋଇଯାଇଛି ।ଶତାଧିକ ମାନସିକ ଧାରୀ ଓ ଭକ୍ତ ଙ୍କ ସମାଗୋମ ରେ ଏହି ମେରୁ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ରୀତିନୀତି ଅନୁଯାଇ ଧୂଳି ଦଣ୍ଡ ସମାପ୍ତ ପରେ ଜଳ ଦଣ୍ଡ ପାଇଁ ନଦୀ ରେ ପହଁଞ୍ଚି ସ୍ନାନା ଦି ସାରି ଜଳ ଘାଟରେ ମା କାଳୀଙ୍କ ପୂଜାର୍ଚ୍ଚନା କରି ସମସ୍ତ ମାନସିକ ଧାରୀ ଦଣ୍ଡୁଆ ମେରୁ ମଣ୍ଡପ ନିକଟରେ ପହଁଞ୍ଚି ଥିଲେ ।ଏହା ପରେ ଦଣ୍ଡ ଯାତ୍ରା ର ପୂଜକ ବା ପାଟ ଭୁକୁତା ଢୋଲ ଶଙ୍ଖ ମହୁରୀ ରେ ଯାଇ ଠାକୁରାଣୀ ଙ୍କ ନିକଟରେ ପହଞ୍ଚି ପୂଜାର୍ଚ୍ଚନା କରି ଆଶୀର୍ବାଦ ଲାଭ କରି ସିଦ୍ଧି ପ୍ରାପ୍ତ ପରେ ମେରୁ ମଣ୍ଡପ ଯଜ୍ଞ ସ୍ଥଳ ରେ ପହଞ୍ଚି ଥିଲେ ।ସେଠାରେ ବିଦ୍ଧି ପୂର୍ବକ ମେରୁ କୁଣ୍ଡ ରେ ଅଗ୍ନି ସଂଯୋଗ ହୋଇ ଯଜ୍ଞ ପରେ ମେରୁ ଖୁଣ୍ଟ ରେ ନିଆଁ ଓହଳ ଚାପ ଓ ଅଗ୍ନି ପରୀକ୍ଷା ନୀତି ସମ୍ପୂର୍ଣ୍ଣ ହୋଇଥିଲା ।ପୀଠରେ ପ୍ରବଳ ଭିଡ଼ ହୋଇଥିବା ବେଳେ ଶୈବ ପୀଠ, କାଳୀ ପୀଠ ଓ ଯାତ୍ରା ପୀଠ ତରଣ ରେ ସଜେଇ ହୋଇ ସମଗ୍ର ଅଞ୍ଚଳ ଆଧାମ୍ନିକ ପରିବେଶ ସାଙ୍ଗକୁ ଉତ୍ସବ ମୁଖର ହୋଇ ଉଠିଥିଲା ।ଆମ୍ବ ଖଜୁରୀ ପେଣ୍ଡୁ ଫୁଲ ମାଳରେ ମେରୁ ଖୁଣ୍ଟ ସଜେଇ ହୋଇ ଧୂପ ଦୀପ ଚନ୍ଦନ ସିନ୍ଦୁର ରେ ଝଲସୁ ଥିଲା ।ଭିଡ଼ କୁ ଦୃଷ୍ଟିରେ ରଖି ମନ୍ଦିର କମିଟି ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବା ସହ ପୋଲିସ ମୁତୟନ ହୋଇଥଲା ।

## ହରିଲାବେଡ଼ା ଓ କାଣ୍ଡସରରେ ଡ଼ଃ ବି. ଆର. ଆମ୍ବେଦକରଙ୍କ ଜୟନ୍ତୀ ପାଳିତ

ମୟୂରଭଞ୍ଜ **୧୫/୪(ନି.ପ୍ର):** ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକର ବିଭିନ୍ନ ସ୍ଥାନରେ ଡ଼ଃ ବି. ଆର. ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଓ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ତାଙ୍କର ସ୍ମୃତି ଚାରଣ କରାଯାଇଥିଲା। ସକାଳେ ଜାମଦା ବ୍ଲକ ପାସନା ବିଜେପି ମଣ୍ଡଳ ପକ୍ଷରୁ ହରିଲାବେଡଟା ମାର୍କେଟ୍ ଠାରେ ମୁଖ୍ୟ ଅତିଥି ସମାଜସେବୀ ସାମନ୍ତ ଚନ୍ଦ୍ର ଗିରି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶ ପାଇଁ ଡ଼ଃ ଆମ୍ବେଦକରଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ନିଜର ୬୫ ବର୍ଷ ଜୀବନ କାଳ ଭିତରେ ଅସ୍ପୃଶ୍ୟତା ଓ ଅବହେଳାର ଶିକାର ହୋଇ ମଧ ସାମାଜିକ ସମତା ହାସଲ ଦିଗରେ ତାଙ୍କର ଅବଦାନ ଆମ ପଥ ପ୍ରଦର୍ଶକ ହୋଇ ବିଦ୍ୟମାନ ଅଛି ବୋଲି କହିଥିଲେ ।ନିଜ ବକ୍ତବ୍ୟରେ ଆମ୍ବେଦକରଙ୍କ ଭୂମିକା ସଂପର୍କରେ ଅବତାରଣା କରି ତାଙ୍କରି ଆଦର୍ଶକୁ ଉଜ୍ଜିବୀତ ରଖିବା ନିମନ୍ତେ ସମସ୍ତେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ ।ଏଥିରେ ପାସନା ମଣ୍ଡଳ ର ଭୀମ ଚରଣ ପୂର୍ତ୍ତୀ,କିଶାରାମ ବିରୁଆ,ଗନ୍ଧା ମୁର୍ମୁ,ପୂର୍ଣ୍ଣ ମହାକୁଡ଼,ବୁଧରାଏ ସୋରେନ୍,ରାଜେଶ ମଣ୍ଡଳ,ମଧୁସୂଦନ ଟୁଡୁ,ହୀରା ବେଶ୍ରା,ପ୍ରଦୀପ୍ତ କୁମାର ଗିରି,ମନୋଜ ମଣ୍ଡଳ,ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।ସେହିପରି କାଳନ୍ଦୀ ସମାଜ କାଣ୍ଡସର ତରଫରୁ ବାବା ସାହେବ ଆମ୍ବେକର ଜୟନ୍ତୀ ଶିକ୍ଷାବିତ୍ ଦେବ କିଶୋର କାଳନ୍ଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଜଣେ ସମାଜ ସୁଧାରକ ,ବିଶିଷ୍ଟ ଅର୍ଥନୀତିଜ୍ଞ , ଆଇନଜୀବୀ , ରାଜନେତା ଭାବରେ ସେ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲେ ବୋଲି ଆୟୋଜିତ ସଭାରେ ବକ୍ତାମାନେ ମତ ବ୍ୟକ୍ତ କରିଥିଲେ ।ସାମାଜିକ କୁ-ସଂସ୍କାର , ଅନ୍ଧ ବିଶ୍ୱାସ ଓ ଅଜ୍ଞାନତା ଦୂର କରିବା ଦିଗରେ ଆମ୍ବେଦକରଙ୍କ ଅବଦାନ ଅତୁଳନୀୟ ବୋଲି କହିବା ସହ ସମାଜରୁ ଛୁଆଁ ଅଛୁଆଁ ଭେଦଭାବ ଦୂର କରିବା ଦିଗରେ ମାନସିକ ସ୍ତରରେ ପରିବର୍ତ୍ତନର ଆବଶ୍ୟକତା ଅଛି ବୋଲି ଶିକ୍ଷାବିତ୍ ଦେବ କିଶୋର କାଳନ୍ଦୀ ମତବ୍ୟକ୍ତ କରିଥିଲେ ।ୟୁଏସ୍ଆଇ ରାଜ୍ୟ ସଂଯୋଜକ ପିକେ ଶତପଥୀ ଜାତି ପ୍ରଥା , ଅସ୍ପୃଶ୍ୟତା , ଅନ୍ୟାୟ ଓ ଶୋଷଣ ବିରୁଦ୍ଧରେ ବାବା ସାହେବ ଆମ୍ବେଦକରଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ ।କୁନା କାଳନ୍ଦୀ,ଅଶୋକ ବେହରା,ଝୁନା କାଳନ୍ଦୀ,ତପନ ବେହେରା,ମାନସ ବେହେରା,ଅନିଲ ବେହେରା,ଦେବେନ୍ ବେହେରା,ଶିବନନ୍ଦନ ବେହେରା,ଜଗନ୍ନାଥ ପାତ୍ର ପ୍ରମୁଖ ଆମ୍ବେଦକରଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।



## ନୂଆପଡାରେ ଓଡ଼ିଆ ନବବର୍ଷ ମହା ସମାରୋହରେ ପାଳିତ




ନୂଆପଡା **୧୫/୪(ନି.ପ୍ର):**ଓଡ଼ିଆ ପକ୍ଷ ପାଳନର ଅନ୍ତିମ ଦିନରେ ନୂଆପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ମହା ସମାରୋହରେ ଓଡ଼ିଆ ନବବର୍ଷ ପାଳିତ ହୋଇ ଯାଇଛି । ଜିଲ୍ଲା ପ୍ରଶାସନ ତଥା ନୂଆପଡା ପଞ୍ଚାୟତ ସମିତି ମିଳିତ ଆନୁକୂଲ୍ୟରେ ଏହି ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମହିଳା ମାନଙ୍କ ମଧ୍ୟରେ ରଙ୍ଗୋଲି, ହୁଳହୁଳି ଓ ପିଠାପଣା ପ୍ରସ୍ତୁତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ମହିଳା ମାନେ ପାରମ୍ପରିକ ବେଶ ପୋଷାକରେ ଆସି ବେଶ୍ ଉତ୍ସାହର ସହିତ ଏହି ସବୁ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଥିଲେ । ସମ୍ମାନିତ ଅତିଥି ରୂପେ ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ନୂଆପଡା ବିଡ଼ିଓ ରୋହିତ ଭୋଇ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର, ଏଲ୍ ଡି ଏମ୍ ସୀତାରାମ ମେହେର ପ୍ରମୁଖ ମଞ୍ଚାସିନ ଥିଲେ । ଏହି ଅବସରରେ ଅତିଥି ମାନେ ସମସ୍ତ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିବା ସହିତ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ । ସମାରୋହରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମା ଭଉଣୀ ମାନେ, ଗଣ ମାଧ୍ୟମର ପ୍ରତିନିଧି ଯୋଗଦେଇଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ କୁମାର ମହରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ନୂଆପଡା ଏନ୍ ଏ ସି ଇ ଓ କୁରୁକ୍ଷେତ୍ର ନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଇ,ରାଜସ୍ୱ ସହାୟକ ବିଭୁ ଦତ୍ତ ମିଶ୍ର ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଦୀର୍ଘ ଚଉଦ ଦିନ ଧରି ନୂଆପଡା ଜିଲ୍ଲାରେ ଆଡମ୍ବରରେ ଓଡ଼ିଆ ପକ୍ଷ ସଫଳତାର ସହିତ ପାଳିତ ହୋଇଥିବାରୁ ଜିଲ୍ଲାପାଳ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ଚିନ୍ତା ପୋଖରୀରେ ବିଷୁବ ସଂକ୍ରାନ୍ତି ଅନୁଷ୍ଠିତ

ଢ଼େଙ୍କାନାଳ **୧୫/୪(ନି.ପ୍ର):** ଓଡ଼ିଆ ନବବର୍ଷ ଓ ମହା ବିଷୁବ ସଂକ୍ରାନ୍ତି ଅବସରରେ ଢ଼େଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ୍ ଅନ୍ତର୍ଗତ ଚିନ୍ତା ପୋଖରୀ ସ୍ଥିତ ଭାବର ଶ୍ରୀକ୍ଷେତ୍ର ସଂଲଗ୍ନ ମାଆ ମଙ୍ଗଳା ମନ୍ଦିର ରେ ବହୁ ଜାକଜକମରେ ବୈଦିକ ରୀତିରେ ମାଆ ମଙ୍ଗଳାଙ୍କ ପୂଜା, ଅଭିଷେକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଦିନ ଚାରିଟା ବେଳକୁ ପାରମ୍ପରିକ ବାଦ୍ୟ, ବାଣ ରୋଷଣୀ,ଘଣ୍ଟ ଧ୍ୱନି, ସଙ୍କୀର୍ତ୍ତନ ମଣ୍ଡଳୀ ସହ ଏକ ବିରାଟ ପଟୁଆର ବାହାରି ଠାକୁରାଣୀଙ୍କ ବିମାନ ନେଇ ଗ୍ରାମ ପରିକ୍ରମା କରାଯାଇଥିଲା । ତତ୍ ସହିତ ଉଡ଼ାପର୍ବ ବିଧି ପାଳିତ ହୋଇଥିଲା ଯେଉଁଠି ଛୋଟ ଛୋଟ ପିଲା ଓ ମାନସିକ ଧାରି ମାଟିରେ ପ୍ରୋଥିତ ଶକ୍ତି ଖମ୍ବରେ ନିଜ ଦେହ କୁ ବାନ୍ଧି ମାଆ ମଙ୍ଗଳାଙ୍କ ପାଖରେ ନିଜକୁ ସମର୍ପି ଦେଉଥିଲେ । ଏହି ବର୍ଣ୍ଣାଢ଼୍ୟ ଉତ୍ସବକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ, ଭକ୍ତ , ମାନସିକଧାରୀ ଶକ୍ତିପୀଠରେ ଉପସ୍ଥିତ ହୋଇ ମା ମଙ୍ଗଳାଙ୍କ ଆଶିଷ ଲାଭ କରିଥିଲେ । ଏବଂ ରାତ୍ର ସମୟରେ ଦୁଇ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଯଥାକ୍ରମେ ଦଣ୍ଡ ନୃତ୍ୟ ପ୍ରତିଯୋଗିତା ଓ ଡ୍ରାମା ପରିବେଷିତ ହେବ ବୋଲି ପୂଜା କମିଟିର ସଭାପତି ସୂଚନା ଦେଇଛନ୍ତି।

## ଝାରଖଣ୍ଡ ସୀମାନ୍ତ ତେଣ୍ଡରା ମହିମା ଧୂନି ମନ୍ଦିରରେ ବିଶ୍ୱ ଯଜ୍ଞ



ଜାମଦା **୧୫/୪(ନି.ପ୍ର):** ମୟୂରଭଂଜ ଜିଲ୍ଲା ଜାମଦା ବ୍ଲକ ଅନ୍ତର୍ଗତ ତେଣ୍ଡରା ଗ୍ରାମ ସ୍ଥିତ ମହିମା ଧୂନି ମନ୍ଦିରରେ ବିଶ୍ୱ ଯଜ୍ଞ ଉଦ୍ ଯାପନ ହୋଇ ଥିଲା ।ଏହି ଯଜ୍ଞ ରେ ଜାମଦା ବ୍ଲକ ର ବିଭିନ୍ନ ଗ୍ରାମରୁ ତଥା କେଉଁଝର , ଯଶିପୁର ଅଞ୍ଚଳରୁ ମହିମା ଭକ୍ତ ଆସି ଯୋଗଦାନ କରିଥିଲେ । ଏହି ମହାବିଶ୍ୱଯଜ୍ଞକୁ ତେଣ୍ଡରା,ମଧୁପୁର,ଆମଲାବେଡା ର ଭକ୍ତବୃନ୍ଦ ତରଣୀସେନ୍ ବାବା, ଗୋପବନ୍ଧୁ ବାବା, ପବିତ୍ରମହୋନ ବାବା, ହରିଶ୍ଚନ୍ଦ୍ର ବାବା, ରାମଚନ୍ଦ୍ର ବାବା,ମୁଟୁ ବାବା, ରୋହିତ ବାବା ଆୟୋଜନ କରି ଭକ୍ତମାନଙ୍କ ନିମନ୍ତେ ପ୍ରସାଦର ବ୍ୟବସ୍ଥା କରିଥିଲେ ।

## ନୂଆପଡା ଜିଲ୍ଲାରେ ଭାରତ ରତ୍ନ ଡକ୍ଟର ବି. ଆର ଆମ୍ବେଦକରଙ୍କ ଜୟନ୍ତୀ ପାଳିତ

ନୂଆପଡା **୧୫/୪(ନି.ପ୍ର):** ନୂଆପଡା ଜିଲ୍ଲାରେ ଭାରତ ରତ୍ନ ଡକ୍ଟର ବି. ଆର ଆମ୍ବେଦକରଙ୍କ ଜୟନ୍ତୀ ଜିଲ୍ଲା ପ୍ରଶାସନ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ମହାସମାରୋହରେ ପାଳିତ ହୋଇଯାଇଛି। ସ୍ଥାନୀୟ ସଭାବନା ସଭାଗୃହରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ନୂଆପଡା, ମଧୁସୂଦନ ଦାଶ ଏବଂ ବରେଣ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧକ୍ଷା ଡଲି ମାଝୀ, ପୂର୍ବତନ ସାଂସଦ ବସନ୍ତ ପଣ୍ଡା, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜିଲ୍ଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝୀ, ନୂଆପଡା ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବି ଇ ଓ ହେମସାଗର ମହାନନ୍ଦ ମୁଖ୍ୟ ବକ୍ତାରୂପେ ଯୋଗ ଦେଇଥିଲେ । ପ୍ରଦୀପ ପ୍ରଜ୍ଜ୍ୱଳନ କରି ଏବଂ ଆମ୍ବେଦକରଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା ।ସମସ୍ତ ଅତିଥି ଆମ୍ବେଦକରଙ୍କ ସ୍ମୃତି ଚାରଣ କରି ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ।ଆମ୍ବେଦକରଙ୍କ ଜିବନାଦର୍ଶରେ ଉଦବୁଦ୍ଧ ହୋଇ ସେହି ମହାପୁରୁଷଙ୍କ ପ୍ରେରଣାରେ ଆଗକୁ ବଢିବା ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ।ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ ।ଏହି ଅବସରରେ ଜୟନ୍ତୀ ପାଳନ ଉପଲକ୍ଷେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ବରିଷ୍ଠ ରାଜସ୍ୱ ସହାୟକ ବିଭୁ ଦତ୍ତ ମିଶ୍ର ସଭା ସଂଯୋଜନା କରିଥିଲେ ।ଏହି ସମାରୋହରେ ବିଭିନ୍ନ ପ୍ରଶାସନିକ ଅଧିକାରୀ ,ଜିଲ୍ଲା ସ୍ତରୀୟ ଅଧିକାରୀ , ବିଭାଗୀୟ ଅଧିକାରୀ, ଲୋକ ପ୍ରତିନିଧି, ସହରର ଗଣ୍ୟ ମାନ୍ୟ ବ୍ୟକ୍ତି ବିଶେଷ,ବିଭିନ୍ନ ଶିକ୍ଷା ଅନୁଷ୍ଠାନର ଛାତ୍ର ଛାତ୍ରୀ , ଶିକ୍ଷକ ଶିକ୍ଷୟତ୍ରୀ, ଗଣ ମାଧ୍ୟମର ପ୍ରତିନିଧି ଓ ଆମ୍ବେଦକର ପ୍ରେମୀ ସୁଧି ବୃନ୍ଦ ଉପସ୍ଥିତ ଥିଲେ।

## ସଂପାଦକୀୟ

# ସୀମା ସମସ୍ୟା

ରାଜନୈତିକ, ଅର୍ଥନୈତିକ ଓ କୂଟନୈତିକ ଦୃଷ୍ଟିରୁ ବିଚାରକଲେ ନୂଆବର୍ଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଘଟଣାବହୁଳ ହେବ ବୋଲି ଆଶା କରାଯାଉଛି। ବର୍ଷ ଆରମ୍ଭରୁ ଦୁଇ ପଡ଼ୋଶୀ ଦେଶ ଚୀନ୍ ଓ ପାକିସ୍ତାନର ଶତ୍ରୁତାମୂଳକ ଆଚରଣ ଓ କାର୍ଯ୍ୟକଳାପ ଆଗାମୀ ଦିନରେ ଭାରତ ପାଇଁ ସମସ୍ୟା ସୃଷ୍ଟି କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଚୀନ୍ ସହିତ ରହିଥିବା ସାଢ଼େ ୩ ହଜାର କିଲୋମିଟର ସୀମାରେ ସ୍ଥିତାବସ୍ଥା ବଜାୟ ରଖିବା ଭାରତ ପାଇଁ ଏକ ବଡ଼ ଆହ୍ୱାନ ହେବ। କାରଣ ଚୀନ୍ ସବୁ ସମୟରେ ଆମ ଦେଶର ସୀମା ଭିତରକୁ ଅନୁପ୍ରବେଶ କରିବା ପାଇଁ ଉଦ୍ୟମରତ ରହିଛି। ବିଶେଷକରି ସି ଜିନ୍‌ପିଙ୍ଗ କ୍ରମାଗତ ଭାବରେ ତୃତୀୟ ଥର ପାଇଁ ଚୀନ୍‌ର ରାଷ୍ଟ୍ରପତି ପଦ ଅକ୍ତିଆର କରିବା ପରେ ତାଙ୍କର ଭାରତ ବିରୋଧୀ ଆଭିମୁଖ୍ୟକୁ ଅଧିକ କଠୋର କରିବା ନିଶ୍ଚିତ ହୋଇଛି। ଦୁଇ ଦେଶର ସୀମା ବିବାଦ ନେଇ ଜିନ୍‌ପିଙ୍ଗ୍ ଓ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ ତାହାର ସ୍ଥାୟୀ ସମାଧାନ ଏଯାଏଁ ସମ୍ଭବପର ହୋଇନାହିଁ। ଚୀନ୍ ଭଳି ପାକିସ୍ତାନ ମଧ୍ୟ ଭାରତ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇରହିଛି। ଚଳିତ ବର୍ଷ ଶେଷ ଭାଗରେ ପାକିସ୍ତାନରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଶାସକ ଓ ବିରୋଧୀ ଉଭୟେ କ୍ଷମତା ଦଖଲ ପାଇଁ ଭାରତକୁ ନିଜ ନିଜ ଦଳର ମୁଖ୍ୟ ପ୍ରସଙ୍ଗ କରିବେ। ପ୍ରତ୍ୟେକ ଦଳ ଭାରତ ବିରୋଧରେ ନିଜର ରଣନୀତି ପ୍ରସ୍ତୁତ କରିବେ। ଭାରତର ଦକ୍ଷିଣ ସୀମାରେ ଥିବା ଅନ୍ୟତମ ପଡ଼ୋଶୀ ଦେଶ ଶ୍ରୀଲଙ୍କା ସଦାସର୍ବଦା ଆମ ଦେଶରୁ ଆର୍ଥିକ ଓ ସାମରିକ ସହାୟତାକୁ ଅନାଇ ରହିଛି। ଏହା ସହିତ ସୁସମ୍ପର୍କ ବଜାୟ ରଖିବାକୁ ହେଲେ ପର୍ଯ୍ୟାପ୍ତ ସାହାଯ୍ୟ ଯୋଗାଇବାକୁ ପଡ଼ିବ, ଯାହା ଭାରତ ପାଇଁ ଏକ ଆହ୍ୱାନ ହେବ। ଜି-୨୦ ରାଷ୍ଟ୍ରଗୋଷ୍ଠୀର ଅଧ୍ୟକ୍ଷତା ଦାୟିତ୍ୱ ଭାରତ ଗ୍ରହଣ କରିଥିବାରୁ ନିଜକୁ ବିଶ୍ୱସ୍ତରରେ ପ୍ରତିଷ୍ଠିତ କରିବା ଲାଗି ଏକ ବଡ଼ ସୁଯୋଗ ହାସଲ କରିଛି। ଏହି ସୁଯୋଗରେ ରୁଷ ଓ ଆମେରିକା ନେତୃତ୍ୱାଧୀନ ପାଶ୍ଚାତ୍ୟ ଦେଶଗୁଡିକର ରାଷ୍ଟ୍ରନେତାମାନଙ୍କୁ ଏକଜୁଟ୍ କରି ୟୁରୋପ ମହାଦେଶର ବିଭିନ୍ନ ସମସ୍ୟାର ସମାଧାନ କରାଇପାରିଲେ, ଅନ୍ତର୍ଜାତୀୟ ସ୍ତରରେ ଭାରତ ଏକ ସଫଳତା ପାଇପାରିବ। ଏହା ଭାରତକୁ ଜାତିସଂଘ ସୁରକ୍ଷା ପରିଷଦରେ ସ୍ଥାୟୀ ସଦସ୍ୟ ପଦ ପାଇବା ପାଇଁ ଦାବିଦାର କରିବ। ଆସନ୍ତା ସେପ୍ଟେମ୍ବର ମାସରେ ଜି-୨୦ ରାଷ୍ଟ୍ରଗୋଷ୍ଠୀର ଶିଖର ସମ୍ମିଳନୀ ଭାରତରେ ଅନୁଷ୍ଠିତ ହେବାକୁ ଯାଉଛି। ନୂଆଦିଲ୍ଲୀରେ ହେବାକୁ ଥିବା ଏହି ସମ୍ମିଳନୀରେ ରୁଷନେତା ପୁଟିନ୍, ଆମେରିକା ରାଷ୍ଟ୍ରପତି ବାଇଡେନ୍ ଓ ଚୀନ୍ ରାଷ୍ଟ୍ରପତି ଜିନ୍‌ପିଙ୍ଗ୍‌ଙ୍କ ସମେତ ବହୁ ବିଶ୍ୱନେତା ଯୋଗଦେବେ। ଯଦି ଭାରତ ଏହି ସମସ୍ତ ବିଶ୍ୱନେତାଙ୍କୁ ଗୋଟିଏ ମଞ୍ଚରେ ଏକାଠି କରାଇପାରିଲା, ତେବେ ଏହା କୂଟନୈତିକ ସ୍ତରରେ ଏକ ବଡ଼ ବିଜୟ ବୋଲି କୁହାଯିବ। ଭାରତ ଶସ୍ତାରେ ତୈଳ କ୍ରୟ କରିବା ଓ ରୁଷ ବିରୋଧରେ ପାଶ୍ଚାତ୍ୟ ଦେଶଗୁଡିକ ସହିତ ହାତ ନ ମିଳିଇବା ଭଳି କାର୍ଯ୍ୟ ଏବେ ନକାରାତ୍ମକ ପ୍ରଭାବ ପକାଇଛି। ଏହି ପ୍ରଭାବକୁ ହଟାଇବା ପାଇଁ ଜି-୨୦ ଅଧ୍ୟକ୍ଷତା ଦାୟିତ୍ୱ ଭାରତ ପାଇଁ ସୁଯୋଗ ସୃଷ୍ଟି କରିଛି। ରାଜନୈତିକ ଦୃଷ୍ଟିରୁ ବିଚାର କଲେ ଚଳିତ ୨୦୨୩ ବର୍ଷରେ ଦେଶର ୯ଟି ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି, ଯାହା ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସେମି ଫାଇନାଲ ରୂପେ ବିବେଚିତ ହେବ। ଏଥିରେ ସଫଳତା ବା ବିଫଳତା କେନ୍ଦ୍ରର ମୋଦି ସରକାରର ଭବିଷ୍ୟତ ନେଇ ଚିତ୍ର ସ୍ପଷ୍ଟ କରିବ। ସମସ୍ୟାବହୁଳ ଜାମ୍ମୁ-କାଶ୍ମୀରରେ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା କେନ୍ଦ୍ର ସରକାରଙ୍କ ପାଇଁ ଅଗ୍ନିପରୀକ୍ଷା ସଦୃଶ ହେବ। ସବୁ ଦୃଷ୍ଟିରୁ ବିଚାର କଲେ ନୂଆବର୍ଷ ୨୦୨୩ ଭାରତର ଭବିଷ୍ୟତର ନକ୍ସା ପ୍ରସ୍ତୁତ କରିବାରେ ଏକ ମାଇଲଖୁଣ୍ଟ ହେବା ସୁନିଶ୍ଚିତ।

# ଗୋଷ୍ଠୀ ସମ୍ପଦର କଥା

**ଇଂ. ସତ୍ୟନାରାୟଣ ମାଝୀ**

ସେଦିନ ସରୋଜ ଚେନ୍ନାଇରୁ ୧୫ ଦିନ ଛୁଟିନେଇ ଗାଁକୁ ଯିବାକୁ ବାହାରୁ ଥାଏ। ଗାଁକୁ ଯିବା ନିଜର ସହଯୋଗୀକୁ ୧୫ଦିନର କାମ ବୁଝାଇଦେଇ ଅଫିସ୍‌ରୁ ରୁମ୍‌କୁ ଫେରିଗଲା। ସରୋଜ ତା ସାଙ୍ଗ ରବିକୁ ଫୋନ କରି କହୁଥାଏ, ପିଲାମାନେ ଗାଁରେ ପୂଜା ଲାଗି କେତେ ପ୍ରସ୍ତୁତ ହେଲେଣି।ରବି ଉତ୍ତରରେ କହୁଥାଏ ହଁରେ ଆଗ ତୁ ପହଞ୍ଚି ,ସବୁ କାମ ଜଲଦି ହେଇଯିବ। ସରୋଜ ଟ୍ରେନ୍‌ରେ ଗାଁକୁ ଯିବା ଲାଗି ଷ୍ଟେସନ୍ ଅଭିମୁଖେ ବାହାରିଲା। ତରବରିଆ ଭାବେ ବାହାରିବା ବେଳେ ଘର ସାମ୍ନା ଫାଟକ ଖୋଲି ଦେଖେ ତ ରାସ୍ତା ଭିଡ ଅଛି। ଟିକେ ଆଗକୁ ଯାଇ ଭିଡ ଭିତରେ ପଶି ଦେଖିଲା ବେଳକୁ ରାସ୍ତାରେ ଏକ ଛୋଟ ଖାଲରେ ପଡି ଜଣେ ବୃଦ୍ଧ ଖଣ୍ଡିଆ ଖାବରା ହୋଇପଡିଛନ୍ତି। କେଇ ମିନିଟ୍‌ରେ ଖବରପାଇ ଆମ୍ବୁଲାନସ୍ ଆସି ବୃଦ୍ଧ ଜଣକୁ ଚିକିତ୍ସା ଲାଗି ଉଠାଇ ନେଇଗଲା।ରାସ୍ତା ଖାଲି ହେବାପରେ ଏକ ଟ୍ୟାକ୍ସି ଧରି ସେ ପହଞ୍ଚିଗଲା ଷ୍ଟେସନରେ । କିନ୍ତୁ ସରୋଜ ମନରେ ଏକ ଛାନିଆଁ ଲାଗୁଥାଏ ଯେ ସେଇ ଛୋଟ ଖାଲଟି କାହାରି ନଜର ନାହିଁ ସମସ୍ତେ ବାଟର ଖାଲକୁ କଡେଇ କି ଯାଉଥିଲେ। ଯାହା ବି ହେଉ ଟ୍ରେନ ଆସିଗଲା, ଆରାମରେ ଟ୍ରେନର ବଗି ଭିତରକୁ ପଶି ସବୁ ବ୍ୟାଗକୁ ଉପରେ ଥିବା ଥାକରେ ରଖିଦେଇ ବସିଗଲା। କିଛି ସମୟ ପରେ ପରିସ୍ରା ଲାଗିଲା ସରୋଜକୁ, ଟ୍ରେନ୍‌ରେ ଥିବା ପାଇଖାନା ପଶିଗଲା ବେଳକୁ ପ୍ରବଳ ଦୁର୍ଗନ୍ଧ ସହିତ ପାନ ଗୁଟଖା ଛେପରେ ଭର୍ତ୍ତି ହୋଇଯାଇଥାଏ। ବିରକ୍ତି ଭାବ ଆସୁଥିଲେ ବି ପାଇଖାନାରେ ପାଣି ଢାଳି କାମସାରି ବାହାରିଲା। ଟ୍ରେନ ଚାଲୁଥାଏ ନିଦ ବି ଆସିଗଲା, ରାତି ବି ହେଇଗଲା। ଏମିତି କରି ପ୍ରାୟ ୨୪ ଘଣ୍ଟା ପରେ ସରୋଜର ଗାଁ ପାଖ ଷ୍ଟେସନରେ ଟ୍ରେନ୍‌ଟି ପହଞ୍ଚିଗଲା। ରବି ତାକୁ ଷ୍ଟେସନରୁ ଗାଁକୁ ମଟରସାଇକେଲ୍‌ରେ ନେବାକୁ ଆସିଥାଏ।ଦୀର୍ଘ ୬ବର୍ଷ ତଳେ ସହରକୁ ଯାଇଥିବା ସରୋଜକୁ ସବୁ ନୂଆ ନୂଆ ଲାଗୁଥାଏ।ଟ୍ରେନ୍‌ରୁ ଓହ୍ଲାଇ ମୋବାଇଲ ଫୋନକୁ ବାହାର କରି ଆଗ ନିଜର ଗୋଟେ ସେଲ୍‌ଫି ଫୋଟ ନେଇଗଲା। ଷ୍ଟେସନରେ ଅପେକ୍ଷା କରିଥିବା ରବି ସହିତ ବି ଭେଟ ହେଇଗଲା,ଚାଲିଲେ ଦୁହେଁ ଗାଁକୁ। ଗାଁକୁ ପ୍ରବେଶ କରିଲା ବେଳେ ରାସ୍ତା ପକ୍କା ହୋଇଛି, ଅନେକ ଗଛ କଟା ଯାଇ ରାସ୍ତା ପକ୍କାଘର ଆଦି ତିଆରି ହୋଇଯାଇଛି। କିଛି ଲୋକ ସହର ଭଳି ଦୁଇ ତିନି ମହଲା କୋଠା ତିଆରି କରି ସାରିଲେଣି। ଗାଁରେ ଲୋକେ ନଳକୂପ ବି ବ୍ୟବହାର କଲେଣି, ରାସ୍ତାକଡରେ ଲାଇଟ୍ ବି ଲାଗିଯାଇଛି।କିନ୍ତୁ ଗାଁ ପଡିଆ ଯେମିତିକୁ ସେମିତି ରହିଛି, କ୍ଲବ ଘରର କାନ୍ଥଗୁଡିକ ମଇଳା ଦିଶୁଛି, ଛାତ ଉପରେ ଗଛ ବି ଉଠିଗଲାଣି। ପୋଖରିରେ ନୂଆ କରି ଗାଧୁଆ ଘାଟ ନିର୍ମାଣ ହୋଇଥାଏ କିନ୍ତୁ ପଙ୍କରେ ପୂର୍ଣ୍ଣ ଦିଶୁଥାଏ,ଆଉ ଗାଁରୁ ଜଙ୍ଗଲ ଟିକେ ଦୂରେଇ ଯାଇଥିବା ଭଳି ଲାଗୁଥାଏ। ଘରେ ଯାଇ ପହଞ୍ଚିଗଲା ସରୋଜ, ସମସ୍ତେ ଘରେ ତାକୁ ଦେଖି ଖୁସି। ଘରେ ବଡମାନଙ୍କୁ ମୁଣ୍ଡିଆ ମାରି ଗାଧୋଇବାକୁ ବାହାରି ଗଲା।ନିତ୍ୟକର୍ମ ସାରି ଚା ଟିକେ ପିଇ ବାହାରିଲା ଗାଁର ପୂଜାମଣ୍ଡପ ଆଡକୁ, ପହଞ୍ଚି ଦେଖେ ତ ପୂଜାକମିଟିର କର୍ମକର୍ତ୍ତାଙ୍କୁ ମିଶାଇ ଦୁଇ ଚାରିଜଣ ଯୁବକ ବ୍ୟବସ୍ଥାରେ ଲାଗିଥାନ୍ତି। ଦୀର୍ଘ ସମୟପରେ ଗାଁକୁ ଆସିଥିବାରୁ ସମସ୍ତେ ସରୋଜକୁ ଦେଖି ମଣ୍ଡପ ପାଖରେ ଡାକି ବସାଇଲେ। ସରୋଜ ସମସ୍ତଙ୍କୁ ନମସ୍କାର ଜଣାଇ ବସିଲା ଏବଂ ଭଲମନ୍ଦ କଥା ସରିବାପରେ ପ୍ରଶ୍ନ କରିବାକୁ ଲାଗିଲା।ସେ ଅନ୍ୟ ଯୁବକମାନଙ୍କୁ କହୁଥାଏ ଆରେ ଆମ ଗାଁର ନଳକୂପ ଗୁଡିକର ଚାରିପାଖ ସଫା ରହୁନି ଯେ ରାସ୍ତାର ଦୁଇକଡରେ ଘାସ ଉଠି ରାସ୍ତା ଅଣ ଓସାରିଆ ଲାଗୁଛି।ପଡିଆରେ ଖେଳ ହେଉନି କି,ପଡିଆରେ ଅନାବନା ଘାସ ଏତେ ହୋଇଛି ?ଗାଁ ଜଙ୍ଗଲ ଆଗ ଭଳି ସବୁଜିମା ଦିଶୁନି ଯେପୋଖରୀରେ ମେଂଚେ କ'ଣ ସବୁ ଭାସୁଛି,ସଫା ହେଉନି କି ? ଯୁବକମାନଙ୍କ ମଧ୍ୟରୁ ଜଣେ ଉତ୍ତର ଦେବାକୁ ଲାଗିଲା, ସରୋଜ ଭାଇ ଆଗରୁ ଆମେ ସମସ୍ତେ ଗାଁ ପିଲା ମିଶି ଏଇ ସବୁ ସଫା ସୁତରା ଏବଂ ରକ୍ଷଣାବେକ୍ଷଣା କରୁଥିଲେ। ସରୋଜ। ଏବେର କଥା କ'ଣ କହିବି, ପିଲା ସବୁ ସହର ବିଦ୍ୟାଳୟରେ ପାଠ ପଢିଲେଣି। ଯୁବକମାନେ ବି ନିଜ କାମରେ ବ୍ୟସ୍ତ, କିଏ ବାହାରେ ଚାକିରି କଲାଣି ତ କିଏ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଛି, ଆଉ ଆମେ ଦୁଇ ଚାରିଜଣ ଯାହା ଅଛି ସକାଳ ପାହିଲେ ପାଖ ସହରକୁ ମଜୁରୀ କାମରେ ଯାଉଛୁ।ଆଉ କୁଆଡୁ ସମୟ ମିଳୁଛି ଯେ ? ଏମିତି ଅନେକ ଗାଁମାନଙ୍କରେ ବିଭିନ୍ନ ପ୍ରକାରର ଭିତ୍ତିଭୂମି ଉନ୍ନତିକରଣ ହୋଇଚାଲିଛି। ଗାଁରେ ରାସ୍ତା ପକ୍କା,ଘର ପକ୍କା,ବିଦ୍ୟାଳୟ ପକ୍କା ଯାହା ଦେଖିବେ ସବୁର କିଛି ନା କିଛି ଉନ୍ନତିକରଣ ହୋଇଛି। କିନ୍ତୁ ଆପଣ ଦେଖିବେ ବର୍ତ୍ତମାନ ସ୍ଥିତିରେ ରାସ୍ତାରେ ସାମାନ୍ୟ ଗୋଟ ଛୋଟଖାଲର ମାଟି ପକେଇବା ପାଇଁ ବି କାହାରି ହାତରେ ସମୟ ନାହିଁ। ପ୍ରଶାସନ ଯେତେ ଚେଷ୍ଟା କଲେ ବି ଜଙ୍ଗଲର ସଠିକ୍? ଭାବେ ସଂରକ୍ଷଣ କରିପାରୁନାହିଁ। ପୂର୍ବରୁ ଗାଁ ଜଙ୍ଗଲକୁ ରକ୍ଷଣାବେକ୍ଷଣ ଲାଗି ଗାଁ ସ୍ତରରେ ଅନେକ ନୀତି ନିୟମ ରହୁଥିଲା। କିନ୍ତୁ ଯେତେ ଜନସଂଖ୍ୟା ବଢୁଛି ସେତେ ଆବଶ୍ୟକତା ପଡୁଥିବାରୁ ବିଭିନ୍ନ ଘରୋଇ କାର୍ଯ୍ୟ ଲାଗି ଜଙ୍ଗଲ ନଷ୍ଟ କରୁଛନ୍ତି। ବର୍ତ୍ତମାନ ଏମିତି ପରିସ୍ଥିତି ସୃଷ୍ଟି ହୋଇଛି,କାହାରି ହାତରେ କାହାଲାଗି ଟିକେ ବି ସମୟ ବାହାର କରିବାକୁ କଷ୍ଟକର ହୋଇଯାଇଛି। କିମ୍ବା ଟିକେ ସମୟ ବାହାର କରିବାକୁ ମାନସିକତା ସୃଷ୍ଟି ହେଉନାହିଁ। କାରଣ ଏହାଯେ ସମସ୍ତେ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ରହିବାର ଅଭ୍ୟାସ କରିଦେଇଛନ୍ତି। ଆଜି ସମସ୍ତଙ୍କର ବ୍ୟସ୍ତତା ପାଇଁ ସମାଜର କିଛି ସାମୁହିକ ସମ୍ପତ୍ତିର ରକ୍ଷଣାବେକ୍ଷଣା ହୋଇପାରୁ ନାହିଁ।ବିଶେଷ ଭାବେ ସାରା ଜୀବଜଗତକୁ ସନ୍ତୁଳିତ କରି ରଖିଥିବା ପ୍ରାକୃତିକ ସମ୍ପତ୍ତିର ଅବକ୍ଷୟ ବହୁଳମାତ୍ରାରେ ଦେଖାଯାଉଛି। ଏଥିପାଇଁ ଆମେ ସରକାରଙ୍କୁ ଦୋଷାରୋପ କରିବା ଉଚିତ ନୁହେଁ। ଆମେ ବ୍ୟବହାର କରୁଥିବା ସାମୁହିକ ସମ୍ପତ୍ତିର ରକ୍ଷଣାବେକ୍ଷଣା ପାଇଁ ଜନ ସାଧାରଣ ହିଁ ଦାୟୀ।

# ଆପ୍‌ର ଆଦର୍ଶଗତ ସମସ୍ୟା

**ଅଧ୍ୟାପକ ଗୋପବନ୍ଧୁ**

ଭାରତୀୟ ରାଜନୀତିରେ ଆମ୍ ଆଦମୀ ପାର୍ଟିର ଆବିର୍ଭାବ ବିକଳ୍ପ ରାଜନୀତିର ସମ୍ଭାବନାକୁ ଉଜ୍ଜ୍ୱଳ କରିଥିଲା। ଭ୍ରଷ୍ଟାଚାର ମୁକ୍ତ ଭାରତବର୍ଷ ଗଠନ ଓ ସ୍ୱରାଜ ନୀତିର ଅନୁସରଣ ଦେଶରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଲୋକଙ୍କ ବିଶ୍ୱାସ ଥିଲା। ବର୍ତ୍ତମାନର ଖର୍ଚ୍ଚ ବହୁଳ ରାଜନୀତିରେ ଯେଉଁ ସ୍ୱଚ୍ଛୋଟ ସମାଜ ସେବୀ ଓ କର୍ମୀମାନେ ଥଳକୂଳ ପାଉନଥିଲେ ସେମାନେ ଏହି ପାର୍ଟି ମାଧ୍ୟମରେ ନିଜର ପରାକାଷ୍ଠାକୁ ପ୍ରଦର୍ଶନ କରିପାରିବେ ବୋଲି ଆଶା କରିଥିଲେ। ଦେଶର ସଂଖ୍ୟାଧିକ ଦଳିତ, ଆଦିବାସୀ, ପଛୁଆବର୍ଗ ଓ ସଂଖ୍ୟାଲଘୁମାନଙ୍କ ମଧ୍ୟରେ ଏହାର ଲୋକପ୍ରିୟତା ବଢିଚାଲିଛି ବୋଲି ଅନୁଭବ ହେଉଥିଲା। ସମଗ୍ର ଦେଶରେ ତଥା ଓଡିଶାରେ ପାର୍ଟି କ୍ଷିପ୍ର ବିସ୍ତାର ଲାଭ କରୁଛି ବୋଲି ଦାବି ହେଉଥିଲା। ଏ ସମସ୍ତ ଆକଳନ ଆଦୌ ମିଥ୍ୟା ନଥିଲା।

କିନ୍ତୁ ବିଗତ ଦୁଇଟି ରାଜ୍ୟର ବିଧାନସଭା ନିର୍ବାଚନରେ ସେହି ଅନୁସାରେ ଜନସମର୍ଥନ ମିଳିନଥିବାର କଥା ସ୍ପଷ୍ଟ ପ୍ରତୀୟମାନ ହେଉଛି। ପ୍ରବଳ ଜନସମାଗମ ପରିଲକ୍ଷିତ ହେଉଥିଲା ଗୁଜରାଟର ଆପ୍ ମିଟିଂରେ। କଳନା ହେଉଥିଲା ସେଠାରେ ପାର୍ଟି ସରକାର ଗଢିବ। ହେଲେ ଶେଷବେଳକୁ ସମର୍ଥନ ହ୍ରାସ ପାଇଲା ଓ ଆପ୍ କୁ କେବଳ ପାଞ୍ଚଟି ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଲା। ହିମାଚଳ ପ୍ରଦେଶରେ ପାର୍ଟିର ନୈରାଶ୍ୟଜନକ ପ୍ରଦର୍ଶନ ସମସ୍ତଙ୍କୁ ଜଣା। ଅଗବଶ୍ୟ ଦିଲ୍ଲୀରେ ନଗର ନିଗମ ନିର୍ବାଚନରେ ଆପ୍ ବିଜୟୀ ହୋଇଛି। ତେବେ ବିଗତ ଦିଲ୍ଲୀ ବିଧାନସଭା ନିର୍ବାଚନରେ ପାର୍ଟି ଯେତିକି ଭୋଟ ପାଇଥିଲା, ସେହି ତୁଳନାରେ ଭୋଟହାର ବହୁତ କମିଯାଇଛି। ଅବଶ୍ୟ ରାଜନୀତିରେ ଉପରତଳ ଖେଳ ରହିଛି। ତେଣୁ କରି ଆପ୍ ର ବିକଳ୍ପ ରାଜନୀତି ସମ୍ଭାବନା ସମାପ୍ତ ହୋଇଯାଇଛି ବୋଲି କୁହାଯାଇ ପାରିବ ନାହିଁ। ତେବେ ରାଜନୈତିକ ସମୀକ୍ଷକଙ୍କ ମତ ଆମ୍ ଆଦମୀ ପାର୍ଟିର ବଡ ଦୁର୍ବଳତା ହେଉଛି ଆଦର୍ଶଗତ ସମସ୍ୟା। ଅନୁସୃତ ଆଦର୍ଶକୁ ନେଇ ଅଭିଯୋଗ ଓ ପ୍ରତିଅଭିଯୋଗ ଲାଗି ରହିଛି। ଅନେକ କ୍ଷେତ୍ରରେ ଆପ୍ ସାଲିସ୍ କରୁଥିବାର ଅଭିଯୋଗ ହେଉଛି।

ଆମ୍ ଆଦମୀ ପାର୍ଟିର ସ୍ଥିତି ଓ ପ୍ରଗତୀ ସମ୍ବନ୍ଧରେ ବିଚାର କରିବା ସମୟରେ ଅନୁଧ୍ୟାନ କରିବା ଜରୁରୀ ଯେ କେଉଁମାନେ ଏହାର ଜନାଧାର। କେଉଁମାନେ ଚାହାଁନ୍ତି ଏ ପାର୍ଟି ଆଗକୁ ବଢୁ ଓ କାହିଁକି ଚାହାଁନ୍ତି ଆଗକୁ ବଢୁ। ଦେଶରେ ଗୋଟିଏ ପ୍ରଗତିଶୀଳ ଗୋଷ୍ଠୀ ରହିଛନ୍ତି। ଯେଉଁମାନେ ଜାତି, ଧର୍ମ ଓ ଭ୍ରାନ୍ତ ବିଚାର ଧାରାର ଉର୍ଦ୍ଧ୍ୱରେ। ଏମାନଙ୍କ ମଧ୍ୟରେ ସଂଖ୍ୟାଧିକ ଭାବେ ବାମପନ୍ଥୀମାନେ ଅଛନ୍ତି। ନାସ୍ତିକମାନେ ମଧ୍ୟ ଅଛନ୍ତି। ଦେଶରେ ବାମପନ୍ଥୀ ରାଜନୈତିକ ଦଳଗୁଡିକ ସଙ୍କୁଚିତ ହେବାରେ ଲାଗିଛି। ରାଷ୍ଟ୍ରୀୟ ସ୍ତରରେ ନିଜର ପତିଆରା ବିସ୍ତାର ଆଉ ନିକଟ ଭବିଷ୍ୟତରେ ସମ୍ଭବପର ନୁହେଁ ବୋଲି ଏମାନେ ବିଶ୍ୱାସ କରୁଛନ୍ତି। ତେଣୁ ଆପ୍ ହେଉଛି ନିକଟତର ଦଳ ଯାହା ଅନେକ ମାତ୍ରାରେ ଏମାନଙ୍କ ବିଚାର ସହିତ ସାମଞ୍ଜସ୍ୟତା ରଖେ। ସମଗ୍ର ଦେଶରେ ଏହି ଗୋଷ୍ଠୀର ଲୋକମାନେ ବିଶ୍ୱାସ କରୁଥିଲେ ଯେ ଆପ୍ କିଛି ମାତ୍ରାରେ ପ୍ରଗତିଶୀଳ ବିଚାରର ଅନୁସରଣ କରେ। ଏହା ସହିତ ଗରୀବ ଲୋକଙ୍କ ବିକାଶ କଥା ଚିନ୍ତା କରୁଥିବା ଯୋଗୁଁ ଏମାନଙ୍କ ଅନୁକମ୍ପା ଏ ପାର୍ଟି ପ୍ରତି ଥିଲା।

ଏହି ଗୋଷ୍ଠୀ ପ୍ରଗତିଶୀଳ ଚିନ୍ତନରେ ଆଦୌ ସାଲିସ୍ କରନ୍ତି ନାହିଁ। କ୍ରମେ ଏମାନଙ୍କ ମୋହ ଭଙ୍ଗ ହେଉଛି। ଭାରତୀୟ ଟଙ୍କାରେ ଲକ୍ଷ୍ମୀ ଓ ଗଣେଶଙ୍କ ଫୋଟ ଛାପିବା ସମ୍ବନ୍ଧୀୟ ଶ୍ରୀ କେଜରିୱାଲଙ୍କ ବୟାନ ଏମାନଙ୍କୁ ବ୍ୟଥିତ କରିଛି। ଏମାନେ ଭାବିବା ଆରମ୍ଭ କରିଛନ୍ତି ଯେ ଆପ୍ ତାଙ୍କ ବିଚାରମତେ ଏକ ପ୍ରଗତିଶୀଳ ଦଳ ନୁହେଁ। ଏହା ଏକ ରକ୍ଷଣଶୀଳ ଧର୍ମଭିତ୍ତିକ ଦଳ। କେବଳ ସେତିକି ନୁହେଁ ଯେଉଁମାନେ ଧର୍ମନିରପେକ୍ଷତାର ଦୃଢ଼ ସମର୍ଥକ ସେମାନେ ମଧ୍ୟ ହତୋତ୍ସାହିତ ହୋଇଛନ୍ତି। ଗୋଟିଏ ବହୁଧର୍ମୀ ରାଷ୍ଟ୍ରରେ କେବଳ ଗୋଟିଏ ଧର୍ମର ଦେବଦେବୀଙ୍କ ଫୋଟ ଟଙ୍କାରେ ରହିବା ଠିକ୍ ନୁହେଁ। ରହିଲେ ସମସ୍ତ ଧର୍ମର ରହିବା ସମୀଚିନ ବୋଲି ଏମାନଙ୍କ ମତ। ଆପ୍‌ର ଧର୍ମନିରପେକ୍ଷତା ଉପରେ ସନ୍ଦେହ ଜାତ ହୋଇଛି। ତେଣୁ ଏମାନେ ମଧ୍ୟ ଅହରିବା ଆରମ୍ଭ କରିଦେଇଛନ୍ତି।

ଆମ୍ ଆଦମୀ ପାର୍ଟି ଶହୀଦ ଭଗତ ସିଂ ଓ ବାବାସାହେବ ଆମ୍ବେଦକରଙ୍କ ଆଦର୍ଶର ଅନୁଗାମୀ ବୋଲି ଦାବୀ କରୁଛି। ଉଭୟଙ୍କ ଫୋଟଚିତ୍ର ଆପ୍ କାର୍ଯ୍ୟାଳୟ ମାନଙ୍କରେ ଟଙ୍ଗା ଯିବାର ସିଦ୍ଧାନ୍ତ ନେଇଛି। ଫୋଟ ଟାଙ୍ଗିବା ଓ ଆଦର୍ଶର ଅନୁସରଣ କରିବା ଦୁଇଟି ଭିନ୍ନ ବିଷୟ। ଶହୀଦ ଭଗତ ସିଂ ବାମପନ୍ଥୀ ବିଚାରଧାରାର ଥିଲେ। ଏହା ସହିତ ସେ ନାସ୍ତିକ ମଧ୍ୟ ଥିଲେ। ଦେଶପାଇଁ ତାଙ୍କ ବଳିଦାନ ଅତୁଳନୀୟ ଥିଲା। ସେହିପରି ଡକ୍ଟର ବି. ଆର୍. ଆମ୍ବେଦକରଙ୍କ ସାମାଜିକ ସଂଗ୍ରାମର ପଟାନ୍ତର ନାହିଁ। ତାଙ୍କ ସଂଗ୍ରାମର ଅନ୍ତିମ ଲକ୍ଷ୍ୟ ଥିଲା ଏକ ଜାତିରହିତ ସମତାଭିତ୍ତିକ ବୌଦ୍ଧିକ ସମାଜ ଗଠନ। ଯେଉଁ ସମାଜରେ ଭାତୃତ୍ୱଭାବ, ମାନବିକତା ଓ ପ୍ରଗତୀଶୀଳତା ବିରାଜମାନ ଥିବ। ଆପ୍ କେତେ ମାତ୍ରାରେ ଏହି ଦୁଇ ମହାପୁରୁଷଙ୍କ ଆଦର୍ଶ ଦ୍ୱାରା ଅନୁପ୍ରାଣିତ ତାହାର ସତ୍ୟାସତ୍ୟ ସମୟ ବତାଇବ। ଭୋଟ ହାତେଇବା ପାଇଁ ଏମାନଙ୍କ ଫୋଟ ଟଙ୍ଗା ଯାଇଛି କି ମାର୍କସବାଦ ଅନୁଯାୟୀ ଆର୍ଥିକ ସମତା ଓ ଆମ୍ବେଦକରବାଦ ଅନୁସାରେ ଜାତିବିହୀନ ସମତା ସମାଜର ପ୍ରତିଷ୍ଠା ପାଇଁ କାର୍ଯ୍ୟ କରୁଛି ତାହା ସ୍ପଷ୍ଟ ହୋଇନାହିଁ। ଏ ବାବଦକୁ ସ୍ପଷ୍ଟ ମତ ପ୍ରକାଶ ପାଇନାହିଁ।

ସଂଖ୍ୟାଲଘୁ ସମ୍ପ୍ରଦାୟମାନଙ୍କ ଅଭିଯୋଗ ଯେ ଆପ୍ ମିଛରେ ଧର୍ମନିରପେକ୍ଷତାର ଅନୁଗାମୀ ବୋଲି ଦାବି କରୁଛି। ପ୍ରକୃତପକ୍ଷେ ଏହା ହିନ୍ଦୁବାଦୀ ରାଜନୈତିକ ସଂଗଠନ ଅଟେ। ଦଳିତ, ଆଦିବାସୀ ଓ ପଛୁଆବର୍ଗ ସଂଗଠନମାନଙ୍କ ଅଭିଯୋଗ ଯେ ଆପ୍ ନାମକୁ ମାତ୍ର ଡକ୍ଟର ଆମ୍ବେଦକରଙ୍କ ଅନୁଗାମୀ, ପ୍ରକୃତ ପକ୍ଷେ ଏହା ଏକ ଉଚ୍ଚ ଜାତିବାଦୀ ପାର୍ଟି ଅଟେ। ଏ ପାର୍ଟି ବର୍ତ୍ତମାନ ସୁଦ୍ଧା ଯେତେ ଜଣଙ୍କୁ ରାଜ୍ୟସଭାକୁ ପଠାଇଛି ସମସ୍ତେ ହେଉଛନ୍ତି ତଥାକଥିତ ଉଚ୍ଚ ଜାତିର। ପାର୍ଟି ଉଲ୍ଲେଖିତ ବର୍ଗ ଗୁଡିକର ପ୍ରତିନିଧିତ୍ୱ କଥା ଚିନ୍ତା କରୁନାହିଁ। ସଂଗଠନ କ୍ଷେତ୍ରରେ ମଧ୍ୟ ଏହା ପରିଲକ୍ଷିତ ହେଉଛି। ଓଡିଶା ସମେତ ଅନେକ ରାଜ୍ୟରେ ଏହା ସ୍ପଷ୍ଟ ବାରି ହୋଇପଡୁଛି। ଏପରିକି ଆଂଚଳିକ ସଂଗଠନ ଗୁଡ଼ିକରେ ମଧ୍ୟ ସମାନ ଅବସ୍ଥା। ତେଣୁ କରି ଏହି ବର୍ଗର ଲୋକମାନେ ଆପକୁ ବିଶ୍ୱାସକୁ ନେଇପାରୁ ନାହାଁନ୍ତି। ପ୍ରାରମ୍ଭରେ ଯେଉଁ ଆଶା ଥିଲା ଯେ ଏହା ସାଧାରଣ ଜନତାଙ୍କ ପାର୍ଟି, ସେ ଆଶା କ୍ରମେ ମଉଳି ଯାଉଛି। ଏହା ମଧ୍ୟ ଅନ୍ୟ ଦଳ ଭଳି ଖାସ୍ ଆଦମୀଙ୍କ ପାର୍ଟି ବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ତେଣୁ ସାମାଜିକ ନ୍ୟାୟ ଆନ୍ଦୋଳନର ସମର୍ଥକମାନେ ଆପ୍ ଉପରେ ବିଶ୍ୱାସ କରିପାରୁ ନାହାଁନ୍ତି।

ଭ୍ରଷ୍ଟାଚାର ମୁକ୍ତ ଶାସନ ବ୍ୟବସ୍ଥା ଓ ସୁଶାସନ ଦେବାର ସଂକଳ୍ପ ଆପ୍ ପାଇଁ ଠିକ୍ ଥିଲା। ଏପରିକି ଶିକ୍ଷା ଓ ସ୍ୱାସ୍ଥ୍ୟସେବାକୁ ଦେୟମୁକ୍ତ କରିବା ପର୍ଯ୍ୟନ୍ତ କଥା ଗ୍ରହଣୀୟ ଥିଲା। କିନ୍ତୁ ଅତ୍ୟଧିକ ଦେୟମୁକ୍ତ ଯୋଜନା ପାର୍ଟି ପାଇଁ ବୁମେରାଂ ହୋଇଛି। ଯାହାକି ଗୁଜରାଟ ଓ ହିମାଚଳ ପ୍ରଦେଶ ନିର୍ବାଚନରେ ପ୍ରତିଫଳିତ ହୋଇଛି। ଏତେ ଘୋଷଣା ସତ୍ତ୍ୱେ ପାର୍ଟି ଏତେ ଭଲ ପ୍ରଦର୍ଶନ କରିପାରିଲା ନାହିଁ। ଲୋକେ ପାର୍ଟିର ଅତ୍ୟଧିକ ଦେୟମୁକ୍ତ ଘୋଷଣାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ପାର୍ଟିର ମୂଳ ବିଷୟ ହେଉଛି ଭ୍ରଷ୍ଟାଚାରକୁ ସମୂଳେ ନାଶ କରିବା। କିନ୍ତୁ ଦେଖାଯାଉଛି ଏହାର ତୁଙ୍ଗ ନେତାଙ୍କ ବିରୁଦ୍ଧରେ ଭ୍ରଷ୍ଟାଚାରର ଅଭିଯୋଗ ଆସିଛି। ଦିଲ୍ଲୀ ନଗର ନିଗମ ନିର୍ବାଚନରେ ଟିକେଟ ବିକ୍ରୀ ହେବାର ମଧ୍ୟ ଅଭିଯୋଗ ଆସିଛି। ପାର୍ଟିରେ ଜାଲ ସାର୍ଟିଫିକେଟ୍ ଧାରୀ ମଧ୍ୟ ଥିଲେ। ଅବଶ୍ୟ ପାର୍ଟି ସଫେଇ ଦେଇଛି ଯେ ଏ ସବୁ କେନ୍ଦ୍ର ଶାସନରେ ଥିବା ବିଜେପିର ଚାଲ ଆପ୍ କୁ ବଦନାମ କରିବା ପାଇଁ। ଅନେକେ ଏ କଥାକୁ ସହଜରେ ଗ୍ରହଣ କରିପାରି ନାହାଁନ୍ତି। ଏହାର ପ୍ରଭାବ ଗତ ନିର୍ବାଚନରେ ପଡିଛି ଓ ଆପ୍ କୁ କ୍ଷତି ପହଞ୍ଚାଇଛି। ଏ ଦିଗରେ ପାର୍ଟି ସତର୍କ ହେବା ଜରୁରୀ।

ଆପ୍ ର ଅବକାରୀ ନୀତିକୁ ନେଇ ଅନେକେ ସନ୍ତୁଷ୍ଟ ନୁହଁନ୍ତି। ସମଗ୍ର ଦେଶରେ ଓ ସମସ୍ତ ଅଞ୍ଚଳରେ ମଦ ବିରୋଧୀ ଅଭିଯାନ ଚାଲିଛି। ଏମାନେ ନିଶା ନିବାରଣର ସମର୍ଥକ। ନିଶା ସାଧାରଣ ଜନତାଙ୍କ ଅଶେଷ କ୍ଷତି ସାଧନ କରୁଛି। କେତେକ ରାଜ୍ୟ ନିଶା ନିବାରଣକୁ କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ ଦିଲ୍ଲୀରେ ଏହା ହୋଇନାହିଁ। ଅନେକେ ଭାବୁଥିଲେ ଯେହେତୁ ଏହା ଆମ୍ ଜନତାର ପାର୍ଟି, ତେଣୁ ତାଙ୍କ ସ୍ୱାର୍ଥ ପାଇଁ ଏହା ନିଶା ନିବାରଣ ନୀତିକୁ ଅନୁସରଣ କରିବ। ଅବକାରୀ ନୀତିକୁ ନେଇ ଦିଲ୍ଲୀ ସରକାର ସମାଲୋଚନାର ସମ୍ମୁଖୀନ ହେଉଛି। ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ ଅନିୟମିତତାର ଅଭିଯୋଗ ଆସିଛି। ନିଶା ନିବାରଣ ଆନ୍ଦୋଳନର ସମର୍ଥକମାନେ ଆପ୍ ର ଅବକାରୀ ନୀତିକୁ ପସନ୍ଦ କରୁନାହାଁନ୍ତି। ଏମାନେ ସମ୍ପୂର୍ଣ୍ଣ ନିଶା ନିବାରଣ ଚାହାଁନ୍ତି। ଆପ୍ ଶାସିତ ଦିଲ୍ଲୀ ଓ ପଞ୍ଜାବରେ ଏହା ନିଶ୍ଚିତରୂପେ ହେବା ଉଚିତ୍। ନିଶା ନିବାରଣକୁ ପାର୍ଟି ଆଦର୍ଶରୂପେ ଗ୍ରହଣ କରୁ ବୋଲି ଅନେକେ ଚାହୁଁଛନ୍ତି।

ଅନେକଙ୍କ ମତ ଯେ ଆମ୍ ଆଦମୀ ପାର୍ଟି ହେଉଛି ଆରଏସଏସର ବେକଅପ୍ ପାର୍ଟି। କୌଣସି କାରଣରୁ ବିଜେପି ବିଫଳ ହେଲେ ଆପ୍ ତାହାର ସ୍ଥାନ ପୂରଣ କରିବ। ଆରଏସଏସର ଆଦର୍ଶ ମତେ ପାର୍ଟି ପରିଚାଳିତ ହେଉଛି ବୋଲି ଅଭିଯୋଗ ଆସୁଛି। ନରମ ହିନ୍ଦୁତ୍ୱ ହେଉଛି ପାର୍ଟିର ଆଦର୍ଶ ବୋଲି ଅନେକେ କହୁଛନ୍ତି। ଭାରତୀୟ ଟଙ୍କାରେ ହିନ୍ଦୁ ଦେବଦେବୀଙ୍କ ଫୋଟ ରଖିବା ବୟାନ ଓ ବୌଦ୍ଧ ସମ୍ମିଳନୀରେ ଯୋଗଦାନ ପାଇଁ ତତ୍କାଳୀନ ଦିଲ୍ଲୀ ମନ୍ତ୍ରୀ ରାଜେନ୍ଦ୍ର ପାଲ ଗୌତମଙ୍କୁ ଇସ୍ତଫା ଦେବା ପାଇଁ ବାଧ କରାଇବା କେଉଁ ପ୍ରକାରର ହିନ୍ଦୁତ୍ୱ ବୁଝି ହେଉନାହିଁ। ଏହା ନରମ ହିନ୍ଦୁତ୍ୱ ନା କୋଠର ହିନ୍ଦୁତ୍ୱ। ସମାଜରେ ଥିବା ଜାତିବାଦ ଉପରେ ପାର୍ଟିର ଆଭିମୁଖ୍ୟ ସ୍ପଷ୍ଟ ନୁହେଁ। ଏହା ବର୍ଣ୍ଣବ୍ୟବସ୍ଥାକୁ ସମର୍ଥନ କରେ କି ବିରୋଧ କରେ ତାହା ଏଯାଏଁ ଜଣାପଡ଼ି ନାହିଁ। ସ୍ୱରାଜରୁ ଆରମ୍ଭ ହୋଇଥିବା ଏ ପାର୍ଟି ଆଜି ସ୍ୱରାଜକୁ ବହୁ ପଛରେ ଛାଡି ଦେଇଥିବା ପରି ମନେହୁଏ। ସମସ୍ତ ସିଦ୍ଧାନ୍ତ ଉଚ୍ଚ ନେତୃତ୍ୱ ନେଉଛନ୍ତି। ଅନ୍ୟାନ୍ୟ ପାରମ୍ପରିକ ଦଳଠାରୁ ଏହା ପୃଥକ ବୋଲି ଜାଣି ହେଉନାହିଁ। ଏଥିରେ ମଧ୍ୟ ହାଇକମାଣ୍ଡବାଦ କାୟା ବିସ୍ତାର କରୁଛି। ପାର୍ଟିରେ ତୋଷାମଦିଆଙ୍କ ଗୁରୁତ୍ୱ ବେଶୀ। ଏ ସମସ୍ତ ଅଭିଯୋଗ ଓ ସମାଲୋଚନା ସତ୍ତ୍ୱେ ଆମ୍ ଆଦମୀ ପାର୍ଟିର ପ୍ରାସଙ୍ଗିକତା ଏବେବି ରହିଛି। ଆଦର୍ଶଗତ ଦୃଢ଼ତା ଓ ସ୍ୱଚ୍ଛତା ଆଗକୁ ବଢ଼ିବାରେ ନିଶ୍ଚୟ ସହାୟକ ହେବ। ନିଜ ମଧ୍ୟରେ ଥିବା ଦୋଷ ଦୁର୍ବଳତାକୁ ହଟାଇ ପାରିଲେ ଏହା ବିକଳ୍ପ ରାଜନୈତିକ ଶକ୍ତିଭାବେ ଉଭା ହୋଇପାରିବ। ହିନ୍ଦୁତ୍ୱକୁ ବିଜେପି ପେଟେଣ୍ଟ କରି ନେଇଛି। ଏହାକୁ ଛଡାଇଆଣି ରାଜନୈତିକ ଆଧାର ବନାଇବା ଆପ୍ ପାଇଁ ସହଜ ହେବନାହିଁ। ଏବେବି ଦେଶର ସଂଖ୍ୟାଧିକ ଲୋକ ସମ୍ବିଧାନବାଦୀ, ଧର୍ମ ନିରପେକ୍ଷବାଦୀ ଓ ପ୍ରଗତିବାଦୀ ଅଟନ୍ତି। ଏ ସମସ୍ତଙ୍କୁ ଯେଉଁ ପାର୍ଟି ଗୋଟିଏ ସୂତ୍ରରେ ବାନ୍ଧିପାରିବ, ସେହି ପାର୍ଟି ଆଗାମୀ ଦିନରେ ନିଜର ସ୍ଥିତିକୁ ମଜଭୁତ କରିବାରେ ସଫଳ ହେବା ନିଶ୍ଚିତ। ବର୍ତ୍ତମାନର ପରିପ୍ରେକ୍ଷୀରେ ଆଦର୍ଶଗତ ସମସ୍ୟା ହିଁ ଆମ୍ ଆଦମୀ ପାର୍ଟି ପାଇଁ ବଡ଼ ଚ୍ୟାଲେଞ୍ଜ।

# ବୋଲେ ହୁଁ ଟି

**ମୋହନ ଚରଣ ବିଶି**

ମରମୁନ ଡକ୍ଟରେନରେ ବ୍ରସ ଆର ଏମକୋକି କହିଛନ୍ତି: ଆଜ୍ଞାଧୀନ ହେବା ସ୍ୱର୍ଗର ପ୍ରଥମ ନିୟମ। ଆଲେକଜାଣ୍ଡାର ପୋପ ଇସେ ଅନ ମେନରେ କହିଲେ ନିର୍ଦ୍ଦେଶ ପାଳନ କରିବା ସ୍ୱର୍ଗର ପ୍ରଥମ ନିୟମ। ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନକୁ କହିଲେ କର୍ମ କର,ସଂସାରର ନିୟମକୁ ପାଳନ କର।ପୁରାଣ ଅନୁସାରେ ଜଣେ କହିଛନ୍ତି ଓ ଅନ୍ୟଜଣେ ଶୁଣନ୍ତି। ଶୁଣିବା ଲୋକର ଜିଜ୍ଞାସାକୁ ସମ୍ମାନ ଦେଇ କହିଥାନ୍ତି।ଜାଣିବାକୁ ହେଲେ ଶୁଣିବା,ଦେଖିବା ଓ ପଢିବାକୁ ପଡିବ।କେଉଁ ଅନାଦି କାଳରୁ ପ୍ରଚଳିତ ହେଇଆସିଛି ଜଣେ କହିବେ ଅନ୍ୟ ଜଣେ ଶୁଣିବ।ଶୁଣିବା ଲୋକ ଠାରୁ କହିବା ଲୋକର ଜ୍ଞାନ ଅଧିକ।କେବଳ ଜ୍ଞାନ ନୁହେଁ ସେ ଚାଲାକ ଓ ଚତୁର ମଧ।ନିଜ ବୁଦ୍ଧିମତାରେ ଅନ୍ୟକୁ ସହଜରେ ମାତ୍ ଦେବାରେ ପାରଦର୍ଶିତା ହାସଲ କରିଥାନ୍ତି।

ଅଜା,ଆଇଙ୍କ ଠାରୁ ଗପ ନ ଶୁଣିଲା ଲୋକ କିଏ ନଥିବେ ? ଅଜା ଆଇ ଗପ କହୁଥିବେ ସେତେବେଳେ ଯାଏ ଯଦି ହୁଁ ହୁଁ କରୁଥିବ ନାତି କି ନାତୁଣୀ।ଅଜା ଆଇଙ୍କ ଗପ ଏମିତି ଚାଲିଥିବ ହୁଁ ହୁଁ ବନ୍ଦହେଲେ ଗପ ସରିବ।କନ୍ୟା ବିଦାୟ ସମୟରେ ପାଲିଙ୍କିରେ କନ୍ୟା ସବିଥିବ ସବାରୀବାଲା ବୋଲେ ହୁଁ ଟି ଡାକ ଦଉଥିବା ସୂଚିତ କରେ ଏକ ଲୟରେ ସବାରୀବାଲା ବର ଘରକୁ ପହଞ୍ଚାଇବ,ରାସ୍ତାରେ କୌଣସି ବାଧକ ଆସିବ ନାହିଁ ସେଥିପାଇଁ ଧ୍ୟାନ ଦେବ। ଆମେ ସମସ୍ତେ ହୁଁ ହୁଁ କହି ଏତେବାଟ ଆସିଛେ।ହୁଁ ହୁଁ କରିବା ଅର୍ଥାତ ସହମତି ପ୍ରକାଶ କରିବାକୁ ବୁଝାଏ।ଏହି ସହମତି ଭିତରେ ବକ୍ତାର ପ୍ରତ୍ୟେକ କଥା ପ୍ରତି ସମର୍ଥନ ରହିଥାଏ।ଏହି ସମର୍ଥନ ରହି ଆସିଛି ବୋଲି ସଂସାର ସୁନ୍ଦର ଭାବରେ ଗତି କରୁଛି।ଯେଉଁଠି ସମର୍ଥନ ନାହିଁ ସେଠାରେ ଆରମ୍ଭ ହୁଏ ପ୍ରତିବାଦ।ପ୍ରତିବାଦ ସ୍ୱର ସେଠି ଶୁଭିଥାଏ ଯେଉଁଠି ସହିବାର ସୀମା ଟପିଯାଇଥାଏ।ପୃଥିବୀରେ ସଂଘଟିତ ହୋଇଥିବା ଇଂଲଣ୍ଡର ଗ୍ଲୋରିୟସ ରିଭୋଲେସନ,ଆମେରିକାର ସ୍ୱାଧୀନତା ସଂଗ୍ରାମ,ଫରାସୀ ରାଷ୍ଟ୍ର ବିପ୍ଳବ ବିଦ୍ରୋହ ପଛରେ ରହିଥିଲା ଅସହ୍ୟ ଯନ୍ତ୍ରଣା ଓ ନିର୍ଯାତନା।ସେମିତି ଭାରତ ସ୍ୱାଧୀନତା ଆନ୍ଦୋଳନ ସଂଘଟିତ ହୋଇଛି ଫିରିଙ୍ଗି ଶାସନକୁ ସହିନପାରିବାର ଦୁଃଖ ଓ ଅତ୍ୟାଚାର ଯୋଗୁଁ।ଅର୍ଥାତ ପ୍ରତ୍ୟେକ କଥାକୁ ସହିଗଲେ କିଛି ଜଣାପଡେ ନାହିଁ କିନ୍ତୁ କଥାକୁ ନ ସହି ପ୍ରତି ଉତ୍ତର ଦେଲେ କହିବା ଲୋକ ମନରେ ଆଘାତ ସୃଷ୍ଟି ହୋଇଥାଏ।ଥରେ କହିବା ଲୋକ ମନରେ ଆଘାତ ସୃଷ୍ଟି ହେଲେ ଶୁଣିବା ଲୋକ ପ୍ରତି ମନୋଭାବ ବଦଳି ଯାଇଥାଏ।ଧିରେଧିରେ କହିବା ଲୋକ ସହିବା ଲୋକ ଉପରେ ଯେତେ କଥା କିମ୍ବା କାମ କରିଛନ୍ତି ତାହା ସାର୍ବଜନୀନ କରିଥାଏ।ଏହି କଥା ମଧ୍ୟରେ କହିବା ଲୋକ କହେ ମୁଁ ଏକା ତମ ପ୍ରତି କେତେ କାମ କରିଛି।ମୁଁ ତମ ପାଇଁ ଏତେ କରିନଥିଲେ ତମର ଏମିତି ପରିବର୍ତ୍ତନ ହୋଇନଥାନ୍ତା।ମୋ ପାଇଁ ତମର ଏପରି ପରିବର୍ତ୍ତନ।ମୋର ଜ୍ଞାନ ପାଇ,ମୋ ଠାରୁ ସହଯୋଗ ପାଇ ଏତେବାଟ ଆଗେଇଛ ନଚେତ ତମକୁ କିଏ ଜାଣିଥିଲା ? ତମର ପରିଚୟ କଣ ଥିଲା ?

କାଳଜୟୀ ଗ୍ରନ୍ଥ ଗୀତା ଅବଲୋକନ କଲେ ଜାଣିବା ଯେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି।ଅର୍ଜୁନ ହଁ ହଁ କରି ଗ୍ରହଣ କରିଛନ୍ତି।ଏତେ ମହାନ ଜ୍ଞାନ ଦାନ କରି ମଧ୍ୟ ଶ୍ରୀକୃଷ୍ଣ କେବେ କହିନାହାନ୍ତି ଅର୍ଜୁନଙ୍କୁ ମୋ ପାଇଁ ତମର ଏପରି ପରିବର୍ତ୍ତନ ହୋଇଛି।ବଂର କହିଛନ୍ତି ତମର କର୍ମ ହିଁ ତମର ପରିବର୍ତ୍ତନ କରିଛି।ଭାଗବତ ବାଣୀ କହଇ ମନ ଆରେ ମୋ ବୋଲ କର ଇଙ୍ଗିତ କରୁଛି ଭାଗବତର ପ୍ରତ୍ୟେକ ବାଣୀକୁ ଜୀବନରେ ଉପଯୋଗ କଲେ ମଣିଷ ପରିବର୍ତ୍ତନ ହୋଇ ଜ୍ଞାନବାନ ହୋଇଥାଏ। ଏଥିପାଇଁ ଭାଗବତକାର କଣ କହି ବୁଲନ୍ତି ମୋ ପାଇଁ ତମେ ଜ୍ଞାନୀ ହେଲ? ପ୍ରକୃତ ଜ୍ଞାନବାନ ବ୍ୟକ୍ତି କେବେ ମଧ୍ୟ କହନ୍ତି ନାହିଁ ମୋ ଜ୍ଞାନ ପାଇଁ ତମର ଏତେ ଉନ୍ନତି।ବଂର କହନ୍ତି ତମ ଦ୍ୱାରା ପରାଜିତ ହେଲେ ମୋ ଶିକ୍ଷାର ଉଚିତ ମୂଲ୍ୟ ପାଇଗଲି। କହୁଥିବା ଲୋକ ଏମିତି ଅନୁଭବ କେତେଜଣ କରନ୍ତି ? ଅଳ୍ପ ଲୋକ ଥିବେ ଯେଉଁମାନଙ୍କ ଏପରି ମହାନ ଚିନ୍ତାଧାରା ଥିବ।

ବୋଲକରା ଲୋକ ସମସ୍ତଙ୍କ ପ୍ରିୟପାତ୍ର ହୋଇଥାଏ।ପ୍ରିୟପାତ୍ର ହେବା ପଛର କାରଣ ହେଉଛି ସେ ସମସ୍ତଙ୍କ ନିର୍ଦ୍ଦେଶ ପାଳନ କରେ। ଯିଏ ଯେମିତି କହନ୍ତି ସମସ୍ତଙ୍କର କହିବା ଅନୁସାରେ କାମକରେ କିମ୍ବା ତାଙ୍କ ପଦାଙ୍କ ଅନୁସରଣ କରେ।ଆଜ୍ଞାଧିନ ତାର ଲକ୍ଷଣ ହୋଇଥାଏ। ବଡ ଲୋକର ଆଜ୍ଞାକୁ ପାଳନ କରିଥାଏ।ତା ପାଇଁ ନିର୍ଦ୍ଦେଶ ପାଳନ କରିବା ହିଁ ଏକ ମାତ୍ର ବିକଳ୍ପ।ନିର୍ଦ୍ଦେଶ ପାଳନ କରିବାରେ ଯେଉଁ ଆନନ୍ଦ ନିର୍ଦ୍ଦେଶ ଦେବାରେ ସେହି ଆନନ୍ଦ ଥାଏ କି ? ଏଥିପାଇଁ ବୋଲକରା ଲୋକ ଅନ୍ୟମାନଙ୍କ ଠାରୁ ଉପହାସିତ ମଧ୍ୟ ହୋଇଥାଏ।ତାର କାରଣ ହେଉଛି ତାର ନିଜର କିଛି ଜ୍ଞାନ ନାହିଁ।ସଦା ସର୍ବଦା ତାର ପଛରେ ପଡିଛି।ସେ ଅନୁକରଣ ପ୍ରକୃତିର ଲୋକ।ତାର ନିଜସ୍ୱ ବୋଲି କିଛିନାହିଁ।ସେ ଲୋକର କିଛି ମାନ ଅଭିମାନ ନାହିଁ।ଯାହା କହିବେ ଅନ୍ୟମାନେ ତାହା ହିଁ କରିବ।ସେ ଲୋକ ତାର ଚାକର।ତାର ଭୃତ୍ୟ,ତାର ଦାସ,ତାର ବୋଲକର।ଏତେ ସବୁ କଥା ଶୁଣିଲା ପରେ ମଧ ବୋଲକରା ପଛକୁ ହଟିନଥାଏ। ତାର କର୍ତ୍ତବ୍ୟ ମନେକରି ସବୁ କରିଯାଏ।କିନ୍ତୁ କେବେ କଣ ମାଲିକ ଭାବୁଥିବା ଲୋକ ବୋଲକରାର ମନର କଥାକୁ ବୁଝିବାକୁ ଚେଷ୍ଟା କରନ୍ତି କି ? ବୋଲକରାର ବ୍ୟକ୍ତିଗତ ଜୀବନ ବିଷୟରେ ମୂଲ୍ୟାୟନ କରନ୍ତି କି ? ବୋଲକରାର ସାମାଜିକ ସ୍ଥିତି ବିଷୟରେ ଅବଲୋକନ କରନ୍ତି କି ?

ଯେଉଁମାନେ ପ୍ରକୃତରେ ଜ୍ଞାତା ସେମାନେ ବୋଲକରାର ସର୍ବାଙ୍ଗୀନ ଉନ୍ନତି ଚାହାନ୍ତି।କିନ୍ତୁ ଯେଉଁମାନେ ସ୍ୱାର୍ଥ ରଖି ବୋଲକରାକୁ ବ୍ୟବହାର କରିଥାନ୍ତି।ଏବଂ ବ୍ୟବହାର କରିବା ଭିତରେ କିଛି କିଛି ସୁହାଇଲା ପରି ଦେଖାଣିଆ କାମ କରିଦେଇ ଡିଣ୍ଡିମ ପିଟି ବୁଲନ୍ତି ମୁଁ ତାର ଅମୁକ କାମ କରିଦେଲି।ପ୍ରକୃତ କଥା ସେତେବେଳେ ଜଣାପଡେ ଯେତେବେଳେ ବୋଲକରା କୌଣସି କାରଣ ପାଇଁ ବୋଲ ଅନୁସାରେ କରିପାରେ ନାହିଁ କିମ୍ବା କୌଣସି ନୂଆ ଦାୟିତ୍ୱ ଗ୍ରହଣ କରିବାରୁ ପ୍ରତ୍ୟେକ କଥାରେ ଆଉ ହୁଁ ହୁଁ କରିପାରେ ନାହିଁ।ସେତେବେଳେ ବୋଲକରା ଦେହକୁ ଅନେକ କଥା ଆସେ ସେ ଆଜି ମୋ ପାଇଁ ଏତେବଡ ଆଉ ମୋ କଥା ରଖୁନାହିଁ। ମୋ ଅନୁସାରେ ଆଉ ଚଳୁନାହିଁ।ତାର କଣ ଥିଲା କି ? ମୋ ପାଇଁ ସିନା ଏତେ।ବୋଲକରା ବୋଲ ନମାନିବା ପଛରେ ଅନେକ କାରଣ ଥାଇପାରେ।ଏବଂ ସେହି କାରଣ ବିଷୟରେ ସେ କାହୁକୁ କହି ମଧ୍ୟ ନପାରେ।ପ୍ରତ୍ୟେକ କଥାକୁ ହୁଁ ହୁଁ କରିବା ଦ୍ୱାରା ଗୋଟିଏ ରାଷ୍ଟ୍ରର ସ୍ୱାଧୀନତା ମଧ୍ୟ ବିପନ୍ନ ହୋଇଯାଇଛି।ନିଜ ପ୍ରତି ମଧ୍ୟ ବିପଦ ଆସିପାରେ।

ହୁଁ ହୁଁ ଅନ୍ୟକୁ ସ୍ୱେଚ୍ଛାଚାରୀ କରେ।ଭଲ ଖରାପ ନିର୍ଦ୍ଧାରଣ କରିପାରେ ନାହିଁ।ଏଣୁ ପ୍ରତ୍ୟେକ କଥାରେ ହୁଁ ହୁଁ କହିବା ଯଥାର୍ଥ ପ୍ରତିପାଦିତ ହୋଇନଥାଏ।

ହେଲେ ସମସ୍ତେ ଜାଣିବା ଉଚିତ ବୋଲକରାର ମଧ ସଂସାର ଅଛି।ତାର ମଧ ମନ ଅଛି,ତାର ମଧ ଲକ୍ଷ୍ୟ, ଉଦ୍ଦେଶ୍ୟ ରହିଛି।ତା ଭିତରେ ମଧ ସେବା,ତ୍ୟାଗର ମହାନ ଗୁଣ ରହିଛି।ବୋଲକରା ପ୍ରକୃତିର ଲୋକ ଠାରୁ ସମାଜ ଅନେକ କିଛି ଶିଖିବାର ଅଛି।ତାର ମଧ ସ୍ୱପ୍ନ ଅଛି,ସମ୍ଭାବନା ଅଛି,ପ୍ରତିବାଦ କରିବାର କ୍ଷମତା ରହିଛି।ସର୍ବୋପରି ତାର ମଧ ସ୍ୱାଧୀନତା ଅଛି।

# ଜଗିଙ୍ଗ ଏବଂ ଜିନ୍ସ ମନା

କଥାରେ ରହିଛି ନଈ କେ ଫାଙ୍କ ଦେଶ କେ ବାଙ୍କ। ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଆଇନ ରହିଛି। ବେଳେବେଳେ ସରକାର ଲୋକଙ୍କ ମଧ୍ୟରେ ସଚେତନା ସୃଷ୍ଟି କରିବା ପାଇଁ ନୂଆ ନିୟମ ଲାଗୁ କରୁଥିବା ବେଳେ ଏହା ହିଁ ପରବର୍ତ୍ତୀ ସମୟରେ ସେଠାରେ ଆଇନରେ ପରିଣତ କରାଯାଇଥାଏ। ଯେମିତି ବର୍ତ୍ତମାନ ଆମ ଦେଶରେ ଟ୍ରାଫିକ୍ ନିୟମ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ହେଲେ ଏମିତି ବି ଦେଶ ରହିଛି ଯେଉଁଠି ଜିନ୍ସ ପିନ୍ଧିବା ସମ୍ପୂର୍ଣ୍ଣ ମନା।



## ଜଗିଙ୍ଗ ମନା

ପୂର୍ବ ଆଫ୍ରିକା ଏପରି ଏକ ଦେଶ ଅଛି ଯେଉଁଠି ଜଗିଙ୍ଗ କରିବା ମନା। ଏହି ଦେଶର ନାମ ବୁରିଣ୍ଡି। ସାଧାରଣତଃ ଜଗିଙ୍ଗ କରିବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକର, ଏକଥା ସରକାରଙ୍କୁ ଜଣା ଥିଲେ ହେଁ ଜଗିଙ୍ଗ ଓ ମର୍ଣ୍ଣିଂ ୱାକକୁ ଏଠାରେ ସମ୍ପୂର୍ଣ୍ଣ ବ୍ୟାନ କରାଯାଇଛି। ୨୦୧୪ ରେ ବୁରିଣ୍ଡିରେ ଜଗିଙ୍ଗ କରିବା ନେଇ ଏଠାକାର ରାଷ୍ଟ୍ରପତି ମନା କରିଥିଲେ। ସେ କହିଥିଲେ ଏହା ଦ୍ୱାରା ଅସାମାଜିକ କାର୍ଯ୍ୟକୁ ପ୍ରୋତ୍ସାହନ ଦିଆଯାଇଛି, ଫଳରେ ଦିନକୁ ଦିନ ଅପରାଧ ବଢି ଚାଲିଛି। ରାଷ୍ଟ୍ରପତିଙ୍କର ଏଭଳି କଥା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ ହେଁ ଦେଶରୁ ଅପରାଧ ରୋକିବା ଲାଗି ସିଧା ମନା କରିଛନ୍ତି। ଏହା ପରଠାରୁ ସେଠାରେ ଜଗିଙ୍ଗ ବ୍ୟାନ୍ ନେଇ ଏକ ଆଇନ ମଧ୍ୟ ପ୍ରଣୟନ କରାଯିବାକୁ ଯୋଜନା ହେଉଛି।

## ଚୁଇଙ୍ଗ ଗମ୍ ମନା

ସିଙ୍ଗାପୋରରେ ୨୦୦୪ ରୁ ଚୁଇଙଗ ଗମ୍ ଖାଇବା ବ୍ୟାନ କରି ଦିଆଯାଇଥିଲା। ଏହା ପଛରେ ପ୍ରମୁଖ କାରଣ ରହିଥିଲା, ରାସ୍ତାଘାଟରେ ଚୁଇଙ୍ଗ ଗମ୍ ପଡି ପରିବେଶକୁ ନଷ୍ଟ କରୁଥିବା ବେଳେ ଲୋକମାନେ ମଧ୍ୟ ଏହାକୁ ଖାଇ ବିଭିନ୍ନ ଶ୍ୱାସ ସମ୍ବନ୍ଧୀୟ ରୋଗରେ ପଡୁଥିଲେ। ଏଥିପାଇଁ ଏଠାରେ ଚୁଇଙ୍ଗ ଗମ ସମ୍ପୂର୍ଣ୍ଣ ବ୍ୟାନ୍।

## ଜିନ୍ସ ପିନ୍ଧିବା ମନା

ଉତ୍ତରକୋରିଆକୁ ପଶିବା ମାତ୍ରେ ରାସ୍ତାଘାଟ ଚାରିଆଡେ ଏକଛତ୍ରବାଦୀ ଶାସକ କିମ୍ ଜଙ୍ଗ ଉନ୍‌ଙ୍କ ଫଟୋ ଦେଖିବାକୁ ପାଇବେ। କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ସେ ତାଙ୍କ ଦେଶରେ ନୀଳ ରଙ୍ଗର ଜିନ୍ସକୁ ସମ୍ପୂର୍ଣ୍ଣ ବ୍ୟାନ୍ କରିଦେଇଛନ୍ତି। ଏହା ପଛରେ ରହିଥିବା କାରଣ ହେଉଛି ବିଦେଶୀ ସଂସ୍କୃତିକୁ ବର୍ଜନ କରିବା। ବିଶେଷକରି ଏହି ଜିନ୍ସ ପସ୍ତୁତ କରୁଥିବାରୁ ସେ ଏହା ଉପରେ ପ୍ରତିବନ୍ଧକ ଲଗାଇଛନ୍ତି।

## ବାହାରେ ଛେପ ପକାଇବା ମନା

ଭାରତରେ ପାନ ଖାଇ ଯେଉଁଠି ପାଇ ସେଇଠି ଛେପ ପକାଇବା ଅତି ସାଧାରଣ କଥା। କିନ୍ତୁ ଏମିତି କିଛି ସ୍ଥାନ ରହିଛି ଯେଉଁଠି ପାନ ଛେପ ପକାଇବା ସମ୍ପୂର୍ଣ୍ଣ ମନା। ଏହି ସ୍ଥାନଟି ହେଉଛି ବ୍ୟାଙ୍ଗକକ। ସଫା ସୁତୁରା ପାଇଁ ପ୍ରସିଦ୍ଧି ଅର୍ଜନ କରିଥିବାଏହି ସହରରେ ରାସ୍ତାରେ ପାନ ଖାଇ ଛେପ ପକାଇବା ସମ୍ପୂର୍ଣ୍ଣ ମନା। ଯଦି ଭୁଲରେ ଛେପ ପକାଇ ଦେଇଛନ୍ତି ଏଥିପାଇଁ ଫାଇନ ବ୍ୟବସ୍ଥା ମଧ୍ୟ ରହିଛି।

## ନକଲି ଦାନ୍ତରେ କାମୁଡିବା ଅପରାଧ

ସାଧାରଣତଃ ଦାନ୍ତରେ କାମୁଡିଲେ ବିଭିନ୍ନ ରୋଗ ହେଉଥିବା ଯୋଗୁ ଡାକ୍ତରମାନେ ଏପରି କରିବାକୁ ବାରଣ କରିଥାନ୍ତି। ହେଲେ ଲୁଇସିଆନାରେ ଏକ ଅଜବ ଆଇନ ରହିଛି। ଏଠାରେ କାମୁଡିବା ତ ଏକ ଛୋଟ ଅପରାଧ। ଯଦି ସତ ଦାନ୍ତରେ ଜଣେ ଅନ୍ୟ ଜଣକୁ କାମୁଡିଦିଅନ୍ତି ତ ଯେତିକି ଅପରାଧ ନୁହେଁ ତା'ଠାରୁ ବେଶୀ ବଡ ଅପରାଧ ନକଲି ଦାନ୍ତରେ କାମୁଡିବା।







ଆପଣ ସୁସ୍ଥ ରହିବାକୁ ଚାହୁଁଥିଲେ ଆପଣାନ୍ତୁ କିଛି ଟିପ୍ସ। ଅତି ସାଧାରଣ ଏହି ଟିପ୍ସ ପାଇଁ ଆପଣଙ୍କ ଘରେ ହିଁ ରହିଛି ସବୁକିଛି ଜିନିଷ...



## କିଛି ହେଲ୍‌ଥ ଟିପ୍ସ

ପ୍ରତିଦିନ ବିଛଣାକୁ ଯିବା ପୂର୍ବରୁ ଗୋଟିଏ ଗ୍ଲାସ୍ ନଖ ଉଷୁମ ପାଣି ପିଅନ୍ତୁ। ଏହାଦ୍ୱାରା ନିଶ୍ୱାସ ପ୍ରଶ୍ୱାସ ସମ୍ବନ୍ଧୀୟ ବହୁ ରୋଗରୁ ମୁକ୍ତି ମିଳିବ। ବିଶେଷ କରି ଶ୍ୱାସ ନଳି ସଫା ରହେ, କାଶ ହୁଏନାହିଁ।

-ରାତିରେ ୬ରୁ ୮ଟି ବାଦାମକୁ ପାଣିରେ ଭିଜାଇ ଦିଅନ୍ତୁ। ସକାଳୁ ଉଠି ଏହାକୁ ଚୋପା ଛଡାଇ ଖାଇଲେ ଫ୍ୟାଟ୍ କମିଯିବ।

-ରାତିରେ ମେଥିକୁ ପାଣିରେ ଭିଜାଇ ଦିଅନ୍ତୁ ଏବଂ ସକାଳୁ ଉଠି ଏହାକୁ ବାଟି ପିଇଲେ ଡାଇବେଟିସରୁ ମୁକ୍ତି ମିଳିବ।

-ଆମ୍ବ ଖାଇସାରିବା ପରେ କ୍ଷୀର ପିଇଲେକ ଚଳିବ, କିନ୍ତୁ ପାଣି ଜମାରୁ ପିଅନ୍ତୁ ନାହିଁ। ତା'ଛଡା କିଡନୀ ରୋଗୀ ଏବଂ ଜଳଉଦରୀ ହୋଇଥିବା ରୋଗୀ ଆମ୍ବ ଖାଇବା ଅନୁଚିତ।

-ପ୍ରତିଦିନ ଗୋଟିଏ ଚାମଚ ମହୁ ଯେମିତି ହେଲେ ଖାଆନ୍ତୁ ନିଶ୍ଚିତ ଭାବେ ନିରୋଗ ରହିବେ।

-ଯଦି ବାନ୍ତି ଲାଗୁଛି ତ ଲେମ୍ବୁରେ ଅଳ୍ପ ଟିକେ ଲୁଣ ଲଗାଇ ଚୁଚୁମିଲେ ନିଶ୍ଚିତ ଉପକାର ମିଳିବ।

-ଯଦି ପେଟ କାଟୁଛି ଜୁଆଣି ଭାଜି ଗୁଣ୍ଡ କରି ସେଥିରେ ସୈନ୍ଧବ ଲବଣ ମିଶାଇ ଦିଅନ୍ତୁ। ଏହାକୁ ରେଗୁଲାର ଉଷୁମ ପାଣି ସହିତ ଖାଇଲେ ଆରାମ ମିଳିବ।

-ଯଦି ଶୀଘ୍ର ଓଜନ କମ୍ କରିବାକୁ ଚାହାନ୍ତି ତ ନିୟମିତ ଭାବେ ଖାଲି ପେଟରେ ଅମୃତଭଣ୍ଡା ଖାଇବା ଉଚିତ।

-ପେଗେନନ୍ସୀ ସମୟରେ ଅମୃତଭଣ୍ଡା ଜମାରୁ ବି ଖାଆନ୍ତୁନି। କାରଣ ଆବୋର୍ସନ ହୋଇଯିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ।

-୧୦ଗ୍ରାମ ଅଦାକୁ ବାଟି ୨୦୦ ମିଲିଲିଟର ପାଣିରେ ଫୁଟାନ୍ତୁ। ପାଣି ସିଝିସିଝି ଚାରିଭାଗରୁ ଭାବେ ରହିଲେ ତାକୁ ଛାଟି ଗୋଟିଏ କପ୍ ଉଷୁମ କ୍ଷୀର ସହିତ ମିଶାଇ ପିଅନ୍ତୁ, ଥଣ୍ଡା କାଶ ଆଦିରୁ ଉପଶମ ମିଳିବ।



ସୋନାକ୍ଷୀ

## ସତର୍କ ରୁହନ୍ତୁ

ବର୍ଷା ଋତୁ ଆସିଲେ ନିଜକୁ ଟିକେ ତାଜା ଅନୁଭବ କରିବା ଲାଗି ଚା' ଓ କଫି ପିଇବାକୁ ଲୋକେ ଖୁବ୍ ପସନ୍ଦ କରନ୍ତି। ଆପଣ କ'ଣ ଅଧିକ ଗରମ ଚା' ପିଉଛନ୍ତି କି ଏମିତି କରନ୍ତୁ ନାହିଁ, ଏହା ସ୍ୱାସ୍ଥ୍ୟ ଲାଗି ଖୁବ୍ କ୍ଷତିକାରକ...



ଇଣ୍ଟରନ୍ୟାସନାଲ ଜର୍ଣ୍ଣାଲ ଅଫ କ୍ୟାନସର ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନ ଅନୁସାରେ ଗରମ ଚା' ବା କଫି ପିଇବା ଯୋଗୁଁ କ୍ୟାନସର ବା ଖାଦ୍ୟ ନଳୀରେ କ୍ୟାନସର ହେବାର ଆଶଙ୍କା ରହିଛି।

-ଏସୋଫେଗଲ କ୍ୟାନସର କ'ଣ?

ଗଳାରେ କ୍ୟାନସର ବା ଏସୋଫେଗଲ କ୍ୟାନସର ସେତେବେଳେ ହୋଇଥାଏ ଯେତେବେଳେ ଭୋଜନ ନଳୀରେ ଅସାମାନ୍ୟ କୋଷିକା ଅନିୟନ୍ତ୍ରିତ ଉପାୟରେ ବଢିଥାଏ। ଏହାକୁ ଖାଦ୍ୟ ନଳୀ ମଧ୍ୟ କୁହାଯାଇଥାଏ। ଏହି ଟ୍ୟୁବ ଦ୍ୱାରା ପାଟିରେ ଖାଉଥିବା ଖାଦ୍ୟ ପେଟ ଭିତରେ ପହଞ୍ଚିଥାଏ। ଏହା ସେତେବେଳେ ଜଣା ପଡିଥାଏ, ଯେତେବେଳେ ଲୋକେ ୬୦ ବର୍ଷରେ ପହଞ୍ଚି ଯାଇଥାନ୍ତି।

-ପେଟ ସମସ୍ୟା

ଗରମ ଚା' ଯୋଗୁଁ ଲୋକଙ୍କୁ ବହୁ ପ୍ରକାରର ପେଟ ରୋଗର ସାମ୍ନା କରିବାକୁ ପଡିଥାଏ। ପେଟ ଯନ୍ତ୍ରଣା, କୋଷ୍ଠକାଠିନ୍ୟ, ବାନ୍ତି, ରକ୍ତ ସହିତ କଳା ଝାଡା ମଧ୍ୟ ହେବାର ସମ୍ଭାବନା ରହିଥାଏ। ଏହା ଅଲସର ସମସ୍ୟା ବି ସୃଷ୍ଟି କରିଥାଏ।

-ରକ୍ତ ହୀନତା

ଅଧିକ ଗରମ ଚା' ବା କଫି ପିଇବା ରକ୍ତ ଲାଗି କ୍ଷତିକାରକ। ଏହା ପ୍ରଭାବରେ ଶରୀରରେ ରକ୍ତହନୀତା ଦେଖାଦିଏ। ଓଜନ କମ୍ ହୋଇଥାଏ। ଖାଦ୍ୟ ଗିଳିବା ଲାଗି କଷ୍ଟ, କାଶ ବା ଗଳା ବସିବା ଭଳି ସମସ୍ୟା ଦେଖାଦେଇଥାଏ।

-ମେଟାବଲିଜିମ

ଚା' ଶରୀରରେ ମେଟାବଲିଜିମ୍ କମ କରି ରକ୍ତକୁ କମ କରିଦେଇଥାଏ। ଏହା ଦ୍ୱାରା ଶରୀରର ଭିତର ନଳୀରେ ଘା' ଓ ଛାଲ ମଧ୍ୟ ସୃଷ୍ଟି ହୋଇଥାଏ।

-ଗୁପ୍ତାଙ୍ଗ ସମସ୍ୟା

ଏହା ଶରୀରରେ ଗୁପ୍ତାଙ୍ଗ ସମସ୍ୟା ଉତ୍ପନ୍ନ କରିଥାଏ। ଗୁପ୍ତାଙ୍ଗ ଦୁର୍ବଳ ହେବା ସହିତ ସେକ୍ସ ପାୱାର କମ କରିଦିଏ।

-ଦାନ୍ତ ସମସ୍ୟା

ଅଧିକ ଗରମ ଓ ବହୁଥର ଚା' କଫି ପିଇବା ଦ୍ୱାରା ଆମର ଦାନ୍ତ ସମସ୍ୟା ଦେଖା ଦେଇଥାଏ। ଏଥିରେ ଦାନ୍ତ ହଳଦି ରଙ୍ଗର ହୋଇଯାଏ।

# ସୋନାକ୍ଷୀଙ୍କ ଅକଲ ଗୁଡୁମ

'କୌନ ବନେଗା କେରାଡ ପତି'ର ଗତ ଶୁକ୍ରବାର ପ୍ରସାରିତ 'କେବିସି କର୍ମବୀର' ଏପିସୋଡରେ ବଲିଉଡ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ରାଜସ୍ଥାନର ବାଡମେରର ରୁମା ଦେବୀଙ୍କ ସହିତ ଦେଖିବାକୁ ମିଳିଥିଲେ। ସୋନାକ୍ଷୀ ନାରୀ ଶକ୍ତି ପୁରସ୍କାରରେ ସମ୍ମାନିତ ରୁମା ଦେବୀଙ୍କୁ ସର୍ପୋଟ କରିବାକୁ କେବିସି ମଞ୍ଚକୁ ନିମନ୍ତ୍ରିତ ହୋଇ ଆସିଥିଲେ। ବିଗ୍ ବି 'ଅମିତାଭ ବଚ୍ଚନ ଯେତେବେଳେ ତାଙ୍କୁ 'ରାମାୟଣ' ସହିତ ଜଡିତ ଏକ ଖୁବ୍ ସହଜ ପ୍ରଶ୍ନ ପଚାରିଥିଲେ ହେଁ ସୋନାକ୍ଷୀ କିନ୍ତୁ ଏହାର ଉତ୍ତର ଦେଇପାରିନଥିଲେ। ରୁମା ଦେବୀ ଓ ସୋନାକ୍ଷୀକଙ୍କୁ ପଚରା ଯାଇଥିଲା, ରାମାୟଣ ଅନୁସାରେ ହନୁମାନ କାହାପାଇଁ ସଞ୍ଜୀବନୀ ବୁଟି ନେଇ ଆସିଥିଲେ। ଏହି ପ୍ରଶ୍ନର ଅପଶନରେ ଥିଲା ଏ)ସୁଗ୍ରିବ, ବି)ଲକ୍ଷ୍ମଣ, ସି)ସୀତା, ଡି) ରାମ। ତେବେ ଉଭୟ ସୋନାକ୍ଷୀ ଓ ରୁମା ଏହି ସହଜ ପ୍ରଶ୍ନଟିର ଉତ୍ତର ସି) ସୀତା ହିଁ ଦେଇଥିଲେ। ତେବେ ଏତେ ସହଜର ପ୍ରଶ୍ନର ଉତ୍ତର ଗୋଟେ ଛୋଟ ପିଲା ଦେଇପାରିବ। ପ୍ରଶ୍ନଟି ପାଇଁ ରୁମାଙ୍କୁ ଲାଇଫ ଲାଇନ ଗ୍ରହଣ କରିବାକୁ ପଡିଥିଲା। ଆର୍ଡଭାଇଜର ଲକ୍ଷ୍ମଣ ବୋଲି କହି ସଠି ଉତ୍ତର ଦେଇଥିଲେ। ତେବେ ସବୁଠାରୁ ବଡ କଥା ହେଲା ସୋନାକ୍ଷୀଙ୍କ ପିତାଙ୍କ ନାମ ଶତ୍ରୁଘ୍ନ ସିହ୍ନା ଯିଏକି ରାମଙ୍କ ସାନ ଭାଇର ନାମ। ସୋନାକ୍ଷୀ ଯେଉଁ ଆପାର୍ଟମେଣ୍ଟରେ ରହୁଛନ୍ତି ତା'ର ନାମ ରାମାୟଣ ଓ ତାଙ୍କ ଭାଇଙ୍କ ନାମ ଲବ ଓ କୁଶ ହୋଇଥିବା ବେଳେ ଲକ୍ଷ୍ମଣ ତାଙ୍କର ଜଣେ ଦାଦାଙ୍କ ନାମ ହୋଇଥିବା ବେଳେ ସେ ଏଭଳି ପ୍ରଶ୍ନର ଉତ୍ତର ଦେଇ ନପାରିବାରୁ ଖାଲି ଦର୍ଶକ ନୁହନ୍ତି ବରଂ ବହୁ ପ୍ରଶଂସକ ତାଙ୍କୁ ଅଡୁଆ ତଡୁଆ ପ୍ରଶ୍ନ ମଧ୍ୟ କରିଛନ୍ତି।

# ଜାମଦାରେ 'ଆମ ରୁଚି ଆମ ଖାଦ୍ୟ- ପାରମ୍ପରିକ ଖାଦ୍ୟ' ଦିବସ ପାଳନ

ମୟୂରଭଞ୍ଜ **୧୫/୪(ନି.ପ୍ର):**ଖାଦ୍ୟଥାଳିରେ ପୁଷ୍ଟିକର ଖାଦ୍ୟର ଅଭାବ ଦେଖାଯାଇଛି। ଫସଲରେ ରାସାୟନିକ ସାର ଏବଂ କୀଟନାଶକର ବହୁଳ ବ୍ୟବହାର ଯୋଗୁ ଖାଦ୍ୟ ପୁଷ୍ଟିଯୁକ୍ତ ବଦଳରେ ବିଷଯୁକ୍ତ ହେଉଛି। ଏଥିପାଇଁ ମଣିଷ ବିଭିନ୍ନ ପ୍ରକାର ରୋଗର ଶିକାର ହେଉଛି। ଏହାକୁ ପ୍ରତିହତ କରିବା ପାଇଁ ଆମ ଖାଦ୍ୟଥାଳିକୁ ପୁଣିଥରେ ପାରମ୍ପରିକ ଖାଦ୍ୟ ଫେରାଇ ଆଣିବାକୁ ହେବ ।ଆମେ ଓଡ଼ିଆ, ଆମ ଖାଦ୍ୟ ଭାରି ବଢ଼ିଆ। ଓଡ଼ିଆ ପକ୍ଷ ପାଳନ ଅବସରରେ ପାରମ୍ପରିକ ଖାଦ୍ୟ ଦିବସ ରାଜ୍ୟରେ ପାଳନ ହେଉଛି ବୋଲି ଜାମଦା ବିଡ଼ିଓ ଦେବାଶିଷ୍ ପଣ୍ଡା ମତବ୍ୟକ୍ତ କରିଥିଲେ । ଓଡ଼ିଆ ଲୋକଙ୍କ ଖାଦ୍ୟ ରୁଚିକୁ ନେଇ ନୂଆ ସରକାରଙ୍କ ନୂଆ ପ୍ରୟାସ । ଓଡ଼ିଆ ଖାଦ୍ୟର ପରିସୀମାକୁ ପରିବ୍ୟାପ୍ତ କରିବା ଉଦ୍ଦେଶ୍ୟରେ ଏହା ପାଳନ ହେଉଛି ।ପଖାଳ ସହ ପ୍ରତ୍ୟେକ ଓଡ଼ିଆଙ୍କର ରହିଛି ଅକାଟ୍ୟ ସମ୍ପର୍କ। ଏହା ହେଉଛି ଓଡ଼ିଶାର ପାରମ୍ପରିକ ଖାଦ୍ୟ। ଗରିବ ହେଉ କି ଧନୀ ପଖାଳ କଂସା ସହିତ ରହିଛି ସମସ୍ତଙ୍କର



ନିବିଡ଼ ସମ୍ବନ୍ଧ। ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ କାର୍ଯ୍ୟାଳୟ ପରିସରରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଆମ ରୁଚି ଆମ ଖାଦ୍ୟ ପାରମ୍ପରିକ ଖାଦ୍ୟ ଦିବସ ବିଡ଼ିଓ ଦେବାଶିଷ୍ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି ।ଏହି ଦିବସ ପାଳନ ଅବସରରେ ରୁଚିକର ଖାଦ୍ୟ, ମୟୂରଭଞ୍ଜ ପ୍ରସିଦ୍ଧ ମାଂସ ମୁଢ଼ି, ଅଙ୍ଗନ ୱାଡି ପୁଷ୍ଟିକର ଖାଦ୍ୟ, ମାଣ୍ଡିଆ ଓ ଛତୁଆ ଦ୍ୱାରା ପ୍ରସ୍ତୁତ ନାନା ପ୍ରକାର ପିଠା,ସୁନ୍ଦର ପ୍ରଦର୍ଶନକାରୀଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ତିନି ଜଣଙ୍କୁ ପୁରସ୍କାର ସାମଗ୍ରୀ ତଥା ପ୍ରମାଣ ପତ୍ର ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ଆଠଜଣଙ୍କୁ ଶାନ୍ତ୍ୱନା ମୂଳକ ଭାବେ ଅର୍ଥ ରାଶି ପୁରସ୍କାର ପ୍ରଦାନ କରାଯାଇଥିଲ ।ଜାମଦା ଆଇସିଡିଏସ୍ ଦିଦି ଜ୍ୟୋତିରେଖା ଦତ୍ତ,ବିପିସି ଏମ୍ଏସ୍ ଗଜେନ୍ଦ୍ରନାଥ ମଲ୍ଲିକ,ଏଇଇ ସନ୍ମତ ରାଉତ,ଦୀପିକା ପ୍ରଧାନ,ଡାକ୍ତରଖାନା କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ପାରମ୍ପରିକ ଖାଦ୍ୟ ମେଳାକୁ ବୁଲି ଦେଖିବା ସହ ଖାଦ୍ୟ ଗ୍ରହଣ କରିଥିଲେ ।ଉତ୍ସବରେ ଜାମଦା ବ୍ଲକର,ସମସ୍ତ କର୍ମଚାରୀ, ସମସ୍ତ ସରପଞ୍ଚ,ପିଏସ୍ ମେମ୍ବର,ଅଣସରପଞ୍ଚ,ଅଙ୍ଗନୱାଡ଼ି କର୍ମୀ,ଏସ୍ଏସ୍ଜି ମହିଳା ଏଥିରେ ସାମିଲ ହୋଇ ଉତ୍ସବକୁ ସଫଳ କରିଥିଲେ ।ବିପିସି ଏମ୍ଏସ୍ ଗଜେନ୍ଦ୍ରନାଥ ମଲ୍ଲିକ ଉତ୍ସବକୁ ପରିଚାଳନା କରିବା ସହ ଶେଷରେ ସମସ୍ତଙ୍କୁ ସାଧୁବାଦ ଅର୍ପଣ କରିଥିଲେ ।

# ଚୋରି ଅଭିଯୋଗରେ ଦୁଇ ଗିରଫ, ଚୋରି ଜିନିଷ ଜବତ



ପୋଲସରା **୧୫/୪(ନି.ପ୍ର):** ଗଞ୍ଜାମ ପୋଲିସ ଜିଲ୍ଲା ଅନ୍ତର୍ଗତ ପୋଲସରା ଥାନା ପୋଲିସ ଚୋରି ଅଭିଯୋଗ ରେ ଦୁଇ ଜଣଙ୍କୁ ଗିରଫ କରାଯାଇ ଥିବା ଏକ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଦୀପକ କୁମାର ମିଶ୍ର ଓ ଆଇଆଇସି କୌଶିକ ମାଝୀ ପ୍ରକାଶ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଏସଆଇ ବିମଳ କୁମାର କହଁର ଓ ଏଏସଆଇ ଦାମୋଦର ଦେହୁରୀ ଉପସ୍ଥିତ ଥିଲେ। ଗିରଫ ଅଭିଯୁକ୍ତ ଦୁଇ ଜଣ ହେଲେ ପୋଲସରା ଥାନା ଅନ୍ତର୍ଗତ ରାଣୀପଡା ହରିଜନ ସାହିର କବିରାଜ ବିଷୋୟୀ (୬୨) ଓ ରାଣୀପଡା ବିଦ୍ୟାଳୟ ସାହିର ଲକ୍ଷ୍ମୀକାନ୍ତ ମହାରଣା (୨୮)। ଏତଲା ପ୍ରକାରେ ପୋଲସରା ପାଟଣା ପଦର ସାହିର ଜଗନ୍ନାଥ ମହାରଣା ନିଜ ଘରେ ଚାବି ପକାଇ ବ୍ରହ୍ମପୁର ପୁଅ ପାଖକୁ ଯାଇଥିଲେ। ସେ ୯/୪/୨୫ ତାରିଖ ଦିନ ସନ୍ଧ୍ୟାରେ ଘରକୁ ଫେରି ଦେଖନ୍ତି ଯେ ଘରର ଚାବି ଭାଙ୍ଗି ଏକ ଶୋରସିଆ ମାଳି, ଏକ ଯୋଡ଼ା କାନଫୁଲ, ତିନି ଯୋଡା କାନ ରିଙ୍ଗ, ଏକ ଯୋଡ଼ା ନାକଫୁଲ , ନଗଦ ୬୫ ହଜାର ଟଙ୍କା ଓ ପ୍ରାୟ ୭ ଶହ ପୁରୁଣା ଗେଣ୍ଟୁ ମୁଦ୍ରା ଚୋରି ହୋଇଯାଇଛି।୧୧/୪/୨୫ ତାରିଖରେ ଅଭିଯୋଗ ପ୍ରକାରେ ପୋଲସରା ଥାନା କେଶ ନଂ ୨୪୧/୨୫ ଏକ ମାମଲା ରୁଜୁ କରିଥିଲେ। ଆଇଆଇସି ଶ୍ରୀ ମାଝୀଙ୍କ ନିର୍ଦ୍ଦେଶ ପ୍ରକାରେ ସହକାରୀ ଉପ ଆରକ୍ଷୀ ନିରୀକ୍ଷକ ଦାମୋଦର ଦେହୁରୀ ଏହି ମାମଲାର ଅନୁସନ୍ଧାନ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ମାମଲାରେ କବିରାଜ ବିଷୋୟୀ ଓ ଲକ୍ଷ୍ମୀକାନ୍ତ ମହାରଣା ଦୁଇ ଜଣଙ୍କୁ ଗିରଫ କରିବା ସହ ସେ ଦୁହେଁ ୪/୪/୨୫ ତାରିଖ ପ୍ରାୟ ଘଣ୍ଟେ ରାତ୍ରରେ ଚୋରି କରିଥିବା ସ୍ୱୀକାର କରିବା ସହ ପୋଲିସ ସେ ଦୁହିଁଙ୍କ ଠାରୁ ୧୫ ହଜାର ଟଙ୍କା, ଏକ ସୁନା ମଙ୍ଗଳସୂତ୍ର ମାଳି, ତିନି ଯୋଡ଼ା ସୁନା କାନ ରିଙ୍ଗ, ଏକ ସୁନା ଶୋରିସିଆ ମାଳି, ଏକ ଯୋଡ଼ା ସୁନା କାନଫୁଲ, ଏକ ଯୋଡ଼ା ନାକଫୁଲ, ୪ ଯୋଡ଼ା ରୁପା ପାଉଁଚି, ଓ ୧୨୦ ଗୋଟି ପୁରୁଣା ଗେଣ୍ଟୁ ଟଙ୍କା ଜବତ କରିଥିଲେ। ମଦ ପିଆ ଓ ଜୁଆ ଖେଳରେ ଅବଶିଷ୍ଟ ଟଙ୍କା ବ୍ୟୟ କରିଥିବା ସେ ଦୁହେଁ ପ୍ରକାଶ କରିଥିଲେ। ୧୧/୨/୨୪ ତାରିଖ ଦିନ ରାତ୍ର ଦୁଇ ଘଣ୍ଟା ସମୟରେ ସେ ଦୁହେଁ ଶ୍ରଦ୍ଧାପୁର ଜଗନ୍ନାଥ ସାହିରେ ଚୋରି କରିଥିବା ମଧ୍ୟ ସ୍ୱୀକାର କରିଥିଲେ।

## ବଲାରପୁର କାଗଜକଳ ଇପିଏଫ୍ ପେନସନଭୋଗୀଙ୍କ ବୈଠକ

କଟକ **୧୫/୪(ନି.ପ୍ର):** ଅଲ୍ ଓଡିଶା ଇପିଏଫ୍ ପେନସନରସ୍ ଆସୋସିଏସନର କଟକ ଜିଲ୍ଲା ପକ୍ଷରୁ ବଲାରପୁର କାଗଜ କଳ ଇପିଏଫ୍ ପେନସନଭୋଗୀଙ୍କ ବୈଠକ ସିଦ୍ଧ ଧେଉଲେଇ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ସଭାପତି ଅଗାଧୁ ଚରଣ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ତଥା ଜାତୀୟ ଉପସଭାପତି ଭାଗ୍ୟଧର ବ୍ରହ୍ମା ସର୍ବନିମ୍ନ ଏକ ହଜାର ହଜାର ଟଙ୍କା ଓ ତାଠାରୁ କମ୍ ପାଉଥିବା ଇପିଏଫ୍ ପେନସନଭୋଗିଙ୍କ ସର୍ବନିମ୍ନ ପେନସନ ମାସିକ ନଅ ହଜାର ଟଙ୍କା ସହ ମହାର୍ଘଭତା ପ୍ରଦାନ,ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଯୋଜନା ୭୦ବର୍ଷ ପରିବର୍ତ୍ତେ ୬୦ବର୍ଷରୁ ଲାଗୁ କରିବାକୁ ଦାବି କରିଥିଲେ। ଦାବୀ ପୂରଣ ନହେଲେ ଆନ୍ଦୋଳନ ତୀବ୍ରତର ହେବବୋଲି ସଭାପତି ଅଗାଧୁ ପ୍ରଧାନ,ସମ୍ପାଦକ ବିନୋଦ ବେହେରା,କୋଷାଧ୍ୟକ୍ଷ ଦେବେନ୍ଦ୍ର କୁମାର ସାହୁ,ଯୁଗ୍ମ ସମ୍ପାଦକ ବୁଲେଇ ବେହେରା,ଅଲେଖ ନାୟକ ଓ ଆଦିତ୍ୟ ପଟ୍ଟନାୟକ ପ୍ରମୁଖ ଚେତାବନୀ ଦେଇଥିଲେ । ବଲାରପୁର କାଗଜକଳ ପେନସନଭୋଗୀଙ୍କର ଏକ ୧୧ଜଣିଆ ପରିଚାଳନା କମିଟି ଗଠନ କରାଯାଇଥିଲା । ସେଥିରେ ଦୈତାରି ଭଦ୍ର,କ୍ଷେତ୍ରବାସୀ ପାତ୍ର, କେଦାରନାଥ ସାହୁ,ଅଲେଖ ସ୍ୱାଇଁ, ରମେଶ ଚନ୍ଦ୍ର ମହାନ୍ତି,ମହାଦେବ ବେଉରା,ସନାତନ ମହାପାତ୍ର, ରବିନାରାୟଣ ବାରିକ,ରବୀନ୍ଦ୍ରନାଥ ଶତପଥୀ,ଅରକ୍ଷିତ ମହାରଣା ଓ ଖୋକନ୍ ନନ୍ଦୀ ପ୍ରମୁଖ ସଦସ୍ୟ ରହିଲେ। ଦୈତାରି ଭଦ୍ର ଧନ୍ୟବାଦ୍ ପ୍ରଦାନ କରିଥିଲେ।

## ଯୌତୁକ ସାମଗ୍ରୀ ଜବଦ ସହ ସ୍ୱାମୀ ଙ୍କ ବିରୋଧରେ ମାମଲା

ପାଟଣା **୧୫/୪(ନି.ପ୍ର):** ପାଟଣା ଥାନା ଅଞ୍ଚଳ ସାହାରପଡା ଫାଣ୍ଡି ଅନ୍ତର୍ଗତ ଗୋରାଣ୍ଡି ଯୋଡି ଗ୍ରାମର ହେମନ୍ତ କୁମାର ମହାନ୍ତ ଗତ ୨୦୨୪ ଫେବୃଆରୀ ରେ ମୟୁରଭଞ୍ଜ ଜିଲ୍ଲା କେଲପଶି ଗ୍ରାମର ମଙ୍ଗଲୁ ମହାନ୍ତ ଙ୍କ ଝିଅ ଯଶୋଦା ମହାନ୍ତ(୨୫)ଙ୍କୁ ବିବାହ କରିଥିଲେ ।ସେହି ସମୟରେ ଝିଅ ଘର ସାମର୍ଥ୍ୟ ଅନୁଯାୟୀ ଜାନି ଯୌତୁକ ଦେଇ ଝିଅ ବାହା ଦେଇଥିଲେ ।ତେବେ କୌଣସି କାରଣରୁ ବିବାହ ପରେ ସ୍ୱାମୀ ହେମନ୍ତ ଏକାଧିକ ବାର ପତ୍ନୀ ଯଶୋଦା କୁ ନିର୍ଯ୍ୟାତନା ଦେଇ ଆସୁଥିଲେ ।ଏନେଇ ପୁଲିସ ଉପସ୍ଥିତି ରେ ପୂର୍ବରୁ ବୁଝାମଣା ସତ୍ତ୍ୱେ ନିର୍ଯ୍ୟାତନା ବନ୍ଦ ହୋଇ ନଥିଲା ।ତେବେ ଗତ ୧୧ ତାରିଖ ଯଶୋଦା ଙ୍କୁ ନିର୍ଯ୍ୟାତନା ଦିଆଯାଇଥିବା ସେ ପୁଲିସ ରେ ଅଭିଯୋଗ କରିବା ପରେ ସାହାରପଡା ଫାଣ୍ଡି ଏ ଏସ ଆଇ ପଞ୍ଚମୀ ମହାନ୍ତ ପାଟଣା ଥାନା ମାମଲା ସଂଖ୍ୟା ୭୨/୨୦୨୫ ମୂଳେ ସ୍ୱାମୀ ହେମନ୍ତ ଙ୍କ ବିରୋଧରେ ଏକ ମାମଲା ରୁଜୁ କରିଛନ୍ତି ।ଆଜି ଯଶୋଦା ବିବାହ ସମୟରେ ଆଣିଥିବା ସମସ୍ତ ଯୌତୁକ ସାମଗ୍ରୀ କୁ ପୁଲିସ ଉପସ୍ଥିତି ରେ ଯଶୋଦା ଙ୍କ ପରିବାର କୁ ଜିମା ଦିଆଯାଇଥିବା ବେଳେ ଯଶୋଦା ବାପ ଘରକୁ ଫେରି ଯାଇଥିବା ସୂଚନା ମିଳିଛି।

# ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ, ୨ ଆହତ

ହିଞ୍ଜିଳିକାଟୁ **୧୫/୪(ନି.ପ୍ର):** ଦଣ୍ଡନାଚ ଦେଖିବାକୁ ଯାଇଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ ହୋଇଛି। ଆକ୍ରମଣରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତ ମାନେ ହେଲେ ହିଞ୍ଜିଳି ଥାନା ଖରିଡା ଗ୍ରାମର ଲିଙ୍କୁ ନାହାକ ଓ ଅମନ ନାହାକ । ପୁଲିସ ସୂଚନା ପ୍ରକାରେ ଶୁକ୍ରବାର ରାତିରେ ହିଞ୍ଜିଳି ଥାନା ଖରିଡା ଗ୍ରାମର ଓମ୍ ନାହାକ, ଲିଙ୍କୁ ନାହାକ ଓ ଅମନ ନାହାକ ହିଞ୍ଜିଳି ଗ୍ରାମକୁ ଦଣ୍ଡନାଚ ଦେଖିବାକୁ ଆସିଥିଲେ। ଦଣ୍ଡନାଚ ସ୍ଥଳରେ ହିଞ୍ଜିଳି ଥାନା ବୁରୁପୋଡା ଗ୍ରାମର କିଛି ଯୁବକ ଉପସ୍ଥିତ ଥିଲେ। ବୁରୁପୋଡା ଅଞ୍ଚଳର ସଂପୃକ୍ତ ଯୁବକ ମାନଙ୍କ ସହ ଲିଙ୍କୁ ଓ ଅମନଙ୍କ ପରିବାର ସହ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦଣ୍ଡନାଚ ସ୍ଥଳରେ ଉପସ୍ଥିତ ଥିବା ବୁରୁପୋଡା ଅଞ୍ଚଳର ୪ ଜଣ ଯୁବକ ଲିଙ୍କୁ ଓ ଅମନ ସହ ଝଗଡା କରିବା ସହ ହଠାତ୍ ଆକ୍ରମଣ କରିଥିଲେ। ଆକ୍ରମଣରେ ଲିଙ୍କୁ ଓ ଅମନ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସିତ ପରେ ଦୁହେଁ ଘରକୁ ଫେରିଥିଲେ। ଶନିବାର ସନ୍ଧ୍ୟାରେ ଲିଙ୍କୁ ଓ ଅମନ ଦୁହେଁ ମିଶି ଓମଙ୍କ ଘରକୁ ଯାଇ ଗାଳିଗୁଲଜ କରିଥିଲେ। ତୁ କାହିଁକି ବୁରୁପୋଡା ଅଞ୍ଚଳର ଯୁବକ ମାନଙ୍କୁ ଆମର ପରିଚୟ ପ୍ରଦାନ କରିଥିଲୁ ବୋଲି କହିବା ସହ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ ବୋଲି ଓମଙ୍କ ମାଆ ସବିତା ନାହାକ ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ କେସ ନଂ- ୨୯୦/୨୫ ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବବୁଲ ନାହାକଙ୍କୁ ଆକ୍ରମଣ କରିଥିଲେ ବୋଲି ବାବୁଙ୍କ ମାଆ ସୁନି ନାହାକ ହିଞ୍ଜିଳି ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ ଆଉ ଏକ କେସ ନଂ- ୨୯୩/୨୫ ରେ ମାମଲା ରୁଜୁ ହୋଇଥିବା ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କ ସୂତ୍ରରୁ ପ୍ରକାଶ।

## ସ୍କୁଟିକୁ ଧକ୍କା ଦେଲା ବାଇକ , ସ୍କୁଟି ଚାଳକ ମୃତ୍ୟୁ

ରଙ୍ଗେଇଲୁଣ୍ଡା **୧୫/୪(ନି.ପ୍ର):** ଗୋଳନ୍ଥରା ଥାନା ଅଧୀନ ହଳଦିଆ ପଦର ଜାତୀୟ ରାଜପଥ ସର୍ଭିସ ରୋଡ଼ରେ ଗତକାଲି ରାତିରେ ଏକ ବାଇକ ସ୍କୁଟିକୁ ଧକ୍କା ଦେବା ଫଳରେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି । ମୃତକ ଜଣଙ୍କ ହେଲେ ଗୋଳନ୍ଥରା ଥାନା ଅନ୍ତର୍ଗତ ବି. ନୂଆଗାଁ ଅଞ୍ଚଳ ଆଲୋକ କୁମାର ସାହୁ ବୋଲି ଜଣା ପଡିଛି । ସୂଚନା ଅନୁଯାଇ, ଆଲୋକ ଗତକାଲି ରାତି ସାଢେ ୧୧ ଟା ବେଳେ କୌଣସି ଏକ କାମରେ ସ୍କୁଟି ନମ୍ବର ଓଡି୦୭ଏଲ -୦୦୧୨ ଯୋଗେ ବ୍ରହ୍ମପୁର ଯାଉଥିବା ବେଳେ ହଳଦିଆପଦର ସର୍ଭିସ ରୋଡ଼ରେ ପରିସ୍ରା ପାଇଁ ସ୍କୁଟି ରଖୁଥିବା ସମୟରେ ସାମ୍ନାପଟୁ ଏକ ବାଇକ ଓଡି୦୭ଇଝ-୬୬୨୦ ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଆଲୋକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ଆହତ ଆଲୋକଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଦ୍ୱାରା ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କରି ମୃତ୍ୟୁ ଘଟିଥିଲା। ଏ ନେଇ ମୃତ ଆଲୋକଙ୍କ ଭାଇ ଦୀପକ କୁମାର ସାହୁ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା କେଶ ନଂ ୧୫୨/୨୫ ରେ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣା ଗ୍ରସ୍ତ ବାଇକ ଓ ସ୍କୁଟିକୁ ଜବତ କରି ତଦନ୍ତ ଚଳେଇଥିବା ତଦନ୍ତ ଅଧିକାରୀ କୃତିବାସ ସାହୁ ସୂଚନା ଦେଇଛନ୍ତି।

## ବୁଢ଼ାଗୁଡା ଉଚ୍ଚ ବିଦ୍ୟାଳୟରେ 'ବେଟି ବଚାଓ ବେଟି ପଢ଼ାଓ' କାର୍ଯ୍ୟକ୍ରମ

ବାଲିଗୁଡା **୧୫/୪(ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ବୁଢ଼ାଗୁଡା ନୋଡାଲ ଉଚ୍ଚ ବିଦ୍ୟାଳୟରେ ସମସ୍ତ ଛାତ୍ରଛାତ୍ରୀ, ଗ୍ରାମବାସୀ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟଙ୍କୁ ନେଇ 'ବେଟି ବଚାଓ ବେଟି ପଢ଼ାଓ' କାର୍ଯ୍ୟକ୍ରମର ଆୟୋଜନ ହୋଇଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ୟାମ ସୁନ୍ଦର ସାହୁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯକ୍ରମରେ ବାଳିକା ଶିକ୍ଷାର ପ୍ରଚାର, ପ୍ରସାର ତଥା ସେମାନଙ୍କ ବ୍ୟକ୍ତିତ୍ୱ ବିକାଶରେ ବାଧକ ସାଜୁଥିବା ପ୍ରତିକୂଳ ପରିବେଶ ସମ୍ପର୍କରେ ଆଲୋଚନା ହୋଇଥିଲା। 'ବେଟି ବଚାଓ ବେଟି ପଢାଓ' କାର୍ଯ୍ୟକ୍ରମ ଭାରତ ସରକାରଙ୍କ ଏକ ମହତ୍ତ୍ୱପୂର୍ଣ୍ଣ ଯୋଜନା ଯାହାର ଲକ୍ଷ୍ୟ ହେଉଛି ଶିଶୁ କନ୍ୟାମାନଙ୍କୁ ସୁରକ୍ଷା ଦେବା, ଶିକ୍ଷାରେ ଛାତ୍ରୀମାନଙ୍କ ସକ୍ରିୟ ଭାଗିଦାରୀତାକୁ ସୁନିଶ୍ଚିତ କରିବା ଏବଂ ସମାଜରେ ମହିଳାଙ୍କ ସ୍ଥାନକୁ ମଜବୁତ କରିବା । ଏହା ମୁଖ୍ୟତଃ ଲିଂଗ ଅସମାନତା ଦୂର କରିବା ଏବଂ ଶିଶୁ କନ୍ୟାମାନଙ୍କ ପ୍ରତି ସମାଜରେ ସଚେତନ?ତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ରଖାଯାଇଛି ବୋଲି ପ୍ରଧାନ ଶିକ୍ଷକ ମତବ୍ୟକ୍ତ କରିଥିଲେ। ଶେଷରେ ସମସ୍ତ ସଦସ୍ୟ ବିଦ୍ୟାଳୟ ରେ ବାଳିକା ଶିକ୍ଷାପାଇଁ ଏକ ଭୟମୁକ୍ତ ବାତାବରଣ ସୃଷ୍ଟିର ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଶିକ୍ଷକ ବେଣୁଧର ବେହେରା, ବାମଚନ୍ଦ୍ର ପ୍ରଧାନ, ଦିବ୍ୟସିଂ ପ୍ରଧାନ,ଦୀପକ କୁମାର କହଁର, ଅପର୍ଣ୍ଣା ନାୟକ ଓ ସୁଚିସ୍ମିତା ପ୍ରଧାନ, ସାଗ୍ନିକା ସେଠି ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

## କୋଲକତା ରେ କଳିଙ୍ଗ ପ୍ରିମିୟମ ଲିଗ୍ ଉଦଘାଟିତ

ପାଟଣା **୧୫/୪(ନି.ପ୍ର):** କୋଲକତାର ଖିଦିର ପୁର ରେ ଥିବା ଜଗନ୍ନାଥ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆଜି କୋଲକତାରେ ଆଠଟି କ୍ରିକେଟ କ୍ଲବ କୁ ନେଇ ଆରମ୍ଭ କରିଛି କଳିଙ୍ଗ ପ୍ରିମିୟମ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ।ଏଥିରେ ଆଠଟି ଦଳ ଯଥା ନେତାଜୀ ସ୍ପୋର୍ଟିଂ କ୍ଲବ , ଏନ. ଜି. ଏ ସ୍ପୋର୍ଟିଂ କ୍ଲବ , ରାହୁଲ ସ୍ପୋର୍ଟିଂ କ୍ଲବ , ଶିବଶକ୍ତି ସ୍ପୋର୍ଟିଂ କ୍ଲବ , କେ. ଜି. ଏନ ସ୍ପୋର୍ଟିଂ କ୍ଲବ , ଜୟ ଜଗନ୍ନାଥ ସ୍ପୋର୍ଟିଂ କ୍ଲବ , ବ୍ଲାକ ହର୍ଷ ସ୍ପୋର୍ଟିଂ କ୍ଲବ ଲାଅନ୍ସ ସ୍ପୋର୍ଟିଂ ମଧ୍ୟରେ ମାତ୍ର ଛଅ ଓଭର ଖେଳ ହୋଇ ଗୋଟିଏ ଦିନରେ କ୍ୱାଟର ଫାଇନାଲ , ସେମି ଫାଇନାଲ ଓ ଫାଇନାଲ ଶେଷ ହେବ । ଉକ୍ତ ଟୁର୍ଣ୍ଣାମେଣ୍ଟକୁ ଭାଗବତ ପଲାଇ ଓରଫ ମୁନା ଭାଇ, ଶ୍ରୀଜଗନ୍ନାଥ ମନ୍ଦିରର ସମ୍ପାଦକ ପ୍ରମୋଦ ଜେନା ଓ ଫେସବୁକ ହିରୋ ସରୋଜ ପରିଡ଼ା ପରିଚଳନା କରୁଥିବା ବେଳେ , ମୁଖ୍ୟ ଉଦ୍ୟୋକ୍ତା ବିଶ୍ୱଜିତ ପାଣ୍ଡବ, ବିକାଶ ଦାସ, ବିକାଶ ସ୍ୱାଇଁ, ସୌମ୍ୟଜିତ ଜେନା, ଅମରେଶ ଦାସ, ଆରିୟନ ରାଉତ, ସଂଗ୍ରାମ, ଲିପୁ, ଗୁଡୁ ଇତ୍ୟାଦି ବହୁ ସଦ୍ୟସ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଶାନ୍ତି ଶୃଙ୍ଖଳା ସହିତ କରାଇଥିଲେ । ଉକ୍ତ ଆଠଟି ଦଳ ମଧ୍ୟରୁ ଜୟ ଜଗନ୍ନାଥ ସ୍ପୋର୍ଟିଂ କ୍ଲବ ଜିଞ୍ଜିରା ବଜାର ଚମ୍ପିୟାନ ହୋଇ ଖୁବ ପ୍ରଶଂସାର ପାତ୍ର ହୋଇଛି ।

# ଗ୍ରାମବାସୀଙ୍କ ଦାବି : ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଉତ୍ସବକୁ ରାଜନୀତିକରଣ କରାନଯାଉ

ମୟୂରଭଞ୍ଜ **୧୫/୪(ନି.ପ୍ର):** ଅଲଚିକି ଲିପିର ସ୍ରଷ୍ଟା ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଶହେ ବର୍ଷ ପୂର୍ତ୍ତି ପାଳନ ଅବସରରେ ରାଜନୀତି କରଣ କରା ନଯାଉ ବୋଲି ଦାଣ୍ଡ ଗ୍ରାମବାସୀଙ୍କ ଉପଜିଲ୍ଲାପାଳଙ୍କ ନିକଟରେ ଦାବିପତ୍ର ପ୍ରଦାନ କରାଯାଇଛି । ତେବେ ମେ ମାସ ୧୨ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଗୁରୁଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମ ତିଥି ଆଦିବାସୀ ସାନ୍ତାଳୀ ସମ୍ପ୍ରଦାୟର ବିଶାଳ ସମାବେଶ ହେବାକୁ ସ୍ଥିରକୃତ ହୋଇଛି ।ଏହି ଅବସରରେ ଗ୍ରାମବାସୀ କୌଣସି ରାଜନୈତିକ ଦଳର ପ୍ରଭାବଶାଳୀ ନେତାମାନଙ୍କୁ ଆମନ୍ତ୍ରଣ କରାଯାଇ ନାହିଁ କିନ୍ତୁ ବ୍ୟକ୍ତିଗତ ସ୍ୱାର୍ଥ ନେଇ କେତେକ ଆଦିବାସୀ ସଂଗଠନ କିଛି ନେତାଙ୍କୁ କାର୍ଯକ୍ରମରେ ଯୋଗଦାନ କରିବା ପାଇଁ ଆମନ୍ତ୍ରଣ କରାଯାଉଥିବାର ସୂଚନା ହସ୍ତଗତ ହୋଇଛି ବୋଲି ଗ୍ରାମବାସୀବିରୋଧ କରିଛନ୍ତି। ଏନେଇ ଉପଜିଲ୍ଲାପାଳଙ୍କୁ ଉକ୍ତ ଟ୍ରଷ୍ଟରରେ ସଦସ୍ୟ ଭାବରେ ରହିବା ପାଇଁ ଗ୍ରାମବାସୀ ନିବେଦନ କରିଥିଲେ। ଯାହା ଫଳରେ ଟ୍ରଷ୍ଟର ଉନ୍ନତି କରଣ ପାଇଁ ଆସୁଥିବା ଅନୁଦାନ ସଠିକ ଭାବରେ ଖର୍ଚ୍ଚ ହୋଇ ପାରିବ ବୋଲି ପ୍ରକାଶ କରିଥିଲେ।ଗ୍ରାମବାସୀ କୌଣସି ରାଜନୈତିକ ଦଳର ପ୍ରଭାବଶାଳୀ ନେତାମାନଙ୍କୁ ଆମନ୍ତ୍ରଣ କରାଯାଇ ନାହିଁ କିନ୍ତୁ ବ୍ୟକ୍ତିଗତ ସ୍ୱାର୍ଥ ନେଇ କେତେକ ଆଦିବାସୀ ସଂଗଠନ କିଛି ନେତାଙ୍କୁ କାର୍ଯକ୍ରମରେ ଯୋଗଦାନ କରିବା ପାଇଁ ଆମନ୍ତ୍ରଣ କରାଯାଉଥିବାର ସୂଚନା ହସ୍ତଗତ ହୋଇଛି ବୋଲି ଗ୍ରାମବାସୀ ବିରୋଧ କରିଛନ୍ତି ।ଏନେଇ ରାଇରଙ୍ଗପୁର ମୁର୍ମୁ ଛୋକଠାରୁ ଶାନ୍ତିପୂର୍ଣ୍ଣ ଭାବରେ ଶତାଧିକ ଗ୍ରାମବାସୀ ଉପଜିଲ୍ଲାପାଳଙ୍କୁ ଲିଖିତ ଦାବିପତ୍ର ଦେଇଛନ୍ତି। ଉକ୍ତ ଦାବିପତ୍ରରେ ବିଶେଷ ଉଲ୍ଲେଖ ରହିଛି କି ଯେଉଁ ରାଜନୈତିକ ଦଳର ବିଶିଷ୍ଟ ନେତାମାନଙ୍କୁ ଆମନ୍ତ୍ରଣ କରାଯାଉଅଛି ଉକ୍ତ ନେତାମାନଙ୍କ ସହମତି ଯୋଗୁଁ ଦାଣ୍ଡବୋଷ ଗାଁ ଲୋକେ ଆଜି ବେସାହାରା ହୋଇଛନ୍ତି, ଗାଁର ବିକାଶ ତ ହେଉ ନାହିଁ ବରଂ ଗାଁରେ ଆଦିବାସୀ ଲୋକଙ୍କୁ ସରକାରଙ୍କ ସବୁ ଯୋଜନା ଦେଇ ପୁଣି ସର୍ବସ୍ୱ ଲୁଟି ନେଉଛନ୍ତି। ବିପଦରେ ରହିଛି ଦାଣ୍ଡବୋଷ ଗାଁର ଐତିହ୍ୟ। ଗାଁର ସୁରକ୍ଷା ଦିଗରେ କୌଣସି ନେତା ମନ୍ତ୍ରୀ ଆଗକୁ ଆସିଲେ ନାହିଁ। ତେଣୁ ସାନ୍ତାଳ ସମ୍ପ୍ରଦାୟ ଜନନାୟକ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଶତ ବାର୍ଷିକ ଜୟନ୍ତୀ ଉତ୍ସବରେ କୌଣସୀ ରାଜନେତାଙ୍କ ଅନୁକମ୍ପା ଆବଶ୍ୟକ ନାହିଁ ବୋଲି ଦାଣ୍ଡବୋଷ ଗ୍ରାମବାସୀ ଦାବିପତ୍ରରେ ଉଲ୍ଲେଖ କରିଥିବା ଦେଖିବାକୁ ମିଳିଥିଲା।

## ଡିକେଏମ୍ କନ୍‌ସଲ୍ଟ ଓ ହାଇଦ୍ରାବାଦର ସ୍ଥିତି ଜିସିଇଟି ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ



ଭୁବନେଶ୍ୱର **୧୫/୪(ନି.ପ୍ର):** ଓଡ଼ିଶାର ଅଗ୍ରଣୀ ଅନୁଷ୍ଠାନ ଡିକେଏମ୍ କନସଲ୍ଟ ସହିତ ହାଇଦ୍ରାବାଦର ଗୀତାଞ୍ଜଳି କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ଜିସିଇଟି) ମଧ୍ୟରେ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରୀତ ହୋଇଛି, ଯାହା ନିର୍ମାଣ ଏବଂ ଭିତ୍ତିଭୂମି ପରଖୁବାରେ ଉଦୀୟମାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଗତିଶୀଳ ଶୈକ୍ଷିକ-ଶିଳ୍ପ ସହଯୋଗ ପାଇଁ ପଥ ପ୍ରଶସ୍ତ କରିବ ବୋଲି ଉଭୟ ଅନୁଷ୍ଠାର ବିଶ୍ୱାସ। ଜିସିଇଟିର ନିର୍ଦ୍ଦେଶକ ଡକ୍ଟର ଉଦୟ କୁମାର ସୁଶାରଲା ଏବଂ ଡିକେଏମ୍ କନସଲ୍ଟର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଧନଦା କାନ୍ତା ମିଶ୍ରଙ୍କ ମଧ୍ୟରେ ହୋଇଥିବା ଏମଓୟୁ ତଥା ଉଭୟ ଅନୁଷ୍ଠାନର ସହଭାଗୀତା ଭବିଷ୍ୟତର ଇଞ୍ଜିନିୟରିଂ ବୃତ୍ତିଗତଙ୍କ ମଧ୍ୟରେ ନବସୃଜନ, ଦକ୍ଷତା ବିକାଶ ଏବଂ ସହଜ ବୈଷୟିକ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ସମାନ ପ୍ରତିବଦ୍ଧତାକୁ ସୂଚିତ କରେ। ଏହି ପରିପ୍ରେକ୍ଷୀରେ ଜିସିଇଟି କ୍ୟାମ୍ପସରେ ଡିକେଏମ କନସଲ୍ଟ ତରଫରୁ ଏକ ତିନି ଦିନିଆ କର୍ମଶାଳା ଆୟୋଜନ କରିଥିଲା। ବିଲଡିଂ ନିର୍ମାଣ କ୍ଷେତ୍ରରେ ଡ୍ରୋନ୍ ଟେକ୍ନୋଲୋଜି ଏବଂ କୃତ୍ରିମ ବୁଦ୍ଧି ମତ୍ତାର (ଏଆଇ) ପ୍ରୟୋଗ ବିଷୟରେ ବ୍ୟବହାରିକ ଜ୍ଞାନ ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରିଥିଲା। ଏହି କର୍ମଶାଳାରେ ୧୨୦ ରୁ ଅଧିକ ଉତ୍ସାହୀ ଇଞ୍ଜିନିୟରିଂ ଛାତ୍ର ଅଂଶଗ୍ରହଣ କରିଥିଲେ ଏବଂ ତାଲିମ ହାସଲ କରିଥିଲେ। ଏହି ଅବସରରେ ଡିକେଏମ କନସଲ୍ଟର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ମିଶ୍ର କହିଛନ୍ତି, " ଆମେ ଗୀତାଞ୍ଜଳି କଲେଜ ଅଫ୍ ଇଞ୍ଜିନିୟରିଂ ଟେକ୍ନୋଲୋଜି ସହିତ ସହଭାଗୀ ହୋଇ ନୂତନ ପିଢ଼ିର ଇଞ୍ଜିନିୟରମାନଙ୍କୁ ସୃଷ୍ଟି କରିବାରେ ଉତ୍ସାହିତ କରିବୁ, ଯେଉଁମାନେ କେବଳ ବୈଷୟିକ ଭାବରେ ଦକ୍ଷ ନୁହେଁ ବରଂ ଭବିଷ୍ୟତ ଗଢ଼ିବା ପାଇଁ ମଧ୍ୟ ପ୍ରସ୍ତୁତ ହେଇପାରିବେ,"। ସେହି ଭଳି ଗୀତାଞ୍ଜଳି କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ନିର୍ଦ୍ଦେଶକ ଡକ୍ଟର ସୁଶାରଲା କହିଛନ୍ତି, " ଏହି ବୁଝାମଣାପତ୍ର ଅର୍ଥପୂର୍ଣ୍ଣ ଶିକ୍ଷାଗତ-ଶିଳ୍ପ ସହଯୋଗ ମାଧ୍ୟମରେ ଏକ ଦୃଶ୍ୟାତ୍ମକ ପ୍ରଭାବ ପକାଇବା ପାଇଁ ଆମର ଦୃଷ୍ଟିକୋଣକୁ ମୂର୍ତ୍ତିମନ୍ତ କରେ।"। ଡକ୍ଟର ଜି. ନୀରଜା ରାଣୀ, ଡକ୍ଟର ପି.ରାଜୁ, ଡକ୍ଟର ପ୍ରସନ୍ନ କୁମାର ଏବଂ ପ୍ରଫେସର ଜେ. ଶଙ୍କରଙ୍କ ସମ୍ମାନଜନକ ଉପସ୍ଥି ତି ରେ ଆନୁ ଷାନିକ ଭାବରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

## ୧୩ ଦିନିଆ ମାସନ୍ତ ମେରୁ ଦଣ୍ଡଯାତ୍ରା ଉଦଯାପିତ ଯାତ୍ରା ସାରି ମନ୍ଦିର ଫେରିଲେ ମା 'ଦକ୍ଷିଣକାଳୀ

ବାଲିଗୁଡା **୧୫/୪(ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ତଥା ଏହାର ଆଖପାଖ ଅଞ୍ଚଳରେ ଚଳିତ ମାସ ୦୧ ତାରିଖ ଠାରୁ ଆରମ୍ଭ ହୋଇଥିବା ୧୩ ଦିନିଆ ମାସନ୍ତ ମେରୁ ଦଣ୍ଡଯାତ୍ରା ୧୩ ତାରିଖ ରବିବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବାଲିଗୁଡ଼ାର ମେରୁ ଯାତ୍ରା ସ୍ଥାନୀୟ ମା' ଦକ୍ଷିଣ କାଳୀ ମନ୍ଦିର ପରିସରରେ ହୋଇଥିବା ବେଳେ ବାଟାଗୁଡା, ସିଟୁପଡ଼ି, ବାରଖମା, ମୋହନଗିରୀ, କଟେରୀଭଟ୍ଟା, ରେବିଙ୍ଗିଆ, ଡାକା, ବାଲିଗାଡା, ଦାଉଙ୍ଗିଆ, ସିଟୁପାଜୁ ଓ କିଲୁପଡା ଭଳି ବିଭିନ୍ନ ଅଞ୍ଚଳର ପ୍ରତ୍ୟେକ କାଳୀ ମନ୍ଦିରରେ ହଜାର ହଜାର ମାନସିକ ଧାରୀ ଙ୍କ ଉପସ୍ଥିତିରେ ଏହି ମେରୁଯାତ୍ରା ଅନୁଷ୍ଠିତ ହୋଇଥିଲା। ଧୂଳିଦଣ୍ଡ ସମାପ୍ତ ପରେ ଜଳ ଘାଟରେ କାଳୀଙ୍କ ପୂଜା ହୋଇଥିଲା। ସମସ୍ତ ଶୈବପୀଠ ଝାମୁ ଯାତ୍ରା ସ୍ଥାନ ଦ୍ୱରଣରେ ସଜେଇ ହୋଇ ସମଗ୍ର ଅଞ୍ଚଳ ଗୁଡ଼ିକ ଆଧ୍ୟାତ୍ମିକ ପରିବେଶରେ ଉତ୍ସବ ମୁଖର ହୋଇଉଠିଛି। ଆମ୍ବ ପେନ୍ଥା କଦଳୀ କାନ୍ଦି, ଫୁଲମାଳରେ ଝାମୁ ମେରୁ ଖୁଣ୍ଟ ସଜେଇ ହୋଇ ଦୀପ, ଧୂପ,ଚନ୍ଦନ,ସିନ୍ଦୂର ରେ ଝଲସୁଛି। ଦଣ୍ଡଭକ୍ତ ଓ ହବିସ୍ୟାଳି ଭକ୍ତି ଓ ମାନସିକ ମାନେ ଭାବପୂର୍ଣ୍ଣ ଭକ୍ତିରେ ଏହି ବ୍ରତକୁ ପାଳନ କରୁଛନ୍ତି। ସମସ୍ତ ପୀଠରେ ପ୍ରବଳ ଭିଡ଼ ହୋଇଥ?ବା ଦେଖିବାକୁ ମିଳିଛି। ଭୁକ୍ତା ଓ ଗୁହାରିଆ ମାନଙ୍କର ମାନସିକ ପୂରଣ ହୋଇଥିବାରୁ ସେମାନେ ମା'ଙ୍କୁ ଦାନ ଦେଇଥିଲେ । ମାନସିକ ଧାରୀମାନେ ନିଜର ମାନସିକ ପୂରଣ କରିବା ପାଇଁ ଜଳ ଲାଗି କରିବା ପରେ ପୂଜା କାର୍ଯ୍ୟ ସମାପ୍ତ ହୋଇଥିଲା। ଏହା ପରେ ମେରୁ ଯଜ୍ଞ ସ୍ଥଳରେ ଦଣ୍ଡଯାତ୍ରାର ପୂଜକଙ୍କୁ ମେରୁ ଖୁଣ୍ଟରେ ଝୁଲେଇ ଦେଇ ଯଥାରିତି ସହକାରେ ପୂଜାର୍ଚ୍ଚନା କରାଯାଇଥିଲା । ଶେଷରେ ମନ୍ଦିର କମିଟି ଆନୁକୂଲ୍ୟରେ ଭୋଗ ଏବଂ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ପରିସରରେ ପ୍ରବଳ ଗହଳି କୁ ଦୃଷ୍ଟିରେ ରଖି ମନ୍ଦିର ପରିଚାଳନା କମିଟି ଓ ସ୍ଥାନୀୟ ପୋଲିସ ପ୍ରଶାସନ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

## ସାରସ୍ୱତ ଆଲୋଚନା, ପତ୍ରିକା ଉନ୍ମୋଚନ ଓ ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି **୧୫/୪(ନି.ପ୍ର):** ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅଧିନ କେ□ାଳୋ ପଂଚାୟତ ମଲ୍ଲୀପୁରରେ ବିଜେ ଅସୁରେଶ୍ୱରର ପ୍ରସିଦ୍ଧ ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ରଘୁନାଥ ପ୍ରକାଶନ ସମିତି ପକ୍ଷରୁ ଏକ ସାରସ୍ୱତ ଆଲୋଚନା ଓ ଆଧ୍ୟାତ୍ମିକ ପତ୍ରିକା 'ଶ୍ରୀ ରଘୁନାଥ' ଉନ୍ମୋଚନ ଏବଂ ସମ୍ବର୍ଦ୍ଧନା ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସମିତିର ସଭାପତି ଶ୍ରୀନିବାସ ସାହୁଙ୍କ ସଭାପତିତ୍ୱ ଏବଂ ସାମ୍ବାଦିକ ପ୍ରତାପ ଶତପଥୀଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବିଧାନସଭା ସଚିବ ଦାଶରଥି ଶତପଥୀ, ମୁଖ୍ୟବକ୍ତା ଭାବେ ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକା ଡ଼ଃ.ଆରତୀ କର, ସମ୍ମାନୀତ ଅତିଥି ଭାବେ ନିର୍ଭୀକର ସମ୍ପାଦକ ଅବନୀଚନ୍ଦ୍ର ଦାସ, ବିଶିଷ୍ଟ ସାରସ୍ୱତ ସାଧକ ଶାରଦାପ୍ରସନ୍ନ ମିଶ୍ର ପ୍ରମୁଖ ଯୋଗ ଦେଇ ରାମାୟଣର ବିଭିନ୍ନ ଚରିତ୍ରରେ ଯେଉଁଳି ଭାବେ ଭିନ୍ନ ଭିନ୍ନ ଆଦର୍ଶ ସମାଜକୁ ଦିଗଦର୍ଶନ ଦେଉଛି ତାହାକୁ ନେଇ ସାରା ଭାରତବର୍ଷର ହିନ୍ଦୁ ସଂସ୍କୃତିର ଏକ ଗର୍ବ ଓ ଗୌରବର ବିଷୟ ବୋଲି ମତବ୍ୟକ୍ତ କରିଥିଲେ। ଶ୍ରୀ ରଘୁନାଥ ପତ୍ରିକାର ସମ୍ପାଦିକା ସସ୍ମିତା ପଣ୍ଡା ଏକ ସମ୍ପାଦକୀୟ ବିବରଣୀରେ ପତ୍ରିକାରେ ସ୍ଥାନ ପାଇଥିବା ବିଭିନ୍ନ ଆଧ୍ୟାତ୍ମିକ ଚେତନା ସଂକ୍ରାନ୍ତରେ ପ୍ରକାଶ କରିଥିଲେ। କବି ଅଭୟ କୁମାର ଜେନା ଏଥିରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଧ୍ରୁବଚରଣ ପାତ୍ରୀଙ୍କ ସହଯୋଗରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ସୁରେନ୍ଦ୍ରନାଥ ଖଟୁଆ, କୃଷ୍ଣଚନ୍ଦ୍ର ନାୟକ,ତ୍ରିଲୋଚନ ପଣ୍ଡା ଓ ମହେନ୍ଦ୍ର ଦାସଙ୍କୁ ମାନପତ୍ର ,ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାହିତ୍ୟିକ ଭବାନୀପ୍ରସାଦ ପଣ୍ଡା, କବି ସଚ୍ଚିଦାନନ୍ଦ ମିଶ୍ର ,ଶିକ୍ଷାବିତ୍ ଦେବପ୍ରସାଦ କର,ଉତ୍କଳଜ୍ୟୋତି ରଘୁନାଥ ମହାନ୍ତି, କବି ସୁରଥ ରାଉତଙ୍କ ସମେତ ବହୁ ସାରସ୍ୱତ ସାଧକ ଓ ସାମ୍ବାଦିକ ମାନେ ଯୋଗ ଦେଇ ଆଧ୍ୟାତ୍ମିକ ପତ୍ରିକା ଶ୍ରୀ ରଘୁନାଥ ଉପରେ ଆଲୋଚନା କରିଥିଲେ । ଶେଷରେ ଶିକ୍ଷାବିତ୍ କବି ପ୍ରସନ୍ନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ନବ ନିର୍ମିତ ଶୌଚାଳୟ ର ଦୁର୍ଭାଗ୍ୟ, ଗଛ ପଡି କାନ୍ଥ ଫାଟିଲା

ପାଟଣା **୧୫/୪(ନି.ପ୍ର):** ପାଟଣା ବ୍ଲକ ମୁଖ୍ୟାଳୟ ପାଟଣା ଥାନା ନିକଟରେ ପୁରୁଣା ଡାକ ବଙ୍ଗଳା ପରିସରରେ ବଡ଼ପାଟଣା ପଞ୍ଚାୟତ ପକ୍ଷରୁ ଏକ ଶୌଚାଳୟ ନିର୍ମାଣ କରାଯାଇଛି ।ଦୀର୍ଘ ୩ବର୍ଷ ରୁ ଉର୍ଦ୍ଧ୍ୱ ହେବ ଏହି ଶୌଚାଳୟ କିଛି ନା କିଛି ବାହାନାରେ କାର୍ଯ୍ୟକ୍ଷମ କରାଯାଉନାହିଁ।ଯାହାଫଳରେ ଶୌଚାଳୟ ଟି ବ୍ଲକ ମୁଖ୍ୟାଳୟ କୁ ଯାତାୟାତ କରୁଥିବା ଅଞ୍ଚଳ ର ଲୋକ ଅଥବା ସାଧାରଣ ଯାତ୍ରୀ ଓ ବଜାର ଅଞ୍ଚଳ ବାସୀ ଙ୍କ ସେବାରେ ଲାଗି ପାରୁନାହିଁ।ଏଭଳି ସ୍ଥିତିରେ ଗତ ସନ୍ଧ୍ୟାରେ କାଳ ବୈଶାଖୀ ପ୍ରଭାବରେ ଏକ ବଡ଼ ଗଛ ଏହି ଶୌଚାଳୟ ଉପରେ ପଡିବାରୁ ଏହାର କାନ୍ଥ ଇତ୍ୟାଦି ଫାଟିଯିବା ସହ କ୍ଷୟ କ୍ଷତି ମଧ୍ୟ ହୋଇଛି ।ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଶୌଚାଳୟ ନିର୍ମାଣ,ଗଭୀର ନଳକୂପ ଖନନ ଆଦି କେଉଁ କାମକୁ ବୋଲି ସାଧାରଣ ରେ ଅଭିଯୋଗ ହେଉଛି।

## ସିନାପାଲି ଥାନା ପରିସରରେ ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଅନୁଷ୍ଠିତ

ସିନାପାଲି **୧୫/୪(ନି.ପ୍ର):** ନୂଆପଡ଼ା ଜିଲ୍ଲାର ସିନାପାଲି ଥାନା ପରିସର ମଧ୍ୟରେ ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି ।ସଚେତନ କାର୍ଯ୍ୟକ୍ରମରେ ସିନାପାଲି ବ୍ଲକର ବରିଷ୍ଠ ନାଗରିକ ପରିଚୟ ପତ୍ର ପ୍ରଦାନ କରିଥିଲେ।, ବୈଠକ ରେ ବୁଦ୍ଧିଜୀବି ସଚେତନ ମହିଳା, ଯୁବ ଗୋଷ୍ଠୀ ସାମିଲ ହୋଇଥିଲେ। ସଭା ରେ ମୁଖ୍ୟଅତିଥି ଭାବରେ ସିନାପାଲି ଥାନା ଅଧିକାରୀ ରଶ୍ମିତା ପ୍ରଧାନ ଯୋଗ ଦେଇ ପୋଲିସ ଏବଂ ଜନସାଧାରଣ ମିଳିତ ରୂପେ ଆଇନ ଶୃଙ୍ଖଳା ପରିସ୍ଥିତି ସୁଧାର ଆଣିବା ସହ ନାଗରିକଙ୍କ ସୁରକ୍ଷା ପୋଲିସ ର ନୈତିକ କର୍ତ୍ତବ୍ୟ ଅଟେ ବୋଲି ମତବ୍ୟକ୍ତ କରିଥିଲେ। ଆମ ପୋଲିସ କାର୍ଯ୍ୟକ୍ରମ ରେ ଭୟ ମୁକ୍ତ ପରିବେଶ ରେ ଅଭିଯୋଗକରୀଙ୍କୁ ବ୍ୟବହାର ସହ ତାଙ୍କ ପ୍ରତି ଉଚିତ୍ ସମ୍ମାନ ପ୍ରଦାନ ନେଇ ଆହ୍ୱାନ କରିଥିଲେ। ବରିଷ୍ଠ ନାଗରିକ ମାନେ ସଚେତନ ରହି ନିଜ ସୁରକ୍ଷା ନିଜ ହାତରେ ରହିଅଛି ବୋଲି ଅନ୍ୟ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ବୈଠକରେ ଏ ଏସ ଆଇ ସହଦେବ ଯୋଷୀ, ଅନିତା କୁମାରୀ ଜାନୀ, ଏସ ଆଇ ପ୍ରଭାକର ନାୟକ, କେଶବ ମାଝୀ, ସିନାପାଲି ସରପଞ୍ଚ, ନାଗରିକ ବିକାଶ କୁମାର ନାଗ, ହାବିଲଦାର ଅଭିରାମ ଘିବେଲା, ଥାନା କର୍ମଚାରୀ ବରିଷ୍ଠ ନାଗରିକ ମାନେ ଯୋଗ ଦେଇଥିଲେ।

## ଭାଲୁ ଆକ୍ରମଣ ରେ ଜଣେ ଗୁରୁତର

ପାଟଣା **୧୫/୪(ନି.ପ୍ର):**ଆଜି ସନ୍ଧ୍ୟାରେ ପାଟଣା ବନାଞ୍ଚଳ ଅନ୍ତର୍ଗତ ବଣମହୁଲଡିହା ଗ୍ରାମରେ ଭାଲୁ ଆକ୍ରମଣ ରେ ଜଣେ ଯୁବକ ଗୁରୁତର ହୋଇଛନ୍ତି।ଗ୍ରାମର ଲାଲମୋହନ ମହାନ୍ତ ଶୌଚ ପାଇଁ ପାଖ ଜଙ୍ଗଲକୁ ଯାଇଥିବା ସମୟରେ ହଠାତ ଏକ ବଡ଼ ଅଣ୍ଡିରା ଭାଲୁ ତାଙ୍କୁ ଆକ୍ରମଣ କରି ଜଙ୍ଘ କୁ କାମୁଡ଼ି ପକାଇଥିଲା ।ତାଙ୍କ ଚିତ୍କାର ଶୁଣି ଲୋକେ ତାଙ୍କୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି।ପାଟଣା ବନପାଳ ଫିଅନ ନାଏକ ଘଟଣାର ତଦନ୍ତ କରିବା ସହ ଲାଲମୋହନ ଙ୍କ ଚିକିତ୍ସା କରାଇଛନ୍ତି।

## ଆଖି ଅସ୍ତ୍ରୋପଚାର ପାଇଁ ଯାଇ ବୃଦ୍ଧ ନିଖୋଜ

ପାଟଣା **୧୫/୪(ନି.ପ୍ର):** ପାଟଣା ଥାନା ଅଞ୍ଚଳ ସାହାରପଡା ବ୍ଲକ ଦୁବେଇ ପେଣ୍ଟ ଗ୍ରାମର ଜଗବନ୍ଧୁ ନାଏକ (୮୫)ନାମକ ଜଣେ ବୃଦ୍ଧ ଆଖି ଅସ୍ତ୍ରୋପଚାର ପାଇଁ ଛତିଆର ଜଗନ୍ନାଥ ଚକ୍ଷୁ ଚିକିତ୍ସାଳୟକୁ ଯାଇ ସେଠାରୁ ନିଖୋଜ ହୋଇଥିବା ତାଙ୍କ ପରିବାର ଜଣାଇଛନ୍ତି।ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଜଗବନ୍ଧୁ ଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଗତ ୯ ତାରିଖ ଗାଡ଼ିରେ ନିଆ ଯାଇଥିଲା।

# କଣାସର ବିଭିନ୍ନ ସ୍ଥାନରେ ମେରୁ ପର୍ବ ପାଳିତ



କଣାସ **୧୫/୪(ନି.ପ୍ର):** ପୁରୀ ଜିଲ୍ଲା କଣାସ ବ୍ଲକ୍ ବିଭିନ୍ନ ଗ୍ରାମରେ ଦଣ୍ଡ ଯାତ୍ରା ବା ମେରୁ ପର୍ବ ପାଳିତ ହୋଇଯାଇଛି ।ବିଭିନ୍ନ ଗ୍ରାମରେ ଏକ ମାସ ଧରି ଏହି ପର୍ବ ଚାଲୁଥିବା ଦେଖିବାକୁ ମିଳିଛି ।ମାନସିକଧାରୀ ମାନେ ଗୃହ ପରିତ୍ୟାଗ କରି ନିଷ୍ଠାର ସହ ନିର୍ଜଳ ଉପବାସ କରି ଦିନ ଜାକରେ ସନ୍ଧ୍ୟା ସମୟରେ ପଣା ସେବନ କରିଥାନ୍ତି ।ସନ୍ଧ୍ୟା ସମୟରେ ବିଭିନ୍ନ ଗ୍ରାମ ପରିକ୍ରମା କରି ପୂଜାର୍ଚ୍ଚନା କରିବା ସହ ଭକ୍ତମାନଙ୍କ ମଙ୍ଗଳ କାମନା କରିବା ସହ ଭୋଗା ଦେଇଥାନ୍ତି ।ରବିବାର ଦିନ ଅନ୍ତିମ ଦିବସରେ ସର୍ବ ପୁରାତନ ମେରୁ କୋଠୀ କରମଳା ଭୋଇପଡ଼ା,ଝାରଡ଼ା ରାଧାକୃଷ୍ଣପୁର,କଳାପଦର, ବଡାସ ଗ୍ରାମରେ ମହା ଆଡ଼ମ୍ବରରେ ମେରୁ ପର୍ବ ପାଳିତ ହୋଇଥିବା ଦେଖିବାକୁ ମିଇଥିଲା ଏଥିରେ ସହ ଭକ୍ତ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । କିମ୍ବଦନ୍ତୀ ଅନୁସାରେ ଦଣ୍ଡରେ ଭାଗ ନେଇଥିବା ଦଣ୍ଡୁଆ ବା ଭକତାମାନେ ପାଣିରେ ବୁଡ଼ ଦେବା ପରେ ଠାକୁରଙ୍କ ଆଗରେ ଚାଷ କରିବା ପରେ କଣ୍ଟାରେ ଗଡିବା ଓ ନିଆଁ ଓହଳ ଚାପ ଓ ଅଗ୍ନପରୀକ୍ଷା ନୀତି ସମ୍ପନ୍ନ ହୋଇଥିଲା ।ଏହି ପର୍ବ ଏତେ ନିଷ୍ଠାର ସହ ମାନସିକ ଧାରୀମନେ କରିଥାନ୍ତିଯେ କଣ୍ଟାରେ ଗଡିବା ଓ ନିଆଁରେ ଓହଳିଲେ ମଧ ଠାକୁରଙ୍କ ଆଜ୍ଞାରେ କିଛି ବିଘ୍ନ ଘଟିନଥାଏ ଓ ଯିଏ ଯାହା ମାନସିକ କରିଥାଏ ତାହା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି ।

# ଚିକିଟୀ ରେ ତିନି ଦଣ୍ଡ ମହାମିଳନ





ଚିକିଟୀ **୧୫/୪(ନି.ପ୍ର):** ଏହି ବିଜ୍ଞାପିତ ଅଞ୍ଚଳ ପରିଷଦ ଠାରେ ତିନି ଦଣ୍ଡ ମହାମିଳନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ଗଞ୍ଜାମ ଜିଲ୍ଲା ର ଗଣ ପର୍ବ ପ୍ରସିଦ୍ଧ ଦଣ୍ଡ ନାଚ ରେ ଚିକିଟୀ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଥିଲା । ଅଞ୍ଚଳର କେଉଁଠି ନା କେଉଁଠି ଦଣ୍ଡଯାତ୍ରା ଯୋଗୁଁ ବିଭିନ୍ନ ଦଣ୍ଡଦଳର ନଗର ଭ୍ରମଣ କାଳରେ ପ୍ରତ୍ୟେକ ଘର ସମ୍ମୁଖରେ କୁମ୍ଭ ସ୍ଥାପନ ସାଙ୍ଗକୁ ପାହାଡା ପକାଇ ମା ଦଣ୍ଡକାଳୀ ଙ୍କ ଆଶୀର୍ବାଦ ଝୁଣାର ମହକ ଏବଂ ଢୋଲ ବାଦ୍ୟର ଶବ୍ଦରେ ଗଗନ ପବନ ପ୍ରକମ୍ପିତ ହୋଇ ଏକ ଉତ୍ସବ ମୁଖର ପରିବେଶ ସୃଷ୍ଟି ହୋଇଥଲା । ଦଣ୍ଡୁଆଙ୍କ ଧୂଳିଦଣ୍ଡ, ଜଳଦଣ୍ଡ, ଅଗ୍ନିଦଣ୍ଡ ଓ ପରଭା ନୃତ୍ୟ ଶ୍ରଦ୍ଧାଳୁଙ୍କୁ ଏକ ଭାବବିହ୍ୱଳ ବାତାବରଣ ମଧ୍ୟକୁ ଟାଣି ନେଇଥିଲା । ଏହି ଯାତ୍ରା ଚୈତ୍ର କୃଷ୍ଣ ଏକାଦଶୀ ତିଥି ମଙ୍ଗଳବାର ଠାରୁ ଆରମ୍ଭ ହୋଇ ମହା ବିଶୁଭ ପଣା ସଂକ୍ରାନ୍ତି ବା ମେରୁ ସଂକ୍ରାନ୍ତି ରେ ଶେଷ ହୋଇଥାଏ ।ଏଥି ସକାଶେ ମାନସିକ ଧାରୀ ଦଣ୍ଡୁଆ ମାନେ ନିଜ ନିଜ ର ମାନସିକ ପୁରଣ ନିମନ୍ତେ ବହୁ କଷ୍ଟ ସହ୍ୟ କରି ଏହି ଦଣ୍ଡ ଯାତ୍ରା ରେ ସାମିଲ ହୋଇଥାନ୍ତି । କାଲି ପଣା ସଂକ୍ରାନ୍ତି ରେ ଏହି ଯାତ୍ରା ଶେଷ ହେବାକୁ ଥିବା ବେଳେ ଆଜି ଚିକିଟୀ ପେଣ୍ଠ ଠାରେ ବିଭିନ୍ନ ସାହିର ଯୁବ ଗୋଷ୍ଠୀ ଙ୍କ ସହଯୋଗ ରେ ଦିଗପହଣ୍ଡି, ମୌଳାଭଞ୍ଜା ଓ କୁସୁମୀ ଆଦି ତିନୋଟି ଦଣ୍ଡ ଯାତ୍ରା ଦଳର ମହାକାଳୀ ଓ ମହାଦେବ ମିଳିତ ହୋଇଥିଲା ।ସନ୍ଧ୍ୟା ସମୟରେ ମହା ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା ଏହି ମହା ମିଳନ କାଳରେ ଝୁଣାର ମୋହକ ରେ ମିଳନ ସ୍ଥଳ ମହକୁ ଥିବା ବେଳେ ଢୋଲ ମହୁରି ତୁରୀ ଝାଞ୍ଜ ନାଦରେ ସାରା ଅଞ୍ଚଳ ପ୍ରକମ୍ପିତ ହେଉଥିଲା ।ଏହାକୁ ଦେଖିବା ସହ ପଣା ପି ମା ଙ୍କ ଆଶୀର୍ବାଦ ନେବା ଲାଗି ଅଞ୍ଚଳର ସହ ସହ ଭକ୍ତ ଙ୍କ ଜନ ସମାଗମ ସାଙ୍ଗକୁ ଜୟ ମା ରୁଦ୍ର କାଳୀ ଧ୍ୱନି ରେ ଅଞ୍ଚଳ ପ୍ରକମ୍ପିତ ହେବା ସାଙ୍ଗକୁ ସାରା ଅଞ୍ଚଳ ରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ।ମଧ ରାତ୍ରିରେ ଅଗ୍ନି ଦଣ୍ଡ ସହ କାଳି ପ୍ରସନ୍ନ ଓ କାଳିକା ନାଚ ସହ କାର୍ଯ୍ୟକ୍ରମ ସମ୍ପର୍ଣ୍ଣ ହୋଇଥବା ବେଳେ ରାତ୍ରୀ କାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକଙ୍କ ମନୋରଞ୍ଜନ କରିଥିଲା ।

# ହିର୍ଲିପାଲିରେ ଚୈତ୍ର ପୂର୍ଣ୍ଣିମା

ଅତାବିରା **୧୫/୪(ନି.ପ୍ର):** ଆଜି ଅତାବିରା ବ୍ଲକ ଅଧିନ ହିର୍ଲିପାଲି ଗ୍ରାମରେ ମହାସମାରୋହରେ ଚୈତ୍ର ପୂର୍ଣ୍ଣିମା ପର୍ବ ଅନୁଷ୍ଠିତ ହୋଇଯାଇଛି ।ଭକ୍ତମାନେ ମାଁ ସମଲେଇକୁ ପାରମ୍ପରିକ ରିତିନିତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ ।ଏଥିରେ ଅତିଥି ଭାବେ ଅତାବିରାର ପୂର୍ବତନ ବିଧାୟିକା ସ୍ନେହାଂଗିନୀ ଛୁରିଆ,ସମାଜସେବୀ ନନ୍ଦନ ମହାନନ୍ଦ,ବୈଶାଖୁ କଲେତ,ତ୍ରାହିକର ଡୁଂଗୁରି,ରମେଶ ପଂଚବିହା,ଫିରୋଜ କର ପ୍ରମୁଖ ଯୋଗଦେଇଥିଲେ ।ଏହି ଅବସରରେ ରାତିରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ବେଧଡ଼କ ଚାଲିଛି ବେନିୟମ ଇଟାଭାଟି, ପ୍ରଶାସନ ଆଖିରେ ଅନ୍ଧପୁଟୁଳି

ଛତ୍ରପୁର **୧୫/୪(ନି.ପ୍ର):** ସମଗ୍ର ରାଜ୍ୟଏବେ ତତଲା କଡେଇରେ । ଦିନ ୧୦ ଟା ହୋଇଗରେ ଘରୁ ବାହାରିବା ମୁସକିଲ ହୋଇପଡୁଛି । ପ୍ରଚଣ୍ଡ ରୌଦ୍ର ତାପ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି । ଏହା ସାଙ୍ଗକୁ ବେଆଇଟ ଇଟା ଭାଟି ଲୋକଙ୍କ ସମସ୍ୟାକୁ ଦୁଇ ଗୁଣିତ କରିଦେଉଛି । ସରକାରଙ୍କ ବାରଣ ସ୍ୱତେ କେମିତି ଚାଲିଛି ବେନିୟମ ଇଟାଭାଟି । ଏହି ଇଟାଭାଟି ଗୁଡିକ ଛତ୍ରପୁର ତହସିଲ ଅଧିନ ରେ ବିଭିନ୍ନ ପଚାଂୟତରେ ଗଢି ଉଠିଥିବା ବେଳେ ପ୍ରଶାସନ ଜାଣିବି ନ ଜାଣିବା ଭଳି ଚୁପ ରହିଛି । ଏହି ଇଟାଭାଟି ଦ୍ୱାରା ପରିବେଶ ଦୂଷିତ ହେବା ସହିତ ଇଟାଭାଟି ଧୁଆଁରେ ଲୋକମାନେ ଅତି ହେଲେଣି । ଗଢ଼ି ଉଠିଥିବା ମାଳ ମାଳ ଇଟାଭାଟି ଗୁଡିକୁ ଆଙ୍କୁଶ ଲଗାଇବାରେ ବିଫଳ ହୋଇଛି ଛତ୍ରପୁର ତହସିଲ ପ୍ରଶାସନ । ଯାହାଫଳରେ ଦିନକୁ ଦିନ ବାୟୁ ଏବଂ ପରିବେଶ ପ୍ରଦୂଷଣ ବଢ଼ିବାରେ ଲାଗିଛି । ବର୍ତମାନ ଗ୍ରିଷ୍ମ ଋତୁର ଖରା ସାଙ୍ଗକୁ ଏହି ଇଟାଭାଟିର ତାତି ଲୋକମାନେ ଆହୁରି ବିରକ୍ତି ହେଲେଣି । ଇଟାଭାଟି କରିବାକୁ ହେଲେ ଗ୍ରୀନ ଟ୍ୟୁବନାଲର ଅନୁମତି ଆବଶ୍ୟକ ପଡିଥାଏ । କିନ୍ତୁ ବହୁ ସ୍ଥାନରେ ଏହି ସବୁନଥିଲେ ବି ବେନିୟମ ଭାବେ ବେଧଡକ ଇଟାଭାଟି ଗଢି ଉଠିଛି । ଯାହାଫଳରେ ଜନସାଧାରଣ ଅସନ୍ତୋଷ ଦେଖାଦେଉଥିଲା ବି ରାଜସ୍ୱ ବିଭାଗ ଜାଣିବି ନଜାଣିବାଭଳି ରହିଆସୁଥିବା ମନେହେଉଛି । ତହସିଲ ପ୍ରଶାସନ ପକ୍ଷରୁ ଅଙ୍କୁଶ ନଥିବାରୁ ବେଧଡକ ଭାବେ ଇଟା ଭାଟି ମାଫିଆ ମାନେ ସବୁ ସମୟରେ ଇଟା ପକାଇ ମାଳାମାଲ ହେଉଥିବା ବେଳେ ସେମାନଙ୍କ ଉପରେ ରୋକ ଲଗାଯାଉନାହିଁ । ତେବେ କେବେ ପ୍ରଶାସନର ଏହି ବେଆଇନ ଭାବେ ଗଢି ଉଠିଥିବା ଇଟା ଭାଟି ଉପରେ ଦୃଷ୍ଟି ପଡୁଛି । ଛତ୍ରପୁର ତହସିଲଅଧିନ ବଡମାଧପୁର, ସୁନ୍ଦରପୁର, ବଉଳଗାଁ, ପୋଟଲାମପୁର, ଅଗସ୍ତିନୁଆଗାଁ, ବଳରାମପୁର, ଗୋବା, ମହାନାଦପୁର, ବିପୁଳିଙ୍ଗି, ଭିକାରିପଲ୍ଲୀ, ଟାଙ୍ଗଣାପଲ୍ଲୀ, ରାଜପୁର ଆଦି ଗ୍ରାମ ମାନଙ୍କରେ ବହୁ ମାତ୍ରାରେ ବେଆଇନ ଭାବେ ଇଟା ଭାଟି ଗଢି ଉଠିଛି । ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବୀ ଉଠିଛି ।



# ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ବାଣପୁର **୧୫/୪(ନି.ପ୍ର):**ରବିବାର ଦିନ ବାଣପୁର ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ଜଣେ ଯୁବକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ ବାଣପୁର କଲେଜ ଛକ ଅଞ୍ଚଳର ସେକ ରହିମ ଙ୍କ ପୁତ୍ର ସେକ ସାଜିଦ(୩୫)ଙ୍କ ବିବାହ ବିଛେଦ ହୋଇଯାଇଥିବାରୁ ସେ ମାନସିକ ଚାପରେ ରହୁଥିଲେ । ଦୀର୍ଘ ଦିନ ହେବ ମାନସିକ ଚାପରେ ରହିବା ସହ ସଦାବେଳେ ଦୁଃଖିତ ରହୁଥିଲେ । ତେବେ ଗତକାଲି ରାତିରେ ସେ ଘରକୁ ଫେରିନଥିଲେ । ଆଜି ସକାଳେ ସ୍ଥାନୀୟ ପରିଛା ସାହି ନିକଟସ୍ଥ ଏକ ଓଉ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଞ୍ଚଳବାସୀ ଦେଖିବାକୁ ପାଇଥିଲେ ଓ ପୋଲିସକୁ ଖବର କରିଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି କେସ ନମ୍ବର ୯/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ଜବତ କରି ବ୍ୟବଛେଦ ପାଇଁ ପଠାଇଦେଇଛି । ଏ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

# ବିଜେଡିର ନୂତନ ଜିଲ୍ଲା ସଭାପତିଙ୍କୁ କର୍ମୀଙ୍କ ଶୁଭେଚ୍ଛା

କଣାସ **୧୫/୪(ନି.ପ୍ର):**ବିଜୁ ଜନତା ଦଳର ଜିଲ୍ଲା ସଭାପତି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ପୁରୀ ଜିଲ୍ଲା ବିଜେଡ଼ି ସଭାପତି ପାଇଁ ରବିବାର ଦିନ ଶଙ୍ଖ ଭବନ ଠାରେ ସତ୍ୟବାଦୀର ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ ପ୍ରାର୍ଥୀପତ୍ର ଦାଖଲ କରିଥିଲେ ।ଅନ୍ୟ କେହି ପ୍ରତିଦ୍ୱନ୍ଦୀ ନଥିବାରୁ ସେ ପୁରୀ ଜିଲ୍ଲା ସଭାପତି ପାଇଁ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ ।ଏହି ପରିପ୍ରେକ୍ଷୀରେ କଣାସ ବ୍ଲକ୍ ଯୁବ ବିଜେଡି,ଛାତ୍ର ବିଜେଡ଼ି, ମହିଳା ବିଜେଡି,ସରପଞ୍ଚ ,ସମିତିସଭ୍ୟ,ଜିଲ୍ଲାପରିଷଦ ଓ ବିଜେଡି କର୍ମୀମାନଙ୍କ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।ପ୍ରାର୍ଥୀପତ୍ର ଦାଖଲ ସମୟରେ କଣାସ ବ୍ଲକ୍ ବିଜେଡ଼ି ସଭାପତି ସୁରେଶ କୁମାର ସାହୁ,କଣାସ ବ୍ଲକ୍ ବିଜେଡ଼ି ନିର୍ବାଚନ ଅଧିକାରୀ ରାଜେଶ ହରିଚନ୍ଦନ,ଶ୍ରୀକାନ୍ତ ପରିଡ଼ା,ଜୟନ୍ତ ଦାସ,ସତ୍ୟବାଦୀ ବ୍ଲକ୍ ଅଧକ୍ଷ ସୁନିଲ କୁମାର ପଣ୍ଡା ଓ ବ୍ଲକ୍ ସଭାପତି ପ୍ରମୋଦ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# 'ଘୁମୁସର ର ସ୍ୱର' ପକ୍ଷରୁ ୧୪୮ତମ ସାହିତ୍ୟ ଆଲୋଚନା ଚକ୍ର ଓ ଭଞ୍ଜ ଜୟନ୍ତୀ

ବୁଗୁଡ଼ା **୧୫/୪(ନି.ପ୍ର):** ଓଡ଼ିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ 'ଘୁମୁସର ର ସ୍ୱର' ପକ୍ଷରୁ ୧୪୮ତମ ପୂର୍ଣ୍ଣିମା ସାହିତ୍ୟ ଆଲୋଚନା ଚକ୍ର ଓ ଭଞ୍ଜ ଜୟନ୍ତୀ ବାଲିପଦର ଫ୍ରେଣ୍ଡସ୍ କ୍ଲବ୍ ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ଡକ୍ଟର ବି.ପ୍ରକାଶ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଯୁବ ସମାଜସେବୀ ତଥା ବାଲିପଦର ମହୋତ୍ସବ କମିଟିର କୋଷାଧକ୍ଷ ଜି.ସଞ୍ଜିବ କୁମାର ପାତ୍ର କବି ସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ କୃତ୍ତିବାସ ବିଶ୍ୱାଳ ମୁଖ୍ୟ ଅତିଥି, ଜୟନ୍ତୀ ପଢ଼ିଆରୀ, ସନ୍ତୋଷ କୁମାର ଜେନା, ଅନୁପମ ବାନାର୍ଜୀ, ଅନନ୍ତ କର, ଲିଙ୍ଗରାଜ ଦାସ, ଇଂ ବିପ୍ର ଚରଣ ପାତ୍ର, ଦେବନାଥ ରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭଞ୍ଜ ସାହିତ୍ୟ ସମଗ୍ର ବିଶ୍ୱର ଅନନ୍ୟ ସାହିତ୍ୟ, ସଂସ୍କୃତି, ସାହିତ୍ୟ ସହ ସମକକ୍ଷ ବୋଲି ମତବ୍ୟକ୍ତ କରିଥିଲେ। ଆକାଶବାଣୀ ବ୍ରହ୍ମପୁରର ଉଦ୍ଘୋଷକ ତଥା ଗବେଷକ ଡକ୍ଟର ବିଶ୍ୱନାଥ ପାଣିଗ୍ରାହୀଙ୍କୁ ସାହିତ୍ୟ କ୍ଷେତ୍ରରେ ତାଙ୍କର ପାରଦର୍ଶୀତା ପାଇଁ 'ଘୁମୁସର ର ସ୍ୱର' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅହଲ୍ୟା ଦେବୀ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରି ଥିବାବେଳେ ଅଧ୍ୟାପକ ଅଶୋକ କୁମାର ସ୍ୱାଇଁ ଭଞ୍ଜ ସଂଗୀତ ପରିବେଷଣ କରିଥିଲେ। ଫ୍ରେଣ୍ଡସ୍ କ୍ଲବ୍ ସମ୍ପାଦକ ଜି. ମନୋଜ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ସନ୍ୟାସୀ ମହାରଣା, ରାଜେନ୍ଦ୍ର ମହାରଣା, କେ.ବାରାନିଧି ପାତ୍ର, ବୃନ୍ଦାବନ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ କବି ସୁବାସ ଚନ୍ଦ୍ର ତାରିଣୀ, ସୁରେଶ ଚନ୍ଦ୍ର ପାଢ଼ୀ, ପଦ୍ମ ଲୋଚନ ଗୌଡ, କୈଳାଶ ଚନ୍ଦ୍ର ପ୍ରଧାନ, ଦ୍ୱିତୀକୃଷ୍ଣ ବିଶ୍ୱାଳ, ଖଳି ପରିଡ଼ା, ବୈଷ୍ଣବୀ ପ୍ରଧାନ, ଜୟନ୍ତୀ ପଢ଼ିଆରୀ ପ୍ରମୁଖ କବିତା ପାଠ କରିଥିଲେ।




# ବିବାହର ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ଦୁର୍ଷ୍କର୍ମ ଅଭିଯୋଗ, ଅଭିଯୁକ୍ତ କୋର୍ଟ ଚାଲାଣ

ହିଞ୍ଜିଳିକାଟୁ **୧୫/୪(ନି.ପ୍ର):** ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଅପହରଣ କରିନେବା ସହ ବଳପୂର୍ବକ ଦୁର୍ଷ୍କର୍ମ କରିବା ଏବଂ ପରବର୍ତ୍ତୀ ସମୟରେ ଶାରୀରିକ ନିର୍ଯ୍ୟାତନା ଦେବା ନେଇ ହିଞ୍ଜିଳି ଥାନାରେ ଅଭିଯୋଗ ହୋଇଛି। ନାବାଳିକାଙ୍କ ଅଭିଯୋଗ କ୍ରମେ ହିଞ୍ଜିଳି ଥାନାରେ କେସ ନଂ- ୨୮୮/୨୫ ରେ ଏକ ମାମଲା ରୁଜୁ ହୋଇଛି। ଶନିବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଗିରଫ ଜଣଙ୍କ ହେଲେ ପୁରୁଷୋତ୍ତମପୁର ଥାନା ଦେଉଳପଲ୍ଲୀ ଗ୍ରାମର ସୁନିଲ ନାୟକ ବୋଲି ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି। ଅଭିଯୋଗ ପ୍ରକାରେ, ହିଞ୍ଜିଳିକାଟୁ ପୌରାଞ୍ଚଳର ଜଣେ ନାବାଳିକାଙ୍କ ସହ ପୁରୁଷୋତ୍ତମପୁର ଥାନା ଦେଉଳପଲ୍ଲୀ ଗ୍ରାମର ସୁନିଲଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା। ଗତ ଅଗଷ୍ଟ ୨୩ ତାରିଖରେ ଯୁବକ ଜଣଙ୍କ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଅପହରଣ କରିନେବା ସହ ନାବାଳିକାଙ୍କୁ ଘରକୁ ନେଇ ରଖିଥିଲେ। ପରବର୍ତ୍ତୀ ସମୟରେ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ନାବାଳିକା ଜଣଙ୍କ ୨ ମାସର ଗର୍ଭବତୀ ହେବା ପରେ ସୁନିଲଙ୍କ ସମେତ ତାଙ୍କ ବଡଭାଇ ମନୋଜ ନାୟକ, ମାଆ କସ୍ତୁରୀ ନାୟକ ଓ ବାପା କାଳୁ ନାୟକ ଖାଇବାକୁ ନଦେବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ନିର୍ଯ୍ୟାତନା ଅସହ୍ୟ ହେବାରୁ ଘଟଣା ନେଇ ନାବାଳିକା ଜଣଙ୍କ ତାଙ୍କ ମାଆଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ଖବର ପାଇ ନାବାଳିକାଙ୍କ ମାଆ ଦେଉଳପଲ୍ଲୀ ଗ୍ରାମରେ ପହଞ୍ଚି ନାବାଳିକା ଝିଅକୁ ହିଞ୍ଜିଳିକାଟୁ ଆଣିଥିଲେ। ଘଟଣା ନେଇ ଶୁକ୍ରବାର ରାତିରେ ନାବାଳିକା ଜଣଙ୍କ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ ଏକ ମାମଲା ରୁଜୁ କରି ଶନିବାର ହିଞ୍ଜିଳି ପୁଲିସ ଦେଉଳପଲ୍ଲୀ ଗ୍ରାମରେ ପହଞ୍ଚି ସୁନିଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

# ମଣ୍ଡେଇ କୁ ନେଇ ଦୁଇ ଗାଁ ମଧ୍ୟରେ ବିବାଦ ୧୪୪ ଧାରା ଜାରି





ନବରଙ୍ଗପୁର **୧୫/୪(ନି.ପ୍ର):** ପୁରୁଣା ଗଣ୍ଡଗୋଳ କୁ କେନ୍ଦ୍ର କରି ଗ୍ରାମରେ ମଣ୍ଡେଇ ହେଉଥିବା ଆଦିବାସୀ ନାଟକ ରେ ଗୋଟେ ଗୋଷ୍ଠୀ ଖୁଡଖୁଡି ଖେଳ ପକାଇବା ପାଇଁ ଓ ଆଉ ଗୋଟେ ଗୋଷ୍ଠୀ ଖୁଡ଼ଖୁଡି ବନ୍ଦ ପାଇଁ ଚେଷ୍ଟା କରୁଥିଲେ ।କୁନ୍ଦେଇ ଥାନା ଅଧିକାରୀ ଉଭୟ ପକ୍ଷଙ୍କୁ ଥାନାରେ ଡାକି ସମାଧାନ ବାଟ କାଢ଼ିବାକୁ ଚେଷ୍ଟା କରିଥିଲେ ।କିନ୍ତୁ ସମାଧାନ ହେଇ ପାରିନଥିଲା ।ଫଳରେ ପ୍ରଶାସନ ବାଧ ହେଲା ୧୪୪ ଧାରା ଜାରି କରିବା ପାଇଁ ବର୍ତମାନ ସୁଦ୍ଧା ତୁରୁଡି ଆଦିବାସୀ ଗ୍ରାମରେ ୧୪୪ ଧାରା ଜାରି ରହିଛି, ଘଟଣାସ୍ଥଳରେ ଉମରକୋଟ ଷ୍ୱୟକ୍ଷକ୍ଷ, କୁନ୍ଦେଇ ଥାନା ଅଧିକାରିଙ୍କ ସହ ପୋଲିସ ଫୋର୍ସ ମୁତୟନ କରାଯାଇଛି। ବର୍ତମାନ ଡାବୁଗାଁ ରେ ମଧ କିଛି ଦିନ ପୂର୍ବେ ବିଭିନ୍ନ ଖବରକାଗଜରେ କୁକୁଡା ଲଢେଇ ଓ ଖୁଡଖୁଡି ଖେଳ ଉପରେ ଖବର ପ୍ରସାରିତ ହେଇଥିଲା। ଏବେ ମଧ ଡାବୁଗାଁ କନ୍ୟାଶ୍ରମ ବାଳିକା ବିଦ୍ୟାଳୟର ନିକଟସ୍ଥ ଜଙ୍ଗଲ ରେ ଓ ଉମାରାହାଣ୍ଡି ଗ୍ରାମ ବିଦ୍ୟାଳୟ ପଛପଟେ ଥିବା ନୀଳଗିରି ବଡ଼ ନିକଟ ଜମିରେ ଚାଲିଥିବା କୁକୁଡା ଲଢେଇ ଓ ଖୁଡଖୁଡି ଜୋର ସର ଚାଲିଛି। ଡାବୁଗାଁ ଥାନା ପରିସରରୁ ମାତ୍ର ୩ କିଲୋମିଟର ଭିତରେ ଚାଲିଛି ଏହି ଖେଳ। ଏହି ଦୁଇଟି ସ୍ଥାନରେ କୁକୁଡା ଲଢେଇ କୁ ଜିଲ୍ଲା ପୋଲିସ ପ୍ରଶାସନ ଓ ସ୍ଥାନୀୟ ପୋଲିସ ପ୍ରଶାସନ ବନ୍ଦ୍ କରିବା ପାଇଁ କଣସି ପଦକ୍ଷେପ ନେଉ ନାଥୁବାରୁ ଜନସାଧାରଣ ଆସନ୍ତସ ସୃଷ୍ଟି ହେଉଛି।

# ସ୍ଥାଇ ବାଲିଘାଟ ପାଇଁ ଉପ ଜିଲ୍ଲା ପଳା ଙ୍କୁ ଦାବି ପତ୍ର ପ୍ରଦାନ

ଆଠମଲ୍ଲିକ **୧୫/୪(ନି.ପ୍ର):** ଆଠମଲ୍ଲିକ ଅଞ୍ଚଳ ରେ ଗୃହ ନିର୍ମାଣ ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ପାଇଁ ଆବଶ୍ୟକ ହେଉଥିବା ବାଲି ଆଠମଲ୍ଲିକ ର ଦକ୍ଷୀଣ ପାଶ୍ୱ ରେ କିଆକଟ ଠାରୁ ଜାମୁଡୋଲୀ ପର୍ଯ୍ୟନ୍ତ ସୁଦୀର୍ଘ ମହାନଦୀ ହିଁ ପୂରଣ କରିଥାଏ ।କିନ୍ତୁ ଦୁଃଖ ର ବିଷୟରେ ଯେ ବାଲି ଉତ୍ତଳନ ପାଇଁ ସ୍ଥାଇ ଘଟ ନଥିବାରୁ ଜନସାଧାରଣ ଏବଂ ବାଲି ଚାଲାଣ କରୁଥିବା ଟ୍ରାକ୍ଟର ମାଲିକ ମାନେ ବହୁ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି ।ଏହାର ସ୍ଥାଇ ସମାଧାନ ପାଇଁ ସ୍ଥାନୀୟ ଟ୍ରାକ୍ଟର ମାଲିକ ସଂଘ ତରଫରୁ ଉପଜିଲ୍ଲାପାଳ ଶ୍ରୀ ଉପେନ୍ଦ୍ର କୁମାର ଲୋହାର ଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି ।ଦାବି ପତ୍ର ପ୍ରଦାନ ସମୟ ରେ ସଂଘ ର ସଭାପତି ଡମ୍ବରୁ ଧର ପ୍ରଧନ, ସମ୍ପାଦକ ନଳିନୀରଞ୍ଜନ ପାତ୍ର, କମଳା କାନ୍ତ ପ୍ରଧାନ, ଏବଂ ବହୁତ ଟ୍ରାକ୍ଟର ମାଲିକ ଉପସ୍ଥିତ ଥିଲେ।

# ପୋଲସରା ସହରକୁ ସୁନ୍ଦର ଭାବେ ଗଢ଼ାଯିବ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ

ପୋଲସରା **୧୫/୪(ନି.ପ୍ର):** ପୋଲସରା ଏନଏସି ୧୯ ଗୋଟି ୱାର୍ଡକୁ ନେଇ ଗଠିତ ହୋଇଥିବା ବେଳେ ସହରକୁ ଆହୁରି ସୁନ୍ଦର ଓ ଆକର୍ଷଣୀୟ ରୂପରେ ଗଢିତୋଳିବା ପାଇଁ ପୋଲସରା ଏନଏସି ର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଜେନା ପ୍ରକାଶ କରିଛନ୍ତି। ବିଗତ ଦିନରେ ଦୁର୍ନୀତି ଅଭିଯୋଗ ଆସିବା ସହିତ ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ରୁଷି ମାଝୀଙ୍କ ମନମୁଖୀ କାର୍ଯ୍ୟ ବିଭିନ୍ନ ଖବରକାଗଜରେ ପ୍ରକାଶିତ ପରେ ସେ ଏଠାରୁ ବଦଳି ହୋଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଜେନା କାର୍ଯ୍ୟଭାର ଗ୍ରହଣ କରିବା ପରେ ସ୍ଥିତିକୁ ଅନୁଧ୍ୟାନ କରି ବାରମ୍ବାର କାଉନସିଲ ବୈଠକ ଡାକି ଆଲୋଚନା କରି ପୋଲସରା ଏନଏସି ର ସମସ୍ତ ୱାର୍ଡର ଉନ୍ନତି ପାଇଁ ଅଧକ୍ଷା, ଉପାଧକ୍ଷ, ସମସ୍ତ କାଉନସିଲର ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ନେଇ ସହରର ଉନ୍ନତି ପାଇଁ ଅଣ୍ଟା ଭିଡିଛନ୍ତି। ମୋଟ ୧୯ ଗୋଟି ୱାର୍ଡରେ ଦୁଇଟି ଲେଖାଏ କାର୍ଯ୍ୟ ନିର୍ଦ୍ଧାରଣ କରି ୩୯ ଗୋଟି କାର୍ଯ୍ୟର ଟେଣ୍ଡର, ସାନିଟାଇଜେସନ ଓ ମେଟେରିଆ ଟେଣ୍ଡର, ଟାଉନ୍ ଓ ବସଷ୍ଟାଣ୍ଡ ର କର ଆଦାୟ ପାଇଁ ଟେଣ୍ଡର, ସହରର ପ୍ରବେଶ ପଥ ପାଇଁ ତିନି ଗୋଟି ଓ ଥାନା ପ୍ରବେଶ ପଥ ପାଇଁ ଏକ ଗୋଟି ସ୍ୱାଗତ ବୋର୍ଡ ନିର୍ମାଣ କରିବା, ପୋଲସରା ସହରର ଡ୍ରେନେଜ ଓ ପୁରୁଣା କୋଠାର ନବିକରଣ ପାଇଁ ଟେଣ୍ଡର କରିବା ସହିତ ନୂତନ ବସଷ୍ଟାଣ୍ଡ ନିର୍ମାଣ ଓ ସୌନ୍ଦର୍ଯ୍ୟ କରଣ କରିବା ପାଇଁ ବିଭାଗୀୟ ମନ୍ତ୍ରୀ ଓ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସହିତ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଜେନା ଆଲୋଚନା କରିଛନ୍ତି। ୧୪/୦୪/୨୫ ତାରିଖ ପରଠାରୁ ରୋଡ଼ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହେବ ବୋଲି ଏନ୍ଏସି ପକ୍ଷରୁ ପ୍ରକାଶ ପାଇଛି। ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟଶୈଳୀ ଦ୍ୱାରା ପୋଲସରା ଏନ୍ଏସି ର ଉନ୍ନତି ହୋଇପାରିବ ବୋଲି ଆଶା କରି ଅଧେକ୍ଷା ସଙ୍ଗୀତା ବେହେରା, ଉପାଧକ୍ଷ ସନ୍ତୋଷ କୁମାର ବେହେରାଙ୍କ ସମେତ ଅନ୍ୟ କାଉନସିଲରମାନେ ଆଶା ପ୍ରକଟ କରି ଧନ୍ୟବାଦ ଜଣାଇଛନ୍ତି।

# ଥୁଆମୁଲ ରାମପୁର ଖଣି ଅଞ୍ଚଳରେ ବିକାଶ ପାଇଁ ଉତ୍କଳ ଆଲୁମିନାର ପ୍ରୟାସ




କଳାହାଣ୍ଡି, **୧୫/୪(ନି.ପ୍ର):** କଳାହାଣ୍ଡି ଜିଲ୍ଲା ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ଉତ୍କଳ ଆଲୁମିନା । ରାୟଗଡା ଓ କଳାହାଣ୍ଡି ଜିଲ୍ଲା ସୀମନ୍ତକୁ ଲାଗିରହିଥିବା ଉତ୍କଳ ଆଲୁମିନା କାରଖାନା ଏହାର ଆଖପାଖ ଅଂଚଳରେ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟ ଜରିଆରେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ଅବ୍ୟାହତ ରଖିଛି । ଏହିକ୍ରମରେ କଳାହାଣ୍ଡି ଜିଲ୍ଲା ସୀମାନ୍ତ ତଥା କମ୍ପାନୀର ବାଫଲାମାଳି ଖଣି ସଂଲଗ୍ନ ତିନିଗୋଟି ଗ୍ରାମପଂଚାୟତ ଯଥା ଅଡ଼ରି, ଗୋପୀନାଥପୁର ଓ ମାଳିଗାଁ ପଂଚାୟତରେ ସ୍ୱାସ୍ଥ୍ୟ ସେବା ସୁଧରୂଢ଼ ନିମନ୍ତେ କମ୍ପାନୀ ଦୀର୍ଘ ବର୍ଷରୁ ପ୍ରୟାସ ଜାରି ରଖିଅଛି । ସମ୍ପ୍ରତି ମୋବାଇଲ ସ୍ୱାସ୍ଥ୍ୟ ସେବା, ୩୪ଗାଁରେ ଆମ୍ବୁଲାନ୍ସ ସେବା ଏବଂ ନିରୋଗଶାଳା ମାଧ୍ୟମରେ ଉକ୍ତ ତିନୋଟୋ ଗ୍ରାମପଞ୍ଚାୟତରେ ଦିବାରାତ୍ର ସ୍ୱାସ୍ଥ୍ୟ ସୁବିଧା ଲୋକଙ୍କୁ ପ୍ରଦାନ କରାଯାଉଅଛି । କମ୍ପାନୀ ସିଏସଆର ବିଭାଗ ତରଫରୁ ପ୍ରଚଳିତ ମୋବାଇଲ ସ୍ୱାସ୍ଥ୍ୟ କେନ୍ଦ୍ର ଜରିଆରେ ବାର୍ଷିକ ୨୪,୦୦୦ ରୁ ଉର୍ଦ୍ଧ୍ୱ ଗ୍ରାମବାସୀଙ୍କୁ ହାତପାହାନ୍ତାରେ ମାଗଣାରେ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଇଅଛି । ଏହି ସୁବିଧା ଅଂଚଳର ଉପାନ୍ତ ଗ୍ରାମବାସୀଙ୍କ ସକାଶେ ଆରମ୍ଭ ହୋଇଥିବାବେଳେ ଜଣେ ଡାକ୍ତର ସମେତ ସ୍ୱାସ୍ଥ୍ୟକର୍ମୀ ଓ ସମାଜ ସୁରକ୍ଷା ଅଧିକାରୀ ପ୍ରମୁଖ ଏହି ମୋବାଇଲ ସ୍ୱାସ୍ଥ୍ୟ ସେବା ୟୁନିଟରେ ରୋଗୀସେବା ପାଇଁ ନିୟୋଜିତ ଅଛନ୍ତି । ସେହିପରି ସ୍ଥାନୀୟ ଗୋପୀନାଥପୁର ଗ୍ରାମପଞ୍ଚାୟତରେ ନିରୋଗଶାଳା ପ୍ରତିଷ୍ଠା କରାଯାଇ ଥିବାବେଳେ ମାସିକ ୯୦୦ ରୁ ଉର୍ଦ୍ଧ ରୋଗୀ ଏଠାରେ ମାଗଣାରେ ଚିକିତ୍ସିତ ହେଉଛନ୍ତି । ଏହି ନିରୋଗଶାଳାରେ ରୋଗୀଙ୍କ ରୋଗ ନିରୂପଣ ପାଇଁ ବିଭିନ୍ନ ପ୍ରକାର ରକ୍ତ ପରୀକ୍ଷା ସହ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଉଅଛି । ସେହିଭଳି ଜରୁରୀକାଳୀନ ପରିସ୍ଥିତି ପାଇଁ ଆମ୍ବୁଲାନ୍ସ ଯୋଗେ ତୁରନ୍ତ ରୋଗୀଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ଯଥା ଗୋଷ୍ଠୀ ଚିକିତ୍ସାଳୟ କିମ୍ବା ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିବା ନିମନ୍ତେ କମ୍ପାନୀ ସିଏସଆର ବିଭାଗ ତରଫରୁ ୨୪ଘଣ୍ଟିଆ ଆମ୍ବୁଲାନ୍ସ ସେବା ପ୍ରଦାନ କରାଯାଇଅଛି । ଯାହା ମାସିକ ୨୫ଜଣରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ଜରୁରୀକାଳୀନ ପରିସ୍ଥିତିରେ ଚିକିତ୍ସା କେନ୍ଦ୍ରରେ ଆଣି ଭର୍ତି କରି ଉତ୍ତମ ଚିକିତ୍ସା ସେବା ପ୍ରଦାନ କରାଯାଇଅଛି । ତେବେ ଉକ୍ତ ତିନିଗୋଟି ଗ୍ରାମପଞ୍ଚାୟତରେ ବିଭିନ୍ନ ସଂକ୍ରମଣ ଜନିତ ରୋଗରୁ ରକ୍ଷା ପାଇଁ ଅଂଚଳରେ ସଚେତନତା ସୃଷ୍ଟି କରିବା ପାଇଁ କମ୍ପାନୀ ତରଫରୁ ପଦକ୍ଷେପ ଗ୍ରହଣ କରାଯାଇଅଛି । ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ, ଭିଟାମିନ ହ୍ରାସ ସମ୍ପର୍କିତ ରୋଗ ସଂକ୍ରାନ୍ତରେ ସିଏସଆର ବିଭାଗ ତରଫରୁ ଅବିରତ ପଦକ୍ଷେପ ଗ୍ରହଣ କରାଯାଇଅଛି । ଅନ୍ୟପଟେ ଗୋପୀନାଥପୁର ସ୍ଥିତ ନିରୋଗଶାଳାରେ ଧାର୍ଯ୍ୟ ଦିନ ବିଶେଷଜ୍ଞ ଡାକ୍ତର ପରିଦର୍ଶନରେ ଆସି ସ୍ଥାନୀୟ ଲୋକଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ପ୍ରଦାନ କରୁଅଛନ୍ତି । ଯଥା ଅସ୍ଥିସଲ୍ୟ, ଆଖି, ଶିଶୁ ରୋଗ, ଔଷଧ ଓ ଚର୍ମ ବିଭାଗ ବିଶେଷଜ୍ଞ ଡାକ୍ତର ବିଭିନ୍ନ ସମୟରେ ନିରୋଗଶାଳାକୁ ପରିଦର୍ଶନରେ ଯାଇ ରୋଗୀଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ପ୍ରଦାନ କରିଅଛନ୍ତି । ଅନ୍ୟପକ୍ଷେ ଉତ୍କଳ ଆଲୁମିନା କମ୍ପାନୀ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ସାହାଯ୍ୟର ହାତ ବଢାଇବାକୁ ଯାଇ ୩୪ରୁ ଉର୍ଦ୍ଧ ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କୁ ଜୀବନ ରକ୍ଷାକାରି ଉପକରଣ ପ୍ରଦାନ କରାଯାଇଅଛି । ଅନୁରୂପ ଏହି ତିନୋଟି ପଂଚାୟତରେ ଲୋକଙ୍କ ଆଖି ପରୀକ୍ଷା ଶିବିର ଅନୁଷ୍ଠି କରାଯାଇ କମ ଦୃଷ୍ଟି ଥିବା ବରିଷ୍ଠ ନାଗରିକଙ୍କୁ ଚଷମା ପ୍ରଦାନ ସହ ଅନ୍ୟାନ୍ୟ ଦୃଷ୍ଟି ସହାୟକ ଉପକରଣ ମଧ୍ୟ ପ୍ରଦାନ କରାଯାଇଅଛି । ଉତ୍କଳ ଆଲୁମିନା ଖଣି ପାର୍ଶ୍ୱସ୍ଥ ଅଂଚଳରେ ସମ୍ପ୍ରତି ଜନକଲ୍ୟାଣକାରୀ କାର୍ଯ୍ୟ ଜାରି ରହିଥିବାରୁ ସ୍ଥାନୀୟ ଲୋକେ କମ୍ପାନୀର ସିଏସଆର ବିଭାଗର କାର୍ଯ୍ୟକୁ ନେଇ ସନ୍ତୋଷବ୍ୟକ୍ତ କରିଛନ୍ତି ।

# ରଡ଼ ନିଆଁରେ ଚାଲିଲେ ଦଣ୍ଡୁଆ: ଝାମୁରେ ଚାଲିଲେ କାଳିସୀ







ଚନ୍ଦ୍ରଶେଖରପୁର, ୧୫/୪: ରାଜଧାନୀ ଉପକଣ୍ଠ ଗ୍ରାମଗୁଡ଼ିକରେ ଆଜି ଝାମୁଯାତ୍ରା ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳାଝରୀ ଓସ୍ତପଡ଼ାରେ ରୋହିତ ସାମଲଙ୍କ ନେତୃତ୍ୱରେ ଅନୁଷ୍ଠିତ ଝାମୁଯାତ୍ରାରେ ମା'କାଳୀ ଲାଗିଥିବା କାଳିସୀ ଝାମୁଯାତ୍ରା ପୀଠରେ ଜୀଅନ୍ତା କୁକୁଡ଼ା ଖାଇ ଶ୍ରଦ୍ଧାଳୁଙ୍କୁ ହୁକୁମ ଦେଇଥିଲେ। ସେହିଭଳି ପୀଠରେ ମା' ମଙ୍ଗଳା ଲାଗିଥିବା କାଳିସୀ ତତଲା ପିତ୍ତଳ ହାଣ୍ଡିରେ ଫୁଟୁଥିବା ଖିରିକୁ ହାତ ପୂରାଇ ଖାଇଥିଲେ। ଏପରି କରି କାଳିସୀ ନିଜକୁ ଦଣ୍ଡଦେଇ ଶ୍ରଦ୍ଧାଳୁଙ୍କ ନିକଟରେ ପରୀକ୍ଷା ଦେଇଥିଲେ। ସେହିଭଳି ଦଳରେ ଥିବା ଶତାଧିକ ଦଣ୍ଡୁଆ ଗାଁ ଦାଣ୍ଡ ଧୂଳିରେ ଗଡ଼ିଗଡ଼ି ଝୁଣାମାଡ଼ ଖାଇଥିଲେ। ସକାଳୁ ଗାଁ ମାଗୁଣି କରି ମଧ୍ୟାହ୍ନରେ ପୀଠରେ ପହଞ୍ଚି ହୋମଯଜ୍ଞରେ ନିଜକୁ ପବିତ୍ର କରି ଗାଧୋଇବା ପାଇଁ ଦୟାୱେଷ୍ଟ କେନାଲକୁ ଯାଇ ଝାମୁଯାତ୍ରା ପଡ଼ିଆରେ ପହଞ୍ଚିଥିଲେ। ସେଠାରେ ଖୋଳାଯାଇଥିବା ଗାତରେ ପ୍ରସ୍ତୁତ କରାଯାଇଥିବା ରଡ଼ ନିଆଁରେ ଚାଲିଥିଲେ। ସେହିଭଳି ରଙ୍ଗମାଟିଆ ମା' ବାସୁଳାଇ ପୀଠରେ ଭଗବାନ ମହାରଣାଙ୍କ ନେତୃତ୍ୱରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଗ୍ରାମ କମିଟି ଓ ଯୁବକ ସଂଘର ସମସ୍ତ ସଭ୍ୟ ସହଯୋଗ କରିଥିଲେ। ଆଜି ସକାଳୁ ଦଣ୍ଡୁଆମାନଙ୍କ ସହ କାଳିସୀମାନେ ଗ୍ରାମବୁଲି ମାଗୁଣି କରିଥିଲେ। ଏହି ସମୟରେ ଲୋକମାନେ ସେମାନଙ୍କ ପାଦକୁ ହଳଦୀ ପାଣିରେ ଧୋଇ ପଣା ପିଇବାକୁ ଦେଇଥିଲେ। ମଧ୍ୟାହ୍ନରେ ପୀଠକୁ ସମସ୍ତେ ଫେରି ହୋମ ଯଜ୍ଞରେ ନିଜକୁ ପବିତ୍ର କରି ଗାଧୋଇବା ପାଇଁ ରଙ୍ଗମାଟିଆ ପୋଖରୀକୁ ଯାଇଥିଲେ। ସେଠାରୁ ନୂଆ ପୋଷାକ ପିନ୍ଧି ଦଣ୍ଡୁଆମାନେ ଝାମୁଯାତ୍ରା ପଡ଼ିଆକୁ ଆସିଥିଲେ। ଏହି ସମୟରେ କାଳିସୀମାନଙ୍କ ଆଖିକୁ ଗାମୁଛାରେ ବନ୍ଦ କରି ଦିଆଯାଇ ଅଘୋର ତପରେ ଝୁଲାଯାଇଥିଲା। ଏହାପରେ ଦଣ୍ଡକାଳିସୀ ନିଆଁଗାଡ଼ ଚାରିପଟେ ବୁଲି ଝୁଣାମାରି ମାନସିକଧାରୀ ପିଲାମାନଙ୍କୁ କାଖରେ ଧରି ନିଆଁରେ ଚାଲିଥିଲେ। ଏହାପରେ ଅନ୍ୟ ସମସ୍ତ ଦଣ୍ଡୁଆମାନେ ନିଆଁ ଗାଡ଼ରେ ପଶି ଚାଲିଥିଲେ। ସରକଣା ପଞ୍ଚାୟତ ପ୍ରସିଦ୍ଧ ଫୋଡ଼ା ପାଟୁଆ ଯାତ୍ରା ଉଦ୍‌ଯାପିତ ହୋଇଛି। ସକାଳେ ମା'ଙ୍କୁ ଏକ ସୁସଜ୍ଜିତ ବିମାନରେ ବିରାଜମାନ କରାଇ କାଳିସୀ ଓ ପାଟୁଆ ଦିୱାନ ପୋଖରୀ ନିକଟକୁ ଶୋଭାଯାତ୍ରାରେ ନିଆଯାଇଥିଲା। ସେଠାରେ ମା'ଙ୍କ ସ୍ନାନନୀତି ସଂପାଦନ ହୋଇଥିଲା। ମା'ଙ୍କ ନିକଟରେ ପଣା ଭୋଗ ଲାଗି ହୋଇଥିଲା। ଢୋଲ, ମହୁରି, ହରିବୋଲ ଓ ହୁଳହୁଳି ପକାଇ ପୋଖରୀରେ ପଡ଼ିଥିବା ଖାଇ ଖୁମ୍ବ ଓ ଚରକିକୁ ଉପରକୁ ଉଠାଇ ଯାତ୍ରାପଡ଼ିଆକୁ ନିଆଯାଇଥିଲା। ଅପରାହ୍ନ ୨ଟାରୁ ପାଟୁଆମାନଙ୍କ ପିଠିରେ କଣ୍ଟା ଫୋଡ଼ା ବିଧି ଅନୁଷ୍ଠିତ ହୋଇଥିଲା। ସଂଧ୍ୟାରେ ସରକଣା ଯାତ୍ରା ପଡ଼ିଆରେ ପୋତା ଯାଇଥିବା ଖାଇ ଖୁମ୍ବରେ ପ୍ରଥମେ ମା'ଙ୍କ କାଳିସୀ ଗଙ୍ଗାଧର ବେହେରା ଚରକି ବୁଲିଥିଲେ। ପରେ ବିଧି ଅନୁସାରେ ବଡ଼ ପାଟୁଆ ଭରତ ଭୋଇ ଓ ଅନ୍ୟମାନେ ଚରକି ବୁଲି ଜିଅନ୍ତା କୁକୁଡ଼ା, ଫଳ ଓ ଆମ୍ବ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ଫିଙ୍ଗିଥିଲେ। ପମ୍ପାଲୋ ପଞ୍ଚାୟତ ସରାଟ ଶାସନ ମା ମଙ୍ଗଳାଙ୍କ ଝାମୁ ଯାତ୍ରା ପ୍ରସିଦ୍ଧ ନୀଳକଣ୍ଠେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ମୁଖ୍ୟ କାଳିସୀଙ୍କ ସହ ପାଞ୍ଚ ଜଣ ମାନସିକଧାରୀ ଝାମୁରେ ଚାଲିଥିଲେ। ଯମୁନା ସ୍ନାନ ପରେ କାଳିସୀଙ୍କୁ ପାଳଙ୍କି ଝାମୁ ପାଖକୁ ନିଆଯାଇଥିଲା। ନୀଳକଣ୍ଠେଶ୍ୱରଙ୍କ ପୂଜକ ମାନସ ପଣ୍ଡା ଖନ୍ଦା ହୋମରେ କର୍ତ୍ତା ଭୂମିକା ତୁଲାଇ ଥିଲେ। ଝାମୁରେ ପ୍ରଥମେ ମୁଖ୍ୟ କାଳିସୀ ଏବଂ ପରେ ମାନସିକଧାରୀ ଚାଲିଥିଲେ। ଝାମୁଯାତ୍ରା ଦେଖିବା ପାଇଁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଚଣାହଟାରେ ଫୋଡ଼ା ପାଟୁଆ ହୋଇଥିଲା। ଅଠାନ୍ତର, ଚଣାହଟା, କୁଳନ୍ତିରା, ଗାରେଡ଼ିପାଞ୍ଚଣ, ପମ୍ପାଲୋ, ଭାକର ସାହି, ନରିଶୋ, ବଡ଼ ପୋଖରୀସାହି, ବାଡୁଅସାହି, ନିଧିସାହି, ଆଳୋଇ, ଆମେଣାକୁଦ, ମାର୍ଥାପୁର, ପନ୍ଦାରସାହି, ସୁମୂଦି, ଗୁଆପୁର, କୁଳନ୍ତିରା, ସରିପୁର ପ୍ରଭୃତି ସ୍ଥାନରେ ଝାମୁ ଯାତ୍ରା ଓ ଫୋଡ଼ା ପାଟୁଆ ଅନୁଷ୍ଠିତ ହୋଇଛି। ପଣା ସଂକ୍ରାନ୍ତି ଅବସରରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଜନଗହଳି ସ୍ଥାନରେ ପଣା ଓ ପାଣି ବଣ୍ଟନ କରାଯାଇଛି। ବାଲିପାଟଣା ପୁଲିସ ପକ୍ଷରୁ ପ୍ରତ୍ୟେକ ଅଞ୍ଚଳର ସୁରକ୍ଷା ଦାୟିତ୍ୱ ତଦାରଖ କରାଯାଇଥିଲା।

## 'ସୁଭଦ୍ରା' ଟଙ୍କାରୁ ବଞ୍ଚିତ ଡଙ୍ଗରିଆ ମହିଳା



କଲ୍ୟାଣସିଂହପୁର, ୧୫/୪: ସୁଭଦ୍ରା ଟଙ୍କା ପାଇଁ ସଂଘର୍ଷ କରିବାକୁ ପଡୁଛି ନିୟମଗିରି ପାହାଡ଼ରେ ବସବାସ କରୁଥିବା ଆଦିମ ଜନଜାତି ଡଙ୍ଗରିଆ ମହିଳାଙ୍କୁ। ବାରମ୍ବାର ଆବେଦନ ସତ୍ତ୍ୱେ କଲ୍ୟାଣସିଂହପୁର ବ୍ଲକ ପାର୍ସଲୀ ପଞ୍ଚାୟତର ଅନେକ ଗ୍ରାମର ଡଙ୍ଗରିଆ ମହିଳା ସୁଭଦ୍ରା ଯୋଜନା ସହାୟତା ଅର୍ଥ ପାଇନାହାନ୍ତି। ଯୋଜନା ଆରମ୍ଭରୁ ଏପର୍ଯ୍ୟନ୍ତ ମହିଳାମାନେ ଜନସେବା କେନ୍ଦ୍ର ଓ ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ପଡ଼ିଲେଣି। ଡଙ୍ଗରିଆଙ୍କୁ ବ୍ୟାଙ୍କ ଜମା ଖାତା, ଜନ୍ମ ପ୍ରମାଣପତ୍ର, ଆଧାର କାର୍ଡ, ଜବ୍‌କାର୍ଡ ଭଳି ଅତି ଆବଶ୍ୟକ ପ୍ରମାଣପତ୍ର ପ୍ରଦାନ ପାଇଁ ସରକାରୀ ସ୍ତରରେ ପ୍ରୟାସ ହୋଇଥିଲା। ଏଥି ଲାଗି ପାର୍ସଲୀ ପଞ୍ଚାୟତର ଭିନ୍ନ ଭିନ୍ନ ଗ୍ରାମରେ କ୍ୟାମ୍ପ କରି ଥିଲା ପ୍ରଶାସନ। କିଛି ଦିନ କରିବା ପରେ କ୍ୟାମ୍ପକୁ ପ୍ରଶାସନ ବନ୍ଦ କରି ଦେଇଥିବାରୁ ବହୁ ଡଙ୍ଗରିଆ ହିତାଧିକାରୀ ସେମାନଙ୍କ ଅତ୍ୟାବଶ୍ୟକ ପ୍ରମାଣପତ୍ର ପାଇପାରିନାହାନ୍ତି। ଅନେକ ମହିଳାଙ୍କ ବ୍ୟାଙ୍କ ଖାତା ସୁଦ୍ଧା ନାହିଁ। କାହାର ଆଧାରକାର୍ଡ ସହ ମୋବାଇଲ୍ ନମ୍ବର ଲିଙ୍କ୍ ହୋଇନି ତ କାହାର ଆଧାରକାର୍ଡ ସଂଶୋଧନ ହୋଇନି। ଅନେକଙ୍କ ବ୍ୟାଙ୍କ ପାସ୍‌ବୁକ୍‌ରେ ଟଙ୍କା ହିସାବ ନାହିଁ। ରାଜ୍ୟ ସରକାର ମାଲକାନଗିରି ଜିଲ୍ଲାରେ ବସବାସ କରୁଥିବା ବଣ୍ଡା ଜନଜାତିଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରି ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରିଥିଲେ। କିନ୍ତୁ ନିୟମଗିରିରେ ବସବାସ କରୁଥିବା ଆଦିମ ଜନଜାତିଙ୍କ ପାଇଁ ସେହି ନିୟମ ଲାଗୁ କରିନାହାନ୍ତି। ଫଳରେ ଅନେକ ଡଙ୍ଗରିଆ ଏହି ଯୋଜନାରୁ ବାଦ୍ ପଡ଼ିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି।

## ବାଲି ରୟାଲଟି ବକେୟା ଅଢ଼େଇ କୋଟି: ଧରାଛୁଆଁ ଦେଉନାହାନ୍ତି ଲିଜ୍‌ଧାରୀ



ରାୟଗଡ଼ା, ୧୫/୪: ନିୟମ ଉଲ୍ଲଂଘନ କରି ନାଗାବଳୀ, ବଂଶଧାରାରୁ ବାଲି ଉଠାଇଲେ। ବିନା 'ୱାଇ' ଫର୍ମରେ ଆନ୍ଧ୍ର ସମେତ ପଡ଼ୋଶୀ ଜିଲ୍ଲାକୁ ଚାଲାଣ ହେଲା ଶହ ଶହ ଟ୍ରିପ୍। କୋଟି କୋଟି ଟଙ୍କା ମୁନାଫା କମାଇଲେ ମାଫିଆ। ଶେଷରେ ଚୁକ୍ତି ଅବଧି ସରିବା ପୂର୍ବରୁ ରୟାଲ୍‌ଟି ନ ଦେଇ ଚମ୍ପଟ ମାରିଛନ୍ତି ଲିଜ୍‌ଧାରୀ। ଫଳରେ ରୟାଲ୍‌ଟି ବାବଦରେ ୨ କୋଟି ୪୯ ଲକ୍ଷ ୫ହଜାର ୫୧୬ ଟଙ୍କା ବକେୟା ପଡ଼ିଛି। ବକେୟା ରୟାଲ୍‌ଟି ପୈଠ ପାଇଁ ଖଣି ବିଭାଗ ଲିଜ୍‌ଧାରୀଙ୍କୁ ବାରମ୍ବାର ନୋଟିସ୍ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ରାମନାଗୁଡ଼ା ବ୍ଲକ୍ ଭାମିନି ବଂଶଧାରା ନଦୀ ବାଲିଘାଟକୁ ୨୦୨୨ରୁ ୨୦୨୭ ପର୍ଯ୍ୟନ୍ତ ଲିଜ୍ ଆକାରରେ ନେଇଥିଲେ ମାଳତୀ ଜେନା। ବର୍ଷକୁ ୩୬୦୦ କ୍ୟୁବିକ୍ ମିଟର ହିସାବରେ ୫ ବର୍ଷରେ ୧୮ ହଜାର କ୍ୟୁବିକ୍ ମିଟର ବାଲି ଉତ୍ତୋଳନ ପାଇଁ ଚୁକ୍ତି ହୋଇଥିଲା। କିନ୍ତୁ ଅବଧି ସରିବା ପୂର୍ବରୁ ଲିଜ୍‌ଧାରୀ ବେଧଡ଼କ ବାଲି ଉଠାଇ ଗତବର୍ଷଠାରୁ ବାଲିଘାଟ ଛାଡ଼ି ପଳାଇଛନ୍ତି। ରୟାଲ୍‌ଟି ବାବଦକୁ ତାଙ୍କ ଉପରେ ୪୧ ଲକ୍ଷ ୩୫ ହଜାର ୩୮୪ ଟଙ୍କା ବକେୟା ରହିଛି। ସେହିପରି ବଂଶଧାରା ନଦୀ ଗୁଡ଼ାରି ସ୍ୟାଣ୍ଡ-୧କୁ ୨୦୨୩ରୁ ୨୦୨୫, ଦୁଇ ବର୍ଷ ପାଇଁ ଲିଜ୍ ସୂତ୍ରରେ ନେଇଥିଲେ ଲଳିତ କୁମାର ମହାନ୍ତି। ବାର୍ଷିକ ୧୨ ହଜାର କ୍ୟୁବିକ୍ ମିଟର ବାଲି ନେବା ପାଇଁ ଚୁକ୍ତି ହୋଇଥିଲା। ଲିଜ୍‌ଧାରୀ ମାତ୍ରାଧିକ ବାଲି ଉଠାଇବା ପରେ ଅବଧି ନ ପୁରୁଣୁ ବାଲିଘାଟ ଛାଡ଼ିଦେଲେ। ରୟାଲ୍‌ଟି ବାବଦକୁ ତାଙ୍କ ଉପରେ ବକେୟା ଅଛି ୫୯ ଲକ୍ଷ ୪୫ ହଜାର ୫୪୫ ଟଙ୍କା। ଗୁଡ଼ାରି ବ୍ଲକ୍ ଖଇରାଗୁଡ଼ା ଗ୍ରାମ ନାଳଘାଟର ମଧ୍ୟ ସମାନ ଅବସ୍ଥା। ୨୦୨୧ରୁ ୨୦୨୬ ପର୍ଯ୍ୟନ୍ତ ବାଲି ଉଠାଇବା ପାଇଁ ଦିଲ୍ଲୀପ ସାହୁ ଚୁକ୍ତି କରିଥିଲେ। ଅବଧି ପୂର୍ବରୁ ବାଲିଘାଟ ଛାଡ଼ି ଦେବାରୁ ରୟାଲ୍‌ଟି ବକେୟା ୪୮ ଲକ୍ଷ ୨୯ ହଜାର ୨୭୦ ଟଙ୍କା ଗଡୁଛି। ଗୁଣପୁର ତୁରକାନିଗୁଡ଼ା ବଂଶଧାରା ନଦୀରୁ ବାଲି ଉଠାଣ ପାଇଁ ଲିଜ୍ ପାଇଛନ୍ତି ଶିବାଶିଷ ସାହୁ। ୨୦୨୪ରୁ ୨୦୨୯, ୫ ବର୍ଷ ପାଇଁ ଲିଜ୍ ଅବଧି ରହିଛି। ଲିଜ୍‌ଧାରୀ କିଛି ଦିନ ବାଲି ଉଠାଇବା ପରେ ବାଲିଘାଟ ବନ୍ଦ ହୋଇଯାଇଛି। ଲିଜ୍‌ଧାରୀ ବାର୍ଷିକ ୨୫ ହଜାର ୧୦୦ କ୍ୟୁବିକ୍ ମିଟର ବାଲି ଉଠାଇବା ପାଇଁ ଚୁକ୍ତି କରିଛନ୍ତି। ତୁରକାନିଗୁଡ଼ା ବାଲିଘାଟ ବନ୍ଦ ଥିବାରୁ ବର୍ଷକ ମଧ୍ୟରେ ୭୮ ଲକ୍ଷ ୪୫ ହଜାର ୬୬୬ ଟଙ୍କା ରୟାଲ୍‌ଟି ବକେୟା ଅଛି। ତେବେ ଲିଜ୍‌ଧାରୀ ବକେୟା ରୟାଲ୍‌ଟି ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଅନ୍ୟପକ୍ଷରେ ଭାମିନି, ଗୁଡ଼ାରି ସ୍ୟାଣ୍ଡ-୧ ଏବଂ ଖଇରାଗୁଡ଼ା ନାଳଘାଟ ଲିଜ୍‌କୁ ଖଣି ବିଭାଗ ବାତିଲ୍ କରିଛି। ବକେୟା ଟଙ୍କା ପୈଠ ପାଇଁ ମଧ୍ୟ ୩ ଲିଜ୍‌ଧାରୀଙ୍କୁ ନୋଟିସ୍ କରିଛି ଖଣି ବିଭାଗ। ବାରମ୍ବାର ନୋଟିସ୍ ସତ୍ତ୍ୱେ ଲିଜ୍‌ଧାରୀ ରୟାଲ୍‌ଟି ପୈଠ କରୁନଥିବାରୁ ସେମାନଙ୍କ ବିରୋଧରେ ସାର୍ଟିଫିକେଟ୍ କେସ୍ ହେବ ବୋଲି ଜିଲ୍ଲା ଖଣି ଅଧିକାରୀ ପର୍ଶୁରାମ ପ୍ରଧାନ କହିଛନ୍ତି।

## ରଘୁନାଥପୁରରେ ୩୫ତମ ବିଷୁବ ଉତ୍ସବ ପାଳିତ




ଜଗତସିଂହପୁର ତା୧୫।୪(ନିପ୍ର), ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ଠାରେ ଆଜି ଅପରାହ୍ନରେ ବିଷୁବ ସଂସଦ ତାର ୩୫ତମ ବିଷୁବ ଉତ୍ସବ ପାଳନ କରିଛି। ଅନୁଷ୍ଠାନର ଉପସଭାପତି ତଥା ବିଶିଷ୍ଟ ଶିକ୍ଷାବିତ୍ ରମାରଂଜନ ସ୍ୱାଇଁଙ୍କ ପୌରହିତ୍ୟରେ ଆୟୋଜିତ ବିଷୁବ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କବି, ସାହିତ୍ୟକ, ନାଟ୍ୟକାର ଇଂ ବିଷ୍ଣୁ ସାହୁ ଯୋଗଦେଇ ଆଜିର ବିଷୁବ ଉତ୍ସବର ତାତ୍ପର୍ଯ୍ୟ ସମ୍ପର୍କରେ ସାମ୍ୟକ ଦୃଷ୍ଟିପାତ କରିବା ସହିତ ଦେଶ ବିଦେଶରେ ଉତ୍କଳ ସାହିତ୍ୟର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ। ମୁଖ୍ୟ ବକ୍ତା ପ୍ରେମଚାନ୍ଦ ମହାନ୍ତି, ସମ୍ମାନୀତ ଅତିଥି ପ୍ରଦିପ ଆଚାର୍ଯ୍ୟ, ଓ ଅନ୍ୟତମ ଅତିଥି ବରିଷ୍ଠ ସାମ୍ବାଦିକ ସୁକଦେବ ପରିଡା, ବାବାଜୀ ଚରଣ ସାହୁ, ଗୌତମ ପାଲିତ୍ ଯୋଗଦେଇ ରଘୁନାଥପୁର ଅଂଚଳରେ ଆଜି ପାଳିତ ହେଉଥିବା ଏହି ବିଷୁବ ଉତ୍ସବଟି କିପରି ପ୍ରଥମେ ମାଳିଆଂଚ ଅଂଚଳରେ ୩୫ବର୍ଷ ପୂର୍ବେ ଆରମ୍ଭ ହୋଇ ପରବର୍ତ୍ତୀ ସମୟରେ ରଘୁନାଥପୁରକୁ ସ୍ଥାନାନ୍ତର କରାଯାଇଥିଲା, ସେ ସମ୍ପର୍କରେ ବିଗତ ଦିନର ସ୍ମୃତି ବଖାଣି ଥିଲେ। ଆହୁରି ମଧ୍ୟ ଅନ୍ୟ ପ୍ରମୁଖ ଅତିଥିମାନେ ନିଜ ବକ୍ତବ୍ୟ ମାଧ୍ୟମରେ ଏହି ଅନୁଷ୍ଠାନକୁ ଆଜି ପର୍ଯ୍ୟନ୍ତ ପାଳନ କରୁଥିବା କେତେକ ଶିକ୍ଷାବିତ୍ ଓ ବଦାନ୍ୟ ବ୍ୟକ୍ତି ସମ୍ପର୍କରେ ମତ ରଖିଥିଲେ। ରଘୁନାଥପୁରରେ ପାଳିତ ହେଉଥିବା ଏହି ବିଷୁବ ସଂସଦ ଉତ୍ସବରେ ବିଗତ ଦିନରେ ଭାରତର ତତ୍କାଳୀନ ବାଚସ୍ପତି ସ୍ୱର୍ଗତଃ ରବି ରାୟ ଓ ଓଡିଶାର ପୂର୍ବତନ ବାଚସ୍ପତି ସ୍ୱର୍ଗତଃ ଯୁଧିଷ୍ଠିର ଦାସ ଯୋଗଦେଇ ସଂସଦର କର୍ମକର୍ତ୍ତାମାନଙ୍କୁ ଉତ୍ସାହିତ କରୁଥିଲେ। ଆଜିର ଏହି ଉତ୍ସବରେ ଅନୁଷ୍ଠାନର ସଂପାଦକ ଗୁରୁ ନାରାୟଣ ମହାନ୍ତି, କୋଷାଧ୍ୟକ୍ଷ ହେମନ୍ତ ସାହୁ, ସଭ୍ୟ ବନୋଜ ମହାନ୍ତି, ସରିତ୍ ମହାପାତ୍ର, ସହ ସମ୍ପାଦକ ପ୍ରଭାତ ରାଉତ, ମୋହିତ୍ ଚକ୍ରବର୍ତ୍ତୀ, ଅଶୋକ ମହାନ୍ତି, ପ୍ରମୁଖ ଆଗାମୀ ଦିନ ପାଇଁ ସଂସଦର କାର୍ଯ୍ୟ ପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ବରିଷ୍ଠ ସଭ୍ୟ କଲ୍ୟାଣ ମୁଖାର୍ଜୀ ଏକ କବିତା ମାଧ୍ୟମରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍ କର୍ମଚାରୀଙ୍କ ଅକାଳ ବିୟୋଗରେ ଶୋକ

ଜଗତସିଂହପୁର ତା୧୫।୪(ନିପ୍ର), ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍ ର ୪ର୍ଥ ଶ୍ରେଣୀ କର୍ମଚାରୀ ବିଜୟ ମଲ୍ଲିକଙ୍କ ଆଜି ସୋମବାର ଅକାଳ ବିୟୋଗ ଘଟିଛି। ତାଙ୍କର ସାମାନ୍ୟତମ ଦେହ ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ କଟକ ମେଡିକାଲ ଓ ପରେ ଏକ ଘରୋଇ ମେଡିକାଲକୁ ନେଇ ଚିକିତ୍ସା କରୁଥିଲେ। ତେବେ ସେଠାରେ ତାଙ୍କର ହଠାତ୍ ଆଜି ମୃତ୍ୟୁ ଘଟିଥିଲା। ବିଜୟ ସ୍ଥାନୀୟ ଅଂଚଳର ବ୍ୟକ୍ତି ହୋଇଥିବାରୁ ଓ ସମସ୍ତଙ୍କ ସହିତ ଉତମ ସମ୍ପର୍କ ରଖିଥିବାରୁ ତାଙ୍କ ମୃତ୍ୟୁରେ ବ୍ଲକ୍ କର୍ମଚାରୀଙ୍କ ସହ ଅଂଚଳବାସୀ ମର୍ମାହତ ହୋଇଛନ୍ତି। ବିଜୟଙ୍କ ମୃତ୍ୟୁ ଖବର ପାଇ ସମିତି ଉପାଧ୍ୟକ୍ଷ ଦେବାଶୀଷ ତ୍ରିପାଠୀ, ରଘୁନାଥପୁର ସରପଂଚ ସୁଚିତ୍ରା ପଣ୍ଡା, ଯୁବନେତା ଚନ୍ଦ୍ରକାନ୍ତ ପଣ୍ଡା, ନାଏବ ସରପଂଚ ଶ୍ରୀନିବାସ ପଣ୍ଡା, ବିଡିଓ ବିରଂଚି ନାରାୟଣ ବେହେରା, ପୂର୍ବତନ ବିଡିଓ ନମିତା ବାରିକ୍, ଅତିରିକ୍ତ ବିଡିଓ ଜ୍ଞାନଦା ନାଏକ, ସେକ୍ସନ ଅଫିସର ବିଜୟ କୁମାର ମଲ୍ଲିକ, ବ୍ଲକ୍ କ୍ୟାସିୟର ଭବେଶ ଚନ୍ଦ୍ର ବେହେରା, ଦୁଷ୍ମନ୍ତ ଦାସ, ପିଇଓ ସୁଚିତ୍ରାନନ୍ଦ ପାଲ, ସୁନିଲ ମହାପାତ୍ର, ମନୋଜ ଭୋଇ ପ୍ରମୁଖ ବିଜୟଙ୍କ ବାସଭବନରେ ପହଂଚି ତାଙ୍କ ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଶେଷରେ ତାଙ୍କ ମର ଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ସ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ପିଆଜ ଚାଷ ପାଇଁ ପ୍ରୋତ୍ସାହନ ଲୋଡ଼ା

### ବୌଦ୍ଧ ଜିଲ୍ଲାରେ ଏଥର ଭଲ ଅମଳ



ବୌଦ୍ଧ, ୧୫/୪: ଦେଶର ରାଜଧାନୀ ଦିଲ୍ଲୀକୁ ଏକଦା ବୌଦ୍ଧରୁ ରପ୍ତାନି ହେଉଥିଲା ପିଆଜ। କିନ୍ତୁ ଏହି ଅର୍ଥକରୀ ଫସଲର ଅମଳ ବୃଦ୍ଧି ପାଇଁ ଯେଭଳି ଉଦ୍ୟମ ହେବା କଥା ତାହା ଆଉ ହେଉ ନାହିଁ। ଅଧିକ ସଂଖ୍ୟାରେ ଚାଷୀ ଏଥିପ୍ରତି ଆକୃଷ୍ଟ ହେଉନାହାନ୍ତି। ଯେଉଁ କେତେକ ହାତଗଣତି ଚାଷୀ ପୂର୍ବରୁ ଚାଷ କରି ଲାଭବାନ ହୋଇଛନ୍ତି, କେବଳ ସେହିମାନେ ହିଁ ଏହି ଚାଷ କରୁଛନ୍ତି। ସେଥିରୁ କେତେକ ସରକାରୀ ଯୋଜନାରେ ସହାୟତା ପାଉଥିବା ବେଳେ ଅନ୍ୟମାନେ ସେଥିରୁ ବଞ୍ଚିତ ହେଉଛନ୍ତି। କେବେ ଭଲ ଅମଳ ହେଉଛି ତ ଆଉ କେବେ କ୍ଷତି ସହିବାକୁ ପଡୁଛି। ଏଥର କିନ୍ତୁ ଶୀତର ପ୍ରଭାବ ଅଧିକ ଦିନ ରହିଥିବାରୁ ପିଆଜ ଭଲ ଅମଳ ହୋଇଥିବା ସୂଚନା ମିଳିଛି। କିନ୍ତୁ ତାହା ପୂରା ଜିଲ୍ଲାର ଚାହିଦା ପୂରଣ କରିବା ପାଇଁ ଯଥେଷ୍ଟ ନୁହେଁ। ସେଥିପାଇଁ ମହାରାଷ୍ଟ୍ରର ବିଭିନ୍ନ ମଣ୍ଡିରୁ ଟନ୍ ଟନ୍ ପିଆଜ ଆମଦାନି ହୋଇଆସୁଛି। ସୂଚନା ମୁତାବକ, ଏଥର ରବି ଋତୁରେ ଉଦ୍ୟାନ ବିଭାଗ ପକ୍ଷରୁ ୨୯୦ ହେକ୍ଟର ଜମିରେ ପିଆଜ ଚାଷ ପାଇଁ ସହାୟତା ଯୋଗାଇ ଦିଆଯାଇଥିଲା। ନଭେମ୍ବର-ଡିସେମ୍ବରରେ ଚାଷୀମାନେ ଏହି ପିଆଜ ଚାଷ କରିଥିବା ବେଳେ ୧୦୦-୧୨୦ ଦିନ ପରେ ମାର୍ଚ୍ଚ-ଏପ୍ରିଲ୍ ?ରେ ଏହା ଅମଳ ହେଉଛି। ଅନ୍ୟପକ୍ଷରେ ବିନା ସରକାରୀ ସହାୟତାରେ ମଧ୍ୟ କେତେକ ପିଆଜ ଚାଷ କରିଛନ୍ତି। ସେମାନେ ମୁଖ୍ୟତଃ ନିକଟସ୍ଥ ସାରବିହନ ଦୋକାନ ଉପରେ ନିର୍ଭରଶୀଳ। ଏଭଳି ସାରା ଜିଲ୍ଲାରେ ୧୫ ଶହରୁ ଅଧିକ ହେକ୍ଟର ଜମିରେ ପିଆଜ ଚାଷ ହୋଇଛି। ତେବେ ପିଆଜକୁ ଅଧିକ ଦିନ ସଂରକ୍ଷିତ ରଖିବା ପାଇଁ ଜିଲ୍ଲାରେ ଶୀତଳଭଣ୍ଡାରର ଅଭାବ ରହିଛି। କେବଳ କିଛି ଦିନ ପର୍ଯ୍ୟନ୍ତ ସଂରକ୍ଷିତ ରଖିବା ପାଇଁ ୪୦-୫୦ଟି ପିଆଜଘର ରହିଛି। ଶୀତଳଭଣ୍ଡାର ସ୍ଥାପନ ହେଲେ ଚାଷୀମାନେ ଅଧିକ ଲାଭବାନ ହୋଇପାରନ୍ତେ। ତେବେ ପିଆଜ ଚାଷକୁ ନେଇ ସଚେତନତା ବୃଦ୍ଧି କରାଯିବା ସହ ଚାଷୀମାନଙ୍କୁ ଆବଶ୍ୟକ ତାଲିମ ଦିଆଗଲେ ଜିଲ୍ଲାରେ ଏହାର ଅମଳ ବୃଦ୍ଧି ପାଇପାରନ୍ତା। ବଜାର ଚାହିଦା ପୂରଣ ପାଇଁ ବାହାର ରାଜ୍ୟରୁ ହେଉଥିବା ଆମଦାନିର ପରିମାଣ ହ୍ରାସ ଘଟିବା ସହ ସୁଲଭ ଦରରେ ଉପଲବ୍ଧ ହୋଇପାରନ୍ତା।

## ଲାଞ୍ଜିଗଡ଼ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ



ଭବାନୀପାଟଣା : ତା. ୧୫.୦୪.୨୦୨୫ (ଜଗନ୍ନାଥ ଏକ୍ସପ୍ରେସ୍)କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକସ୍ତରୀୟ କଳାହାଣ୍ଡି ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା । ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣୀ କରିଥିଲେ । ଏହି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୨୭ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୧୧ ଗୋଟି ଓ ସାମୂହିକ ୧୪ ଗୋଟି ରହିଥିବା ବେଳେ ୮ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ରୁ ୨ ଜଣଙ୍କୁ ଆର୍ଥିକ ସହାୟତା ଏବଂ ଜଣଙ୍କୁ ହୁଇଲ୍ ଚେୟାର, ହରିଶ୍ଚନ୍ଦ୍ର ସହାୟତା ଯୋଜନା ରେ ଶକୁନ୍ତଳା ଗଉଡ,ସବିତା ଗଉଡ,ମାଡି ବନ୍ଦ ଓ କିଡିଙ୍ଗ ଗ୍ରାମର ଅଞ୍ଜନା ଶବର ଙ୍କୁ ପ୍ରତ୍ୟେକ ଙ୍କୁ ତିନି ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଜିଲ୍ଲାପାଳଙ୍କ ଦ୍ୱାର ପ୍ରଦାନ କରାଯାଇଥିଲା। ଏହି ଶିବିରରେ ପ୍ରଧାନମନ୍ତ୍ରୀ ଆବାସ ,ଭତ୍ତା, ପାନୀୟଜଳ, ରେଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ପୂର୍ତ୍ତ, ବିଦ୍ୟୁତ, ଗ୍ରାମ୍ୟ ଉନ୍ନୟନ, ଶିଶୁ ସୁରକ୍ଷା, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ମିନତୀ ଲତା ଦାସ, ଜିଲ୍ଲା ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ,ମୁଖ୍ୟ ଜିଲା କୃଷି ଅଧିକାରୀ ମଳୟ କୁମାର ପରିଡା, ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଚ୍ଛ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଙ୍କ ସମେତ ସ୍ଥାନୀୟ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଡିଓ , ତହସିଲଦାର ଏବଂ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ,ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

## ବୋରଭଟା ଗ୍ରାମଠାରେ ଅଷ୍ଟ ପ୍ରହର ନାମ ସଂକୀର୍ତ୍ତନ ଆରମ୍ଭ



ଭବାନୀପାଟଣା ତା ୧୫/୪/୨୫(ଜଗନ୍ନାଥ ଏକ୍ସପ୍ରେସ୍) କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ କାମଥନା ଗ୍ରାମ ରେ ଆଧ୍ୟାତ୍ମିକ ଭକ୍ତି ଭାବନାରେ ଧୀରେ ଧୀରେ ଲୋକେ ନିଜକୁ ସମର୍ପିତ କରୁଥିବା ବିଶେଷ ଭାବରେ ଏବେ ଦେଖିବାକୁ ମିଳୁଛି । କେଉଁଠି ଗାୟତ୍ରୀ ମହାଯଜ୍ଞ ତ ଆଉ କେଉଁଠି କାଳୀ, ଭାଗବତ ପାରାୟଣ, ରାମାୟଣ ପାରାୟଣ,କୃଷ୍ଣ ମହାଯଜ୍ଞ ବାଲ୍ୟ ଲୀଳା ହେଉଥିବା ବେଳେ ଗାଁ ମାନଙ୍କରେ ବହୁ ମାତ୍ରାରେ ହରି ନାମ ସଂକିର୍ତ୍ତନ ଅଖଣ୍ଡ ନାମଯଜ୍ଞ ଦେଖିବାକୁ ମିଳୁଛି । ଠିକ ସେହିପରି କଳାହାଣ୍ଡି ଜିଲ୍ଲା ଭବାନୀ ପାଟଣା ବ୍ଲକ ଅନ୍ତର୍ଗତ କାମଥନା ଗ୍ରାମ ପଞ୍ଚାୟତ ଅଧୀନ ବୋରଭଟା ଗ୍ରାମ ଯାଦବ ପଡ଼ା ଠାରେ ଅଷ୍ଟ ପ୍ରହର ନାମ ସଂକୀର୍ତ୍ତନ ଅଖଣ୍ଡ ନାମଯଜ୍ଞ ୧୪.୦୪.୨୦୨୫ ସକାଳ ସାତ ଘଣ୍ଟା ସାତ ମିନିଟ୍ ରୁ ଶୁଭାରମ୍ଭ ହୋଇ ୧୫.୦୪.୨୦୨୫ ଦିନ ସକାଳ ସାତ ଘଣ୍ଟା ସାତ୍ ମିନିଟ୍ ସମୟରେ ପୂର୍ଣ୍ଣାହୂତି ହେବ। ୧୩.୦୪.୨୦୨୫ ରବିବାର ଅପରାହ୍ନରେ ଅଖଣ୍ଡ ନାମଯଜ୍ଞ ପାଇଁ ଶୁଭ କଳସ ସ୍ଥାପନ କରାଯାଇଥିବା ବେଳେ କଳସ ଯାତ୍ରା ମହା ଆଡମ୍ବର ସହକାରେ କରାଯାଇଥିଲା। ଏହି ନାମ ଯଜ୍ଞରେ ବୋରଭଟା ଯାଦବ ପଡ଼ା, ବୋରଭଟା ମାଝିପଡ଼ା, ଭଙ୍ଗାବାରୀ, ଦସ ପୁର, କର୍ଲାକୋଟ ଓ ବୁଢ଼ୀ ପଦର ମହିଳା ସଙ୍କୀର୍ତ୍ତନ ଦଳ ଅଂଶ ଗ୍ରହଣ କରି ନାମ ସଙ୍କୀର୍ତ୍ତନ ପରିବେଷଣ କରୁଛନ୍ତି। ଯଜ୍ଞ କର୍ତ୍ତା ଭାବେ ସପତ୍ନୀକ ରଥୁରାମ ବାଗ ଓ ଶ୍ରୀମତି କୁମୁଦିନୀ ବାଗ କାର୍ଯ୍ୟ ନିର୍ବାହ କରୁଛନ୍ତି।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ